

‘ଏଲ୍ଏସି ଚୁକ୍ତି ସବୁ ସମସ୍ୟାର ସମାଧାନ ନୁହେଁ’ ପୃଷ୍ଠା ୫


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 214 | ଭାଗ ୩୨ | ସଂଖ୍ୟା ୨୧୪ | Bhubaneswar | Monday 28 October 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୨୮ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଦାନା ପଲଟିକ୍ସ

# ଗୋଦରୀଲୋ ନିଜ ଗୋଡକୁ ଅନା

## ଫାଇଲିନ୍ ଓ ତିତିଲି ମୃତ୍ୟୁସଂଖ୍ୟା ଭୁଲିଗଲା ବିଜେଡି

“କହି ଯାଣିଲେ କଥା ସୁନ୍ଦର। ଗାଁ ଗହଳିର ଏ ଢଗଟି ବିଜେଡି ପାଇଁ ପୂରା ଫିଟ। ଲମ୍ବା ଚଉଡା ଚିକ୍କଣ ରିପୋର୍ଟ ପ୍ରସ୍ତୁତ କରିବାରେ ମାହିର ବିଜେଡି। ଫାଇଲିନ, ତିତିଲି, ଫନି ଭଳି ବଡ ଧରଣର ବାତ୍ୟାରେ ସରକାରଙ୍କ ପ୍ରସ୍ତୁତିଠାରୁ ଅଧିକ କ୍ଷୟକ୍ଷତି ହୋଇଛି ଓ ଆଶଙ୍କାଠାରୁ ଅଧିକ ଲୋକ ମରିଛନ୍ତି। କିନ୍ତୁ ଅମ୍ପାନ, ବୁଲବୁଲ ଓ ୟାସ ଭଳି ଅଳ୍ପ ଇନଟେନସିଟିର ବାତ୍ୟାର ମୁକାବିଲା କରି ବାହାବା ନେଉଥିଲା ବିଜେଡି। ବିଜେପି ଓଡ଼ିଶାରେ କ୍ଷମତାକୁ ଆସିବାର ଚାରି ମାସ ମଧ୍ୟରେ ‘ଦାନା’ ଭଳି ଅତି ଭୟଙ୍କର ବାତ୍ୟାର ମୁକାବିଲା କରିଛି। ସରକାର ନୂଆ, ପ୍ରଶାସନ ବି ନୂଆ। ତାରି ଭିତରେ ବାତ୍ୟା ମୁକାବିଲା କରିଛନ୍ତି। ବିପର୍ଯ୍ୟୟ ସମୟରେ ଲୋକ ଓ ପ୍ରଶାସନ ସହ କାନ୍ଧକୁ କାନ୍ଧ ମିଳାଇବା ବଦଳରେ ସାଇକ୍ଲୋନ ମ୍ୟାନ ଭାବେ ପରିଚିତ ନବୀନ ପଟ୍ଟନାୟକ ଓ ତାଙ୍କ ଟିମ୍‌କୁ ବିପତ୍ତିକୁ ନେଇ ରାଜନୀତି ଶୋଭାପାଉନି। ସେମାନେ ବୋଧହୁଏ ନିଜ ଅତୀତ ଭୁଲିଯାଉଛନ୍ତି।”




**ଫାଇଲିନ୍ ଅକ୍ଟୋବର ୨୦୧୩**
- ମୃତ୍ୟୁ ସଂଖ୍ୟା-୪୪
- ୧୮ ଜିଲ୍ଲା ପ୍ରଭାବିତ
- ୪୨୪୨ କୋଟି ଟଙ୍କାର କ୍ଷୟକ୍ଷତି
- ୧୨ଲକ୍ଷ ହେକ୍ଟର ଫସଲ ନଷ୍ଟ
- ପୁରୀ, ଖୋର୍ଦ୍ଧା, କଟକ, ଗଞ୍ଜାମ ବିଧ୍ୱସ୍ତ

**ତିତିଲି ଅକ୍ଟୋବର ୨୦୧୮**
- ମୃତ୍ୟୁ ସଂଖ୍ୟା-୭୭
- ୩୦୦୦ କୋଟି ଟଙ୍କାର କ୍ଷୟକ୍ଷତି
- ଗଞ୍ଜାମ, ଗଜପତି, ରାୟଗଡା ସର୍ବାଧିକ ପ୍ରଭାବିତ

**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ସମୟରେ ତିନି ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁକୁ ଜପାମାଳି କରିଥିବା ବିଜେଡି ଭୁଲି ଯାଇଛି ଯେ ନିକଟ ଅତୀରେ ଓଡ଼ିଶାରେ ଅକ୍ଟୋବର ମାସରେ ଫାଇଲିନ୍ ଓ ତିତିଲି ଭଳି ବାତ୍ୟା ଆସିଥିଲା ଓ ଏଥିରେ ଶତାଧିକ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ସେହି ସମୟରେ ରାଜ୍ୟରେ ବିଜେଡି ଶାସନ ଗାଦିରେ ଥିଲା। ବାତ୍ୟା ପରବର୍ତ୍ତୀ ସ୍ଥିତିରେ ଦାୟିତ୍ୱବାନ୍ ବିରୋଧିଦଳ ଭାବେ ସରକାରଙ୍କ କାନ୍ଧରେ କାନ୍ଧ ମିଳାଇ ଲୋକଙ୍କୁ ସହାୟତାର ହାତ ବଢ଼ାଇବା ବଦଳରେ ପଛ କଥାକୁ ଭୁଲି ଦଳୀୟ ଦପ୍ତରରେ ବସି ସରାକରଙ୍କ ବଦନାମ କରିବାପାଇଁ ଶବ୍ଦ ଶର ବିନ୍ଧିବାରେ ଲାଗିଛନ୍ତି । ବାତ୍ୟାର ସମ୍ପୂର୍ଣ୍ଣ ପ୍ରକୋପ କମିନଥିବାବେଳେ ବିଜେଡି ଲୋକଙ୍କ ନିକଟରେ ପହଞ୍ଚିବା ବଦଳରେ ଏବେ ସରକାରଙ୍କୁ ➪ପୃଷ୍ଠା-୬

## ମୋହନ ମ୍ୟାଜିକ | ଆକାଶ ମାର୍ଗରୁ ବାତ୍ୟାଞ୍ଚଳ ଅନୁଧ୍ୟାନ

# ୨ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ

- ୯୮ ପ୍ରତିଶତ ବିଜୁଳି ଯୋଗାଣ ସ୍ୱାଭାବିକ
- ପୌରାଞ୍ଚଳରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ
- ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ କୃତଜ୍ଞତା
- ୪ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧନ୍ୟବାଦ



**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରି ନଭେମ୍ବର ୨ ତାରିଖ ସୁଦ୍ଧା ବାତ୍ୟା ଜନିତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ଅପରାହ୍ନରେ ହେଲିକପ୍ଟର ଯୋଗେ ବାତ୍ୟାଞ୍ଚଳ ପରିଦର୍ଶନ କରି ସନ୍ଧ୍ୟାରେ ପରିସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ସମୀକ୍ଷା ପରେ ଗଣମାଧ୍ୟମ ଆଗରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ସମୁଦାୟ ୬୨୧୦ଟି ଆଶ୍ରୟସ୍ଥଳରେ ୮ ଲକ୍ଷରୁ ଅଧିକ ଲୋକ ରହିଥିଲେ। କିନ୍ତୁ ବର୍ତ୍ତମାନ ପ୍ରାୟ ସମସ୍ତେ ନିଜନିଜ ଘରକୁ ଫେରିଗଲେଣି। ଯେଉଁ କେତୋଟି ଗ୍ରାମ ପଞ୍ଚାୟତରେ ପାଣି ଜମି ରହିଛି ସେଠିକାର ଲୋକମାନେ ଏବେବି ଆଶ୍ରୟସ୍ଥଳୀରେ ଅଛନ୍ତି । ମାତ୍ର ୩୦ ହଜାର ଲୋକ ୪୭୦ଟି ଆଶ୍ରୟସ୍ଥଳୀରେ ଅଛନ୍ତି ।

ବିଦ୍ୟୁତ୍ ଯୋଗାଣ ଉପରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ସୁଦ୍ଧା ପ୍ରାୟ ➪ପୃଷ୍ଠା-୬



# ଭୁବନେଶ୍ୱରକୁ ଶ୍ରେଷ୍ଠ ପରିବହନ ପୁରସ୍କାର

**ନୂଆଦିଲ୍ଲୀ,୨୭।୧୦ (ସଂଚାର ବ୍ୟୁରୋ) :** ସପ୍ତଦଶ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୪ରେ ଭୁବନେଶ୍ୱର ସହରକୁ ‘ଶ୍ରେଷ୍ଠ ସାର୍ବଜନୀନ ପରିବହନ ସୁବିଧା ଥିବା ସହର’ ଭାବେ ଜାତୀୟ ପୁରସ୍କାର ମିଳିଛି । କେନ୍ଦ୍ର ଆବାସ ଏବଂ ସହରାଞ୍ଚଳ ବ୍ୟାପାର ଏବଂ ଶକ୍ତି ମନ୍ତ୍ରୀ ମନୋହର ଲାଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

ସ୍ଥାୟୀ ସହରାଞ୍ଚଳ ଗତିଶୀଳତା ସମାଧାନର ଅଗ୍ରଗତି ପାଇଁ ଉତ୍ସର୍ଗୀକୃତ ଏହି ପ୍ରମୁଖ କାର୍ଯ୍ୟକ୍ରମରେ କେନ୍ଦ୍ର ଆବାସ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖାନ ସାହୁ, ଗୁଜରାଟ ସରକାରଙ୍କ ଅର୍ଥ ଏବଂ ଶକ୍ତି ମନ୍ତ୍ରୀ କନୁଭାଇ ଦେଶାଇ, ଓଡ଼ିଶା ସରକାରଙ୍କ ଆବାସ ଏବଂ ନଗର ଉନ୍ନୟନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଶ୍ରୀନିବାସ ଆର. କାଟିକିଥାଲାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ଉଦଯାପନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ବର୍ତ୍ତମାନ କାର୍ଯ୍ୟକ୍ଷମ ରେଳ ନେଟୱାର୍କ ଦୃଷ୍ଟିରୁ ବିଶ୍ୱରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଖୁବ୍ ଶୀଘ୍ର ଭାରତୀୟ ମେଟ୍ରୋ ନେଟୱର୍କ ଦ୍ୱିତୀୟ ସର୍ବବୃହତ୍ ନେଟୱର୍କରେ ପରିଣତ ହେବ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ‘ଏକ ରାଷ୍ଟ୍ର ଏକ କାର୍ଡ’ର ପରିକଳ୍ପନା, ଯାହାକୁ ‘ଜାତୀୟ ସାଧାରଣ ଗମନାଗମନ କାର୍ଡ’ (ଏନସିଏମସି) କୁହାଯାଉଛି, ଏବେ ବାସ୍ତବ ରୂପ ନେଉଛି । ଭାରତର ଅଧିକାଂଶ ମହାନଗର ଏନସିଏମସିକୁ ଗ୍ରହଣ କରିଛନ୍ତି ଏବଂ ➪ପୃଷ୍ଠା-୬

# ବାତ୍ୟା ପରିଚାଳନାରେ ସରକାର ସଫଳ

**ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ):** ବାତ୍ୟା ‘ଦାନା’ର ପରବର୍ତ୍ତୀ ସମୟରେ ବର୍ଷାର ପରିମାଣ କମିଥିବା ବେଳେ ଏବେ ପାଗ ବଦଳିଛି। ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରେ ଜୀବନ ଯାତ୍ରା ସ୍ୱାଭାବିକ ହେଲାଣି। ରାସ୍ତା ସଫା ହେଇ ଗମନାଗମନ ବ୍ୟବସ୍ଥାରେ ସୁଧାର ଆସିବା ସହ ବିଦ୍ୟୁତ୍ ସରବରାହ ଓ ପୁନଃ ସଂଯୋଗ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଏହା ପ୍ରଭାବରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ନୟାଗଡ଼, କଟକ ଓ ଢେଙ୍କାନାଳ ଆଦି ୧୪ ଟି ଜିଲ୍ଲା ପ୍ରଭାବିତ ହେଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି, ବାତ୍ୟା ଯୋଗୁ ୧୦୮ ବ୍ଲକ୍‌ର ୧୬୭୧ ଗ୍ରାମପଞ୍ଚାୟତ ଓ ୮୩୧୭ ଗ୍ରାମ ପ୍ରଭାବିତ ହୋଇଥିବା

- ସୁସମନ୍ୱୟ ଯୋଗୁ ସଫଳତା ମିଳିଲା
- ୩୫.୯୫ ଲକ୍ଷ ସମ୍ପୂର୍ଣ୍ଣ ପ୍ରଭାବିତ, ୧୨୫୦୯୧.୭ ହେକ୍ଟର ଚାଷ ନଷ୍ଟ, ୫୮୩୯ ଘର କ୍ଷତିଗ୍ରସ୍ତ



ବେଳେ, ୩୧ଟି ସହରାଞ୍ଚଳର ୪୨୬ ଟି ୱାର୍ଡର ୩୫, ୯୫, ୦୧୫ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୮ଲକ୍ଷ ୧୦ହଜାର ୮୯୬ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧା ଖାଦ୍ୟ ଦିଆଯାଉଛି। ଏହି ବ୍ୟବସ୍ଥା ସାତ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ବାତ୍ୟା ସମୟରେ ୬୨୧୦ ଆଶ୍ରୟସ୍ଥଳୀ ଖୋଲାଯାଇଥିବା ବେଳେ ସେଥିରୁ ବର୍ତ୍ତମାନ ୧୧୭୮ କାର୍ଯ୍ୟକ୍ଷମ ଅଛି। ଏବେ ସୁଦ୍ଧା ୨୩୨୨କୁଇଣ୍ଟାଲ ଚୁଡା ➪ପୃଷ୍ଠା-୬

# ୨୯ରେ ‘ଆୟୁଷ୍ମାନ ଭାରତ’ ଶୁଭାରମ୍ଭ କରିବେ ମୋଦି

- ବରିଷ୍ଠ ନାଗରିକଙ୍କୁ କ୍ୟାସ୍‌ଲେସ୍ ସୁବିଧା
- ଜଟଣୀରେ ଆୟୁର୍ବେଦ ଓ ନେଚରପାଥି ହସ୍ପିଟାଲର ଉଦ୍‌ଘାଟନ




**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ଆସନ୍ତା ୨୯ରେ ଓଡ଼ିଶାରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା। ଭିଡିଓ କନଫରେନସିଂ ମାଧ୍ୟମରେ ଯୋଡି ହୋଇ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ନିକଟରେ ସରକାର ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଆୟୁଷ୍ମାନ ଭାରତରେ ସାମିଲ୍ କରିଛନ୍ତି।

ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଖୁବଶୀଘ୍ର ଲାଗୁ ହେବାକୁ ଯାଉଛି। ଏବେ ଡାଟା କାମ ଚାଲିଛି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲାଗୁ ହେବ । ନିର୍ଦ୍ଦିଷ୍ଟ ଭାବରେ ୧ କୋଟି ପରିବାରର ପ୍ରାୟ ୩ କୋଟି ୫୦ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ମିଳିବ । ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ସଲମନ୍ ଖାନଙ୍କୁ ହତ୍ୟା ଧମକ ଦେଇଥିବା ଲରେନ୍ସ ବିଷ୍ଣୋଇକୁ ପାଲଟା ଧମକ ଦେଲେ ଉତ୍ତର ପ୍ରଦେଶର ଜଣେ ଯୁବକ। ଏକ ଭିଡିଓ ଜାରି କରି ସଲମନଙ୍କର କିଛି କ୍ଷତି ଘଟିଲେ ଲରେନ୍ସ ବିଷ୍ଣୋଇକୁ ଜେଲରେ ହତ୍ୟା କରିବା ପାଇଁ ୫ହଜାର ସୁଟର ପ୍ରସ୍ତୁତ ଥିବା କହିଲେ।
- ଜମ୍ମୁ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ପାକ୍ ଆତଙ୍କୀଙ୍କ ଗୁପ୍ତ ଆଡ୍ଡା ଠାବ କଲା ସ୍ଥଳ ସେନାର ରୋମିଓ ୟୁନିଟ୍।
- ତାମିଜାଘା ଭର୍ଟି କାଜାଗାମ୍ (ଟିଭିକେ) ନାମରେ ରାଜନୈତିକ ଦଳ ଗଠନ କରିଥିବା ତାମିଲ ସୁପରଷ୍ଟାର ଥାଲପତି ବିଜୟ(୫୦) ଭିକ୍ରାବନ୍ଦୀରେ ପ୍ରଥମ ସମାବେଶ ଆୟୋଜନ କରି ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଲେ। ଉକ୍ତ ସମାବେଶରେ ବିପୁଳ ଜନସମାଗମ ହୋଇଥିଲା।
- ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତର ବିପଜ୍ଜନକ ହୋଇପଡୁଛି। ଅନେକ ଅଞ୍ଚଳର ଏୟାର କ୍ୱାଲିଟି ଇଣ୍ଡେକ୍ସ ବିପଦ ସ୍ତରରୁ ଅଧିକ ରହିଛି। ପ୍ରଦୂଷଣ ଯୋଗୁ କାଶ, ମୁଣ୍ଡବିନ୍ଧା, ଆଖି ସମସ୍ୟା ଓ ଥକ୍କାପଣ ବଢ଼ିବାରେ ଲାଗିଛି। ଦୀର୍ଘ ସମୟ ଧରି ବାୟୁ ପ୍ରଦୂଷଣରେ ବାସ କରୁଥିବା ଲୋକେ ଚର୍ମ କର୍କଟ ଭୋଗିବାର ଆଶଙ୍କା ଥିବାରୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ।
- ମୁମ୍ବାଇର ବାନ୍ଦ୍ରା ରେଳ ଷ୍ଟେସନରେ ଦଳାଚକଟା ଘଟି ୯ ଜଣ ଆହତ ହୋଇଛନ୍ତି। ଏହି ଅଘଟଣ ପାଇଁ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ବିଜେପି ସରକାର କାର୍ଯ୍ୟକାଳରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ସ୍ମରଣ କରି ରେଳମନ୍ତ୍ରୀଙ୍କୁ ଦାୟୀ କଲେ।
- ମହାରାଷ୍ଟ୍ରରେ ଆସନ ବଣ୍ଟନକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କ୍ଷୁବ୍ଧ। ମହାଭିକାଶ ଅଘାଡିକୁ ଚେତାବନୀ ଦେଇ ରାଜନୀତିରେ ବଳିଦାନର ସ୍ଥାନ ନାହିଁ ବୋଲି ମନ୍ତବ୍ୟ ଦେଲେ।

# ଥାନାରେ ପୁଲିସ ପିନ୍ଧିବ ବଡି କ୍ୟାମେରା

## ଅମାନିଆଙ୍କ ପାଇଁ ପ୍ୟାନିକ୍ ବଟନ୍

**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ଜିପି ସମ୍ମିଳନୀ ପୂର୍ବରୁ ଆକ୍ସନ ମୋଡ୍‌ରେ କମିଶନରେଟ୍ ପୁଲିସ। ଅମାନିଆଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୁଲିସର ନୂଆ ଯୋଜନା। ଥାନା ରିସେପସନ୍ ଦାୟିତ୍ୱରେ ଥିବା ଅଧିକାରୀ ପିନ୍ଧିବେ ବଡି କ୍ୟାମେରା। ଥାନାରେ ଉତ୍ପାତ କରୁଥିବା ଅମାନିଆଙ୍କ ଅଡିଓ ଓ ଭିଡିଓ ସେହି ବଡି କ୍ୟାମେରାରେ ରେକର୍ଡ ହେବ। କେବଳ ଏତଲାକାରୀ ନୁହେଁ, ପୁଲିସର ବ୍ୟବହାର ମଧ୍ୟ ରେକର୍ଡ ହେବ। ସେହି ତଥ୍ୟକୁ ତର୍ଜମା କରାଯିବ। କ୍ୟାମେରାରେ ରେକର୍ଡ ଦୃଶ୍ୟକୁ ସିଧାସଳଖ ଦେଖିବେ ସିପି ଓ ଡିସିପି। ଏଥିପାଇଁ ନୂତନ ଜ୍ଞାନ କୌଶଳ ଆପଣାଇବାକୁ ଚେଷ୍ଟା କରାଯାଉଛି। ପାଇଲଟ୍ ପ୍ରୋଜେକ୍ଟ ଭାବେ ଏହି ସେବା ➪ପୃଷ୍ଠା-୬

# ଭରତପୁର ମାମଲା: ସତ୍ୟପାଠ ଦାଖଲ କଲେ ମେଜର ଓ ବାନ୍ଧବୀ




**ଭୁବନେଶ୍ୱର ୨୭।୧୦ (ସଂଚାର ବ୍ୟୁରୋ):** ଦେଶବ୍ୟାପୀ ହଇଚଇ ସୃଷ୍ଟି କରିଥିବା ଭରତପୁର ଥାନା ମାମଲାରେ ସତ୍ୟପାଠର ସମୟ ସୀମା ବୃଦ୍ଧି କରିଛନ୍ତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ ତଦନ୍ତ କମିଶନ। ସମୟ ସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି। ଆସନ୍ତା ମାସ ୮ ତାରିଖରେ ସତ୍ୟପାଠ ଦାଖଲ ଶେଷ ତାରିଖ ରହିଛି। ସୋମବାର (୨୮ତାରିଖ) ସତ୍ୟପାଠ ଦାଖଲର ଶେଷ ତାରିଖ ଥିଲା। ଏହାସହିତ ଥାନାରେ ନିର୍ଯାତନାର ଶିକାର ହୋଇଥିବା ମେଜର ଓ ତାଙ୍କ ବାନ୍ଧବୀ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲ କରିଛନ୍ତି। ସେଦିନ ତାଙ୍କ ସହ କଣ ଘଟିଥିଲା ସେ ସମ୍ପର୍କରେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ମେଜର ଓ ବାନ୍ଧବୀ। ଏହି ମାମଲାରେ କମିଶନ ପକ୍ଷରୁ ସତ୍ୟପାଠ ଦାଖଲ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ଏଯାଏଁ ପାଖାପାଖି ୨୦୦ ଜଣ ସତ୍ୟପାଠ ଦାଖଲ କରିସାରିଥିବା ସୂଚନା ରହିଛି ।

# ସନ୍ୟାସୀଙ୍କ ନିଶାନାରେ ମୋହନ: ମୂକ ଦର୍ଶକ ସରକାର

- ନିଜ ଭାବମୂର୍ତ୍ତି ସଜାଡୁଛନ୍ତି ବିଜେପି ନେତା
- ମହଙ୍ଗା ପଡିପାରେ ସାଇବର ଆକ୍ରମଣକୁ ଅଣଦେଖା
- ମଜା ଦେଖୁଛନ୍ତି ସନ୍ୟାସୀପ୍ରେମୀ ପୁଲିସ୍ ବାବୁ

**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ନିବାସରେ ପରଦା ଆଢୁଆଳରେ ଥିବା ସନ୍ୟାସୀ ଧିରେ ଧିରେ ସକ୍ରିୟ ହୋଇ ଏବେ ନିଜ ସାଇବର ଟିମ୍‌କୁ ସିଧାସଳଖ ଭାବେ ମୁଖ୍ୟମନ୍ତ୍ରୀ ବିଜେପି ବିରୁଦ୍ଧରେ ଲଗାଇ ଦେଇଛନ୍ତି । ଉଦ୍ଦେଶ୍ୟ ହେଉଛି ବିଜେପିର ଆଦବାସୀ ଚେହେରାରେ କାଳି ବୋଳିବା । ଝାଡଖଣ୍ଡ ନିର୍ବାଚନରେ ମୋହନ ଷ୍ଟାର ପ୍ରଚାରକ ହେବାପରେ ଏହି ସାଇବର ଆକ୍ରମଣ ଜୋରଦାର ହୋଇଛି । ବାତ୍ୟା ସମୟରେ ମୁଖ୍ୟମନ୍ତ୍ରୀ ଓ ପୂରା ପ୍ରଶାସନ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଲାଗିଥିବାବେଳେ ଏଇ ମଉକାରେ ସନ୍ୟାସୀଙ୍କ ସାଇବର ଟିମ୍ ମୋହନ ଓ ବିଜେପିକୁ ବଦନାମ କାମରେ ଲାଗିଥିଲେ । ତେବେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ସୋସିଆଲ ମିଡିଆରେ ଅତ୍ୟନ୍ତ ଅରୁଚିକର ଭାବେ ପ୍ରଦର୍ଶନ କରାଯାଉଥିବାବେଳେ ସାଇବର ପୁଲିସ୍ ମୂକ ଦର୍ଶକ ସାଜିଥିବା ଲକ୍ଷ୍ୟ କରାଯାଉଛି । ସାଇବର ସେଲ୍ ପକ୍ଷରୁ ଏହାକୁ ଅଣଦେଖା କରାଯାଉଥିବାବେଳେ ରାଜଧାନୀର କିଛି ଗାଦିମଡା ପୁଲିସ୍ ବାବୁ ଏହାର ଭରପୂର ମଜା ଉଠାଉଛନ୍ତି । ଛୋଟ ମୋଟ ଘଟଣାରେ ସୋସିଆଲ ମିଡିଆ ପୋଷ୍ଟ ଉପରେ ପୁଲିସ୍ ତୁରନ୍ତ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଜେଲରେ ଠୁଙ୍କୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ନଷ୍ଟ କରୁଥିବା ପୋଷ୍ଟ ଉପରେ କାହିଁକି ନିରବ ରହୁଛି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏବେ ବି ସନ୍ୟାସୀଙ୍କ ଅନୁଗତ ପୁଲିସ୍ ବାବୁମାନେ ସେମାନଙ୍କ ପୁରୁଣାପ୍ରେମକୁ ଭୁଲିପାରୁ ନଥିବାରୁ ଏଭଳି ଅବସ୍ଥା ବୋଲି ଆଲୋଚନା ହେଉଛି ।

ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି କିଭଳି ନଷ୍ଟ କରାଯାଉଛି ତାହାର ଗୋଟିଏ ଉଦାହରଣ ହେଉଛି ବାତ୍ୟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଟେଲିଫୋନ୍‌ରେ କଥା ହୋଇ ଓଡ଼ିଶାର ସ୍ଥିତି ଅବଗତ କରିଥିଲେ । ସରକାର ତୁରନ୍ତ ଏହି ସଚିତ୍ର ଖବର ଗଣମାଧ୍ୟମକୁ ଦେଇଥିଲେ । ଏହି ଖବର ଗଣମାଧ୍ୟମ ନିକଟରେ ପହଞ୍ଚିବା ପରେ ପରେ ସନ୍ୟାସୀଙ୍କ ସାଇବର ସେଲ୍ କାଳ ବିଳମ୍ବ ➪ପୃଷ୍ଠା-୬







**ବିଷ୍ଣୁ ପ୍ରସାଦ ମିଶ୍ର**

## ସମ୍ପର୍କଟା ନୂଆ ଯେବେ ହୁଏ

ସମ୍ପର୍କ"ଟା ନୂଆଁ ଯେବେ ହୁଏ
ଜୀବନର ସ୍ରୋତ"ଟେ ଜଗାଏ ,,
ସ୍ନେହ ଶ୍ରଦ୍ଧା ଆଗ୍ରହ ସମ୍ପର୍କ
ଆପେ ଆପେ ଦୃଢ଼ ହୋଇଯଥାଏ ।।

ସନ୍ଦେହରେ ହୁଏନା ସମ୍ପର୍କ
ମିଳନ"ଟା ହୁଏ କ୍ଷଣସ୍ଥାୟୀ ,,
ଆବିଳତା ମନରେ ନଥିଲେ
ସେ ସମ୍ପର୍କ ହୁଏ କାଳଜୟୀ ।।

ସମ୍ପର୍କ ଟା ନୁହେ ଆଶାବାଦୀ
ଆଶା ମଧ୍ୟେ ନୁହଇ ସମ୍ଭବ ,,
ଦୃଢ଼ ହୁଏ ସମ୍ପର୍କର ସେତୁ
ଦୁଇ ହୃଦେ ରହିଥିଲେ ଭାବ ।।

ସମ୍ପର୍କ"ତ ଏମିତି ଚିଜ"ଟେ
ହୁଏନାହିଁ କେବେ ବିକା କିଣା ,,
ସ୍ନେହ ଶ୍ରଦ୍ଧା ସମ୍ପର୍କର ମୂଲ୍ୟ
ଅସମୟେ ପଡେ ତାହା ଜଣା ।।

କେବେ ନୁହେଁ ନୂଆଁ କି ପୁରୁଣା
ସମ୍ପର୍କର ମୂଲ୍ୟ ବୁଝେ ଯିଏ ,,
ବାଣ୍ଟି ନିଜ ସୁଖ ଦୁଃଖ ସବୁ
ମାନବରେ ଶ୍ରେଷ୍ଠ ହୋଇଥାଏ ।।

ରଥଶର୍ମା କଲୋନୀ
**କୋରାପୁଟ**
**ମୋବାଇଲ୍: ୯୧୨୪୦୪୯୧୨୯**

**ତ୍ରିଲୋଚନ ମହାନ୍ତି**

## ଇଚ୍ଛା

ଜୀବନ ଜିଜ୍ଞାସାର ଜଟିଳ ଯାତ୍ରାରେ
ସୂର୍ଯ୍ୟୋଦୟ ସାଥୀରେ
ଜହ୍ନ ଓ ତାରାଫୁଲଙ୍କ ମେଳରେ
ହୃଦୟର ଗଭୀରତମ ପ୍ରଦେଶରେ
ପ୍ରତିଟି ନିଶ୍ୱାସ-ପ୍ରଶ୍ୱାସରେ
ଇଚ୍ଛା ହିଁ
ଏକ ନୂତନ ଆଲୋକର ଅନୁଧାବନ
ଏକ ଅନିନ୍ଦ୍ୟ ଅନୁଗ୍ରହର ପ୍ରସାଧନ
ଏକ ନିବିଡ଼ ନିରବତାର ନିବେଦନ
ଏକ କଳ କଳ ମୁଖରିତ କବିତାର
କୋମଳ ଚୁମ୍ବନ।
ପୁଣି...
ସେ ତ ଉର୍ବର ମାଟିର ବିଶ୍ୱସ୍ତ ବିହନ
ସେ ତ ସମ୍ଭାବନାମୟ ପୃଥିବୀର ସପନ
ସେ ତ ପ୍ରଜାପତିର ମୁକ୍ତିଗୀତରେ ଭରା ପବନ
ସେ ତ ଝଡ଼ର ଛାତିରେ
ପଲ୍ଲବିତ ଆଶ୍ୱସ୍ତିର ପୁଷ୍ପବନ!!
ଇଚ୍ଛାମୟଙ୍କ ଇଚ୍ଛାର କରୁଣାରେ
ଜୀବନର ପ୍ରତିଟି ପାହାଚରେ
ମଧୁମୟ ଇଚ୍ଛାର ଉଚ୍ଛ୍ୱସିତ ଉଡ଼ାଣ
ଇଚ୍ଛା ସହ ସପନର ମହାମିଳନ
ସପନ ସହ ବାସ୍ତବତାରେ ଭରା ଜୀବନେ
ଆଦିମ ଆନନ୍ଦର ଆଲିଙ୍ଗନ।
କେବଳ ନିସର୍ତ୍ତ ପ୍ରେମ ପାଇଁ
ଏକାନ୍ତିକ ଏକତା ପାଇଁ
ନିଷ୍ପକ୍ଷ ମୈତ୍ରୀ ପାଇଁ
ନିଷ୍କାମ ଦୟା ପାଇଁ
ଶବ୍ଦହୀନ ଶାନ୍ତି ପାଇଁ ଓ
ଶୋକହୀନ ଆନନ୍ଦ ପାଇଁ!!
ଯେଉଁଠି ଜୀବନର ସବୁଜିମାଭରା ବନେ
ଇଚ୍ଛା ହିଁ ସାଜିଥାଏ ତରୁଟିଏ
ଯାହାର ମୂଳ ଦୃଢ଼ୀଭୂତ ପୃଥିବୀ ଗର୍ଭରେ
ଡାଳ ପରିବ୍ୟାପ୍ତ ଆକାଶ ବକ୍ଷରେ
ଯାହାର ଆଦି ଆଉ ଅନ୍ତ
କଳିବାକୁ ଲମ୍ଫଦେଇ ଜୀବନ ଫେରୁଛି
ଥରଥର ବୁମେରାଂ ହେଇ ପ୍ରୀତିର ଡାକରେ।

ସଚ୍ଛପଡ଼ା, ବନ୍ଧପଡ଼ା
ରାଜନଗର, କେନ୍ଦ୍ରାପଡ଼ା
ମୋ: ୮୨୮୦୧୯୯୭୭୫



**ପୁଷ୍ପଲତା ମିଶ୍ର**

## ସମାଜ ଓ ସଂକଳ୍ପ

ସମାଜ ସଂକଳ୍ପ ହେବ ଅନାବିଳ
କହିକି ପାରିବ କିଏ,
ତଥାପି କାହିଁକି ମଣିଷ ବୁଝେନା
ଏ ମାୟା ସଂସାର ଇଏ।।
ସମୟର ହାତେ ସଂକଳ୍ପ ରହିଛି
ପାରିବନି ଦେଇ ବାଧା,
ସମାଜ ମଙ୍ଗଳ ଦୁର୍ଲ୍ଲଭ ଅଟଇ
ହୁଏ ଜୀବନ ଟା ଅଧା ।।
ଜନମ କାହିଁକି ମରଣ କାହିଁକି
କେତେ ନିୟମ ଯେ ଏଠି,
ସମାଜ ଚାଲଇ ଭଙ୍ଗା ନଉକା ରେ
ବିଚାର ନାହିଁ ତ ଏଠି ।।
ନିଖିଳ ସଂସାରେ ସମ୍ପଦ ଅନ୍ତରେ
ଜ୍ଞାନ ଭକ୍ତି ପାରା କାଷ୍ଠା,
ଜୀବନ ଯଜ୍ଞ ରେ ଆହୁତି ହେବରେ
ସେବାର ପରମ ନିଷ୍ଠା।।
ଶେଫାଳି ଫୁଲ ର କ୍ଷେଣିକ ଜୀବନ
ରାତିକ ଆୟୁଷ ତାର,
ସମାଜ ର ଦାଣ୍ଡେ ଚାଲେ ନନ୍ଦିଘୋଷ
ପରମ ଶାନ୍ତି ସୁନ୍ଦର।।
ସମର୍ପିତ ହୁଅ ଆଜିର ମଣିଷ
ସମାଜ ପାଇବ ବୁଝି,
ସଂକଳ୍ପ ର ସାଥୀ ତା ପାଖରେ ଆସି
ଦେବ ସୁଯୋଗ ଯେ ଖଞ୍ଜି ।।
ମୋହ ମାୟା ଭରା ଏ ସାରା ସମାଜ
ସପନେ ବନ୍ଧା ଜୀବନ,
ଜୀବନର ସ୍ୱାଦ ଅମୃତ ଆହ୍ଲାଦ
ବିଭୁ ପାଦେ ରଖ ଧ୍ୟାନ ।।
ଶେଫାଳିର ସମ ବାସ ଚହଟାଇ
ଛାଡ଼ିଦ୍ୱା ମର୍ତ୍ତ୍ୟ ଭୁବନ,
ସେହି ପୁଷ୍ପ ପରି ଜୀବନ ଗଢ଼ିଲେ
ଝୁରୀବେ ସକଳ ଜନ।।
ସମାଜ ମଙ୍ଗଳ କରେ ପୁଷ୍ପଲତା
ସଂକଳ୍ପର ବାର୍ତ୍ତା ଦେଇ,
ସମାଜ ଗଢ଼ିବା ସେବା ରେ ବଢ଼ିବା
ଆସରେ ଭଉଣୀ ଭାଇ ।।

ଭୁବନେଶ୍ୱର
୯୩୩୮୨୯୪୭୫୭

## ମୁଁ ଶେଫାଳୀ କହୁଛି

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ଆଜି ରାତିରେ ଅଛି
କାଲିକି ନ ଥିବି
ରାତି ପାହି ସକାଳ
ହେଲା ବେଳକୁ
ଭୂଇଁରେ ଲୋଟି ପଡ଼ିଥିବି।
ସର୍ବଦା ଏମିତି ହେଲେ
କେମିତି ଆଉ
ତୁମକୁ ଭେଟିବାର ଇଚ୍ଛା
ପୂରଣ କରିବି ?
ତଥାପି ପ୍ରତିଦିନ ରାତିରେ
ଚେଷ୍ଟା କରେ
ସକାଳର ପ୍ରତୀକ୍ଷା କରିବି
ଆଉ ତୁମକୁ ଭେଟିବି।
ତେଣୁ ତ ରାତିରେ
ନିଦ ଆସିଲେ
କାକରରେ ମୁହଁ ଧୋଇ
ଅନିଦ୍ରା ରହିଥାଏ।
ଏପରିକି ତୁମେ
ଆସିବାର ପାଦଶବ୍ଦ
ପାହାନ୍ତର ପହର ବେଳକୁ
କାନରେ ବି ବାଜୁଥାଏ।
ତଥାପି କାହିଁକି କେଜାଣି
ତୁମକୁ ଭେଟିବା ଆଗରୁ
କାକର ଲଗା ପାହାନ୍ତା ପହରରେ
ଓଦା ସରସର ଆଖିରେ
ଭୂଇଁରେ ଲୋଟି ପଡ଼ିଥାଏ।
ଇଚ୍ଛା କଲେ ବି ଆଉ
ଉଠି ନପାରି
ତୁମ ସ୍ପର୍ଶ ପାଉଥିବା
ଏ ଭୂଇଁକୁ ବାରମ୍ବାର
ଚୁମିଥାଏ।
ତୁମ କିରଣରେ ଭିଜି
ତୁମ ଉପସ୍ଥିତିକୁ ଅନୁଭବ କରିଥାଏ।

**ଦାମୋଦରପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**

## ଯେବେ ମନେପଡ଼

ଯେବେ ମନେ ପଡେ ତୁମ ଛବି ପ୍ରିୟ
ନାଚିଯାଏ ମୋ ଆଖିରେ
ଇନ୍ଦ୍ରଧନୁର ସାତ ରଙ୍ଗ ନେଇ
ସଜାଏ ତୁମ ଚିତ୍ରରେ...
ହୃଦୟକୁ ମୋର ଜିଣିଲ ଯେ ଦିନ
ମିଳନର ନଦୀ ତୀରେ
ସବୁ ଋତୁ ଲାଗେ ଫଗୁଣ ଫଗୁଣ
ତୁମକୁ ପାଇଲା ପରେ...
ମନ ମୟୂରୀ ମୋ ନାଚି ଉଠିଥିଲା
ଆଶା କଳା ମେଘ ଚାହିଁ
ଜହ୍ନ ସାଜି ଗଲ ମୋ ମନ ଆକାଶେ
ମୁଁ ଯେ ତୁମ ନୀଳ କଇଁ...
କେଉଁ ଜନମରେ କି ସମ୍ପର୍କ ଥିଲା
ଏ ଜନମେ ହେଲା ଦେଖା
ଜୀବନ ବାଟରେ ଚାଲୁ ଚାଲୁ ତୁମେ
ହେଲ ମୋର ପ୍ରିୟ ସଖା...
ମନେ ପଡେ ତୁମ ପ୍ରଥମ ପରଶ



**ଡ. ତାନଶ୍ରୀ ପାଣିଗ୍ରାହୀ**

ଅମୃତର ମଧୁଛୁଆଁ
ପ୍ରୀତିର ଭ୍ରମର ଫୁଲ ପାଖୁଡାରେ
ଲେଖୁଥିଲା ଆମ ନାଆଁ...
ତୁମ ବିନା କେବେ ଗୋଟିଏ ମୁହୂର୍ତ୍ତ
କୁହ ବଞ୍ଚିବି କେମିତି... ?
ଆଗୋ ପ୍ରିୟତମ ଭୁଲିବନି କେବେ
ଆମ ମିଳନର ସ୍ମୃତି ।।

ବାଲେଶ୍ୱର
**ମୋବାଇଲ୍: ୯୩୩୭୩୦୪୨୯୫**



**ଡ. ନାରାୟଣ ଚନ୍ଦ୍ର ସେନାପତି**

## ମୋ ରାଜା ମିଟୁ



ସେଦିନ ଜାନୁଆରୀ ଛବିଶ ତାରିଖ। ସ୍କୁଲରେ ପତାକା ଉତ୍ତୋଳନ କରିବା ପାଇଁ ସଅଳ ବାହାରିପଡ଼ିଲି ମୁଁ। କରୋନାର ଭୟ ପାଖ ଛାଡି ନ ଥାଏ, ମୁହଁ ରେ ମାସ୍କ ଲଗାଇ ନିତିଦିନିଆ ସାଥି ହୁଣ୍ଡା ଗାଡ଼ିରେ ବସି ଚାଲିଲି ସ୍କୁଲ ଅଭିମୁଖେ। ମନରେ ଉଙ୍କି ମାରୁଥାଏ କେତେ କଥା,କାହିଁକି କେଜାଣି ଉଦାସିଆ ମନଟା ଭାରି ଭାରି ଲାଗୁଥାଏ। ବିନା ଛୁଆରେ ସ୍କୁଲ ଷ୍ଟାଫ ଓ କମିଟିର କେତେଜଣଙ୍କୁ ନେଇ ପତାକା ଉତ୍ତୋଳନ ପରେ ମୁଁ ଫେରି ଆସିଲି ଶୀଘ୍ର କାରଣ ମୋତେ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ତେଲକୋଇରେ ଅତିଥି ଭାବେ ପତାକା ଉତ୍ତୋଳନ କରିବାର ଥିଲା।ହଠାତ ଫୋନ୍ ଆସିଲା,ରିସିଭ କଲି,ସେ ଥିଲେ ଚିତ୍ତ ଭାଇ ଯେ କି ବିଦ୍ୟମନ୍ଦିରର ସମ୍ପାଦକ, କହିଲେ ସେନାପତି ଭାଇ ଶୀଘ୍ର ଆସନ୍ତୁ,ଆପଣ ଆସିଲେ ପତାକା ଉତ୍ତୋଳନ ହେବ,ସମସ୍ତେ ପହଂଚିଲେଣି।ହିଁ ଚିତ୍ତ ଭାଇ ପହଁଚୁଛି ୫ ମିନିଟରେ କହି ପୁଣି ଗାଡିର ଏକସିଲେଟର ବଢ଼ାଇଲି।୨ ମିନିଟ ହୋଇଛି କି ନାହିଁ ପୁଣି ଫୋନ୍ ଟା ଗର୍ଜି ଉଠିଲା।ଭାବିଲି ବୋଧେ ତାଙ୍କ ପ୍ରଧାନ ଗୁରୁଜୀ ପୁଣି କଲ କଲେ।ଫୋନ୍ ନ ଉଠାଇ ଗାଡିର ସ୍ପିଡ଼ ବଢାଇଲି।ଫୋନ୍ ବି ମୋ ସହ ପ୍ରତିଦ୍ୱନ୍ଦିତା କଲା।ବାଧ୍ୟ ହୋଇ ଗାଡି ରଖି ଉଠାଇଲି।ସେ ଥିଲା ସାନ ଝିଅ ଆରାଧ୍ୟା।କହିଲା ବାପା ଶୀଘ୍ର ଆସ।ତା କଣ୍ଠସ୍ୱର ଟିକେ ଥରିଲା ପରି ଲାଗୁଥିଲା।କାନ୍ଦି କହୁଥିଲା, ଯେତେ ଶୀଘ୍ର ଆସ,ରାଜା ମିଟୁ ଦେହ ବେଶି ଖରାପ ହୋଇଯାଉଛି।ଆଉ ବିଦ୍ୟାମନ୍ଦିର ଯିବି କଣ, ପବନ ବେଗରେ ଛୁଟି ଆସିଲି ଘରକୁ।ମନେ ମନେ ଠାକୁରଙ୍କୁ ଡାକୁଥାଏ,ପ୍ରଭୁ ରାଜା ମିଟୁର କିଛି ଅଧିକ ଖରାପ ନ ହୋଇଥାଉ,କାରଣ କିଛି ଦିନ ହେଲା ଦେହ ତାର ଭଲ ନ ଥିଲା।

ଘରେ ପହଂଚି ଯାହା ଦେଖିଲି ମୋ ଆଖିକୁ ବିଶ୍ୱାସ ଆସିଲା ନାହିଁ। ରାଜା ମିଟୁ ବେକ ମୋଡି ଶୋଇଛି, ସମସ୍ତେ ତା ପାଖରେ ବସି କାନ୍ଦୁଛନ୍ତି। ଆରାଧ୍ୟା କହିଲା ବାପା, ରାଜା ମିଟୁ ଆଉ କିଛି ହେଉନାହିଁ, ଡାକିଲେ ବି ଶୁଣୁନାହିଁ। ମୋ ଆଖିରୁ କେଇଗୋପା ଲୁହ ଝରି ପଡିଲା। କୋହକୁ ଚାପି ତା ପାଖକୁ ଯାଇ ଡାକିଲି, ମିଟୁ...ଏ ମିଟୁ...ଉଠରେ। ହଠାତ ବେକ ଟେକିଲା, ଗୋଟିଏ ଆଖିରେ ମିଞ୍ଜି ମିଞ୍ଜି ଚାହିଁଲା, ମୁଁ ହାତ ପାଖକୁ ନେଲା ବେଳେ ଧୀରେ ଧୀରେ ଗୋଡ଼ ବଢାଇଲା। ଗୋଡ଼କୁ ବହୁ କଷ୍ଟରେ ମୋ ହାତ ଉପରକୁ ଉଠାଇଲା। ମଣିଷ ପରି କୁହାଉ ଥାଏ। ମୋ ହାତ ଉପରେ ବସାଇଲି। ତାକୁ ଡାକିଲି ମିଟୁ....ଏ ପାପା...ହୁଇସିଲରେ ବଜାଇଲି। ଥଣ୍ଟକୁ ହାତରେ ଘଷୁଥାଏ। ବହୁତ ଚେଷ୍ଟା କରୁଥାଏ ଉଠିବାକୁ, ହେଲେ ପାରୁ ନ ଥାଏ, ବହୁତ ଇଚ୍ଛା ତାର ବଞ୍ଚିବାକୁ ହେଲେ ମରଣ ପାଖ ଛାଡୁ ନ ଥାଏ। ଶେଷରେ ସୁ ସୁ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲା। ତାକୁ ସମସ୍ତେ ଶେଷ ଛୁଆଁ ଦେଲେ, ଭୋ ଭୋ କାନ୍ଦୁଥାନ୍ତି। ମୁଁ କାନ୍ଦୁଥାଏ ଭିତରେ ହେଲେ କୋହକୁ ଚାପି ପ୍ରକାଶ କରୁ ନ ଥାଏ। କିଛି ସମୟ କାନ୍ଦର ଆସର ସତେ ଯେମିତି ଆମକୁ ସ୍ତବ୍ଧ ଚକିତ କରିଦେଲା।

ମିସେସକୁ କହିଲି ଭଲ ଧୋତିଟିଏ ଦେବାକୁ। ତାକୁ ଚିରି ତଳେ ରଖିଲି, ମିଟୁକୁ ତା ଉପରେ ଶୁଆଇ ଦେଲି, ତାକୁ ଢାଙ୍କିବାକୁ ଯିବାବେଳେ ଆରାଧ୍ୟା ମୋ ହାତକୁ ଟାଣି କହୁଥାଏ ତାକୁ ବନ୍ଦ କରନା। ବୁଝାଇଲି, ତାକୁ ଗୋଟିଏ ଗାତ ଖୋଳି ପୋତିବା, ସେଥିରେ ଗଛ ଲଗାଇବା, ସେଠାରେ ଭଲ ଫୁଲ ଫୁଟିବ। ସେ ଫୁଲ ଦେଖିଲେ ମିଟୁ କଥା ମନେ ପକାଇବା। ମୁଁ ତାକୁ ଗୋଟିଏ କୁଲାରେ ନେଲି, ଆରାଧ୍ୟା ଶାବଳଟେ ଆଣିଲା। ପାଖ ଗଛରୁ କହିବାରୁ ଫୁଲ ତୋଳି ଆଣିଲା। ଗାତ ଖୋଳିଲି, ମିଟୁକୁ ଭିତରେ ପୁରାଇଲି। ଚାରିଜଣ ଯାକ କାନ୍ଦି କାନ୍ଦି ଛିଡା ହୋଇଥାଉ। ମିଟୁ ଉପରେ ଫୁଲ ପକାଇଲି।ମାଟି ଦେଲାରୁ ଦୁଇ ଭଉଣୀ ମନା କରି କାନ୍ଦୁଥାନ୍ତି। ଚାହୁଁ ଚାହୁଁ କିଛି ସମୟ ପୂର୍ବରୁ ଆମ ଘରେ ଜୀବନ୍ତ ଥିବା ମିଟୁ ସେଇ ଗାତରେ ସମାଧି ହୋଇଗଲା। କାନ୍ଦି କାନ୍ଦି ସମସ୍ତେ ଫେରିଲୁ। ବାଥ ରୁମରେ ଜଣ ପରେ ଜଣେ ଯାଇ ଗାଧୁଆ ସାରିଲୁ। କେହି ବି କିଛି ଖାଇଲୁ ନାହିଁ।ସତେ ଯେମିତି ଆମ ମନ ତାକୁ ଖୋଜୁଥାଏ। ବାହାରେ ଚେୟାର ଟେ ପକାଇ ବସିଲି। ପାଖ ଗଛକୁ ଚାହିଁଲି।ମନେ ପଡ଼ିଲା ଆମ ଘରେ ତା ଜନ୍ମଠୁ ଆଜିଯାଏ ସ୍ମୃତି।

ସେଦିନ ଆମେ ଥିଲୁ ପଣ୍ଡିତ ସାରଙ୍କ ଭଡା ଘରେ। ମୁଁ ଘରେ ବସି ସାର୍ଟ ଆଇରନ କରୁଥାଏ। ଭଡା ଘର ମାଉସୀଙ୍କ ସ୍ୱର ଶୁଭିଲା ଛାତ ଉପରୁ, ଏ ଶୀତଳ ଆ, ଦେଖିବୁ ଶୁଆଟେ। ଶୀତଳ ଓ ମୁଁ ଦୁହେଁ ଦୌଡ଼ି ଗଲୁ। ଦେଖିଲୁ ଶୁଆଟେ ଉଡି ଆସି ଛାତରେ ପଡିଛି। ମାଉସୀ ତାକୁ ଧରିଲେ। କହିଲେ ଶୀତଳ ନେବୁ କି ? ମୁଁ ରାଜି ନ ଥିଲି କାହିଁକି ନା ପୂର୍ବରୁ ଯେତେ କୁକୁର, ନେଉଳ, ଶୁଆ ରଖିଛି, ସେମାନେ ମରି ଯାଇଛନ୍ତି। ଝିଅର ଜିଦକୁ କାଟି ନ ପାରି ହଁ ମାରି ଧରି ଆଣିଲି। ଏକ ଅଣ୍ଡା କାର୍ଟୁନରେ ପୁରାଇ ଗୋଟିଏ ପାଖ କଣା କରିଦେଲି। ସଂଗେ ସଂଗେ ମାର୍କେଟ ଯାଇ କିଣି ଆଣିଲି ଗୋଟିଏ ପଞ୍ଜୁରୀ। ରହିଲା ସେ ସେଇଠି, ଚାଲିଲା ତା ସହ ଭାବ ବିନିମୟ। ତାକୁ ମୁଁ ହୁଇସିଲ ମରା ଶିଖାଇଲି, ସେ ବି ଧୀରେ ଧୀରେ ଶିଖିଦେଲା। ଶୀତଳ ମୋତେ ପାପା ପାପା ଡାକେ ସେ ବି ଡାକିଲା। ପ୍ରତିଦିନ ତା ସହ ମୋର ଘଣ୍ଟେ ସମୟ ଯାଏ। ମାର୍କେଟ ଗଲେ ବୋଇତାଲୁ ମଞ୍ଜି, ପିଜୁଳି, ସେଓ.... ଏଇମିତି ସବୁ ଜିନିଷ ଖୋଜି ଆଣେ।ଲୋକେ କୁହନ୍ତି ସାର ଶୁଆ ପାଇଁ ଆଜି ନେବେନି କି ? ମକା ସିଜନ ରେ ଆମ ଘରେ ମକା ଗଦା।

କୋଭିଡ ସମୟ ପ୍ରଥମେ ଶୁଣାଗଲା ପଶୁ ପକ୍ଷୀ ଦ୍ୱାରା କରୋନା ହେଉଛି। ମୁଁ ଘରେ କହିଲି ମୁଁ ତାକୁ ଅଲଗା ରୁମରେ ରଖିବି କିନ୍ତୁ ଉଡାଇ ଦେବି ନାହିଁ। ସେଇ କୋଭିଡ, ଲକ ଡାଉନରେ ମୋର ସମ୍ପୂର୍ଣ୍ଣ ଘରେ ରହିବାରେ ତା ସହ ଭାବ ବଢିଗଲା। ଅନନ୍ୟାରେ ଚାଲିଲା କବିତା ପେଢ୍ଢା ଲେଖା, ମୁଁ ସପ ପକାଇ ତଳେ ବସି ଲେଖେ, ପାଖରେ ଥାଏ ମିଟୁ। ମୁଁ ପେନ ଓଠ ପାଖରେ ଦେଇ କଣ ଭାବୁଥିଲା ବେଳେ ସେ ମୋ ପେନ ଟାଣିନିଏ। ବେଳେବେଳେ ତା ଥଂଟରେ ପେନ ମୋ ହାତରେ ଆର ପାଖ।ଦୁହେଁ ଟଣା ଟଣି ହେଉ,ଘରେ ସମସ୍ତେ ଦେଖି ହସନ୍ତି। ମୋ ମୁଣ୍ଡରେ ବସି ଖୁମ୍ପେ, ମୋତେ ନିଦ ଆସିଯାଏ। ମୋ କାନ୍ଧରେ ବସି ମୋ କାନକୁ ଖୁମ୍ପେ। ମୁଁ ଶୋଇପଡିଲେ ମୋ ପିଠିକୁ ଆଉଜି ସେ ଶୁଏ।

ଅନନ୍ୟା ଅଡିଓ ଆସର ସହ ତାର ସମ୍ପର୍କ। ମୁଁ ଅଡିଓ କଲାବେଳେ ସେ ବି ଶବ୍ଦ କରି ପାପା...ଏ ପାପା ଡାକେ। ଯେବେ ଗାଁ କୁ ଯାଉ ତା ବ୍ୟବସ୍ଥା କରି ଯାଉ। ଜଣଙ୍କ ଘରେ ରଖି ତାର ବ୍ୟବସ୍ଥା କରି ଯାଇଥାଏ।ଏମିତିକି ପ୍ରତିଦିନ ଭିଡିଓ କଲରେ ତାକୁ ଦେଖୁ।

ସମୟ ଅତିକ୍ରାନ୍ତ ହୋଇଯାଇଛି। ତା ପଞ୍ଜୁରି ଦାନ କରି ଦିଆଯାଇଛି। ରାସ୍ତାରେ ଗଲାବେଳେ ତା ସମାଧି ଉପରେ ଲଗାଯାଇଥିବା ମନ୍ଦାର ଫୁଲ ଭିତରେ ସତେ ଯେମିତି ତା ଏ ପାପା ଡାକ ଶୁଭୁଛି। ଯେଉଁଠି ଶୁଆ ଦେଖିଲେ ମୁଁ ଆଖି ବୁଲେଇ ଚାଲିଯାଉଛି କାହିଁକି ନା ମୁଁ ଚାହୁଁଛି ମୁଁ କେମିତି ସେ ଅଭୁଲା ଅତୀତକୁ ଭୁଲିଯାଏ। ହେଲେ କଲମ ଧରିଲେ କବିତା ଲେଖିଲେ କି ଅଡିଓ କଲାବେଳେ ଝିଅ ଜନ୍ମଦିନ ପାଳିଲାବେଳେ ସେ ପୁଣି ସ୍ମୃତି ଫରୁଆରୁ ବାହାରି କହୁଛି ଏ ପାପା.... ତୁମ ହାତକୁ ଯେଉଁ ଖୁମ୍ପି ଥିଲି ସେ ଦାଗ ଗଲାଣି ନା ? ମୁଁ ମୋ ହାତର ତା ଖୁମ୍ପା ବିଣ୍ଡି ଦେଖି ଦୀର୍ଘ ନିଶ୍ୱାସଟେ ମାରି ରହିଯାଏ।

**ଜମ୍ବୁରା, କେନ୍ଦୁଝର**



**ସସ୍ମିତା ରାଣୀ ମହାପାତ୍ର**

## ସାମାଜିକ ସମ୍ମାନ



କାହିଁକି କେଜାଣି ମୋ ମା' ମତେ ଅନ୍ୟ ସାଙ୍ଗମାନଙ୍କ ପରି ବାହାରକୁ କେବେ ଯିବାକୁ ଦିଅନ୍ତି ନାହିଁ। ମୁଁ ତେଣୁ ମୋ ସାଙ୍ଗମାନଙ୍କ. ସହିତ ଘନିଷ୍ଠ ସମ୍ପର୍କରେ ଆସିପାରେନାହିଁ। ମା ସବୁବେଳେ ମୋ ଉପରେ ଦୃଷ୍ଟି ରଖିଥାନ୍ତି। ମୋ ମା' ଜଣେ ଉଚ୍ଚ ଶିକ୍ଷିତା ମହିଳା। ଗୋଟିଏ ହାଇସ୍କୁଲରେ ସେ ଶିକ୍ଷକତା ବି କରନ୍ତି। ମୋର ଦେଖାଶୁଣା କରିବାକୁ ଆମ ଘରେ ଲୋକ ଥିଲେ ବି କାହିଁକି କେଜାଣି ସେ ଅନ୍ୟ କାହାଉପରେ ନିର୍ଭର କରିପାରନ୍ତିନାହିଁ। କେବଳ ସେତିକି ନୁହେଁ ଆମ ଘରେ ଥିବା ସମସ୍ତ କର୍ମଚାରୀଙ୍କୁ ମୋ ଜନ୍ମ ପରେ ମା' ବାହାର କରିଦେଇଥିଲେ। ଏପରିକି ଜେଜେମା'ଙ୍କ ସହିତ ମଧ୍ୟ ତାଙ୍କର ସମ୍ପର୍କ ପୂର୍ବ ପରି ଆଉ ମଧୁର ହୋଇନଥିଲା। କାହିଁକି. କେଜାଣି ମୁଁ ଯେତିକି ବଡ଼ ହେଉଥିଲି ମା' ମୋ ପ୍ରତି ସେତିକି ସତର୍କ ହୋଇପଡୁଥିଲେ। ମୁଁ ହାଇସ୍କୁଲ ପର୍ଯ୍ୟନ୍ତ ସ୍କୁଲରେ ନ ପଢ଼ି କେବଳ ଘରେ ହିଁ ପଢୁଥିଲି। ମୋ ସାଙ୍ଗ ସାଥୀ ଆନନ୍ଦରେ ଖେଳ ବୁଲ କରୁଥିବାବେଳେ ମୁଁ ମୋ'ପାଇଁ କିଣାଯାଇଥିବା କଣ୍ଢେଇମାନଙ୍କୁ ଧରି ଖେଳୁଥିଲି ଏକୁଟିଆ। ମୋ ଆଈ ମୋତେ ବହୁତ ଭଲ ପାଉଥିଲେ ଆଉ ମୋର ସମସ୍ତ ଦାୟିତ୍ୱ ମା ନ ଥିବା ସମୟରେ ନେଉଥିଲେ। ଏପରିକି ମୋର ପାଠପଢ଼ା ମଧ୍ୟ ବୁଝୁଥିଲେ। ଷଷ୍ଠ ଶ୍ରେଣୀରେ ମୁଁ ମୋ ମାମା ପଢ଼ାଉଥିବା ସ୍କୁଲରେ ପାଠପଢ଼ିବାକୁ ଯାଉଥିଲି। ମୁଁ ଲକ୍ଷ୍ୟ କରୁଥିଲି ମୋ ମା'ଙ୍କର ସତର୍କ ଦୃଷ୍ଟି ମୋ ଚାରିପାଖରେ ଘୁରି ବୁଲୁଛି।

ମୋ ମା'ଙ୍କର ତୀକ୍ଷ୍ଣ ଦୃଷ୍ଟି ହେତୁ କେହି ମୋ ସହିତ ମିଳାମିଶା କରିବାକୁ ସାହସ କରୁନଥିଲେ। ମୁଁ ବି ପ୍ରାୟ ନିଜକୁ ଏକାକୀ ମଣୁ ଥିଲି ସେତେବେଳେ। ଘରେ କେଉଁ କଥାକୁ ନେଇ କେଜାଣି ବାପା ଓ ମା'ଙ୍କ ମଧ୍ୟରେ ସବୁବେଳେ ଯୁକ୍ତି ତର୍କ ବଢୁଥିଲା। ତାହା ଶେଷରେ ଏତେ ଭୟଙ୍କର ଅବସ୍ଥାରେ ପରିଣତ ହେଲା ଯେ ଉଭୟେ ଉଭୟଙ୍କଠାରୁ ଅଲଗା ହୋଇଗଲେ। ମା' ମୋତେ ନେଇ ସ୍କୁଲ କ୍ୱାର୍ଟରକୁ ଚାଲି ଆସିଲେ ଏବଂ ବାପା ପୁନର୍ବାର ବିବାହ କରି ଅନ୍ୟଜଣକୁ ଘରକୁ ଆଣିଲେ। ବର୍ଷେ ଦେଢ଼ବର୍ଷ ପରେ ଶୁଣିଥିଲୁ ଯେ ବାପାଙ୍କର ପୁଅଟିଏ ହୋଇଛି ବୋଲି। ମୁଁ ଯେତିକି ବଡ଼ ହେଉଥାଏ ମୋ ନିଜ ସମ୍ପର୍କରେ ମୁଁ ସେତିକି ସନ୍ଦିହାନ ହୋଇପଡୁଥାଏ। ଦିନେ ଆଈ ମା'କୁ କହୁଥିବାର ଶୁଣିଲି ବର୍ତ୍ତମାନ ନିଲୁକୁ ସବୁକିଛି ଜଣାଇ ଦେବା ଆବଶ୍ୟକ। ମୁଁ ନୀଳିମା ଦାସ। ସ୍ନେହରେ ମା' ଆଉ ଆଈ ମୋତେ ନିଲୁ ବୋଲି ଡାକନ୍ତି। ମା' କହିଲା, ଆଉ କିଛିଦିନ ଯାଉ। ଆଗକୁ ତା'ର ଦଶମ ବୋର୍ଡ ପରୀକ୍ଷା ଅଛି। ପରୀକ୍ଷା ପରେ ଉପଯୁକ୍ତ ସମୟ ଦେଖି ମୁଁ ତାକୁ ବୁଝାଇ ଦେବି।

ମା' ବୁଝାଇବା ପୂର୍ବରୁ ମୁଁ ଅନେକ କିଛି ବୁଝିସାରିଥାଏ। ଜୀବନରେ ଏମିତି ବହୁତ ଶିକ୍ଷା ଅଛି ଯାହା କେହି ନ ପଢ଼ାଇଲେ ବି ପରିବେଶ ଓ ପରିସ୍ଥିତି ଅନୁସାରେ ବୁଝି ହୋଇଯାଏ। ମୁଁ ବିବୁଝିସାରିଥିଲି ମୋର ଶାରୀରିକ ଅକ୍ଷମତା ସମ୍ପର୍କରେ। ଆଉ ଏହି କାରଣକୁ ଭିତ୍ତିକରି ମୋ ବାପା ଓ ମା'ଙ୍କ ମଧ୍ୟରେ ମନାନ୍ତର ମତାନ୍ତର ହୋଇଥିଲା ବୋଲି ମଧ୍ୟ ବୁଝିପାରୁଥିଲି। ବୁଝିପାରୁଥିଲି ମୋତେ ସାମାଜିକ ପ୍ରତିଷ୍ଠା ଦେବାକୁ ମୋ ମା'ଙ୍କର ଆପ୍ରାଣ ପ୍ରୟାସକୁ। ମୁଁ ଭିନ୍ନକ୍ଷମ ନ ଥିଲି କିନ୍ତୁ ଥିଲି ଅସମ୍ପୂର୍ଣ୍ଣ। କାହିଁକି ଭଗବାନ ମୋତେ ଏଭଳି ଜନ୍ମ ଦେଲେ ବୋଲି ମଧ୍ୟ ମୌନ ଭାବରେ ଈଶ୍ୱରଙ୍କ ନିକଟରେ. ମୁଁ ଅଭିଯୋଗ କରୁଥିଲି। ମା' ମତେ ଥରେ ଡିମିରି ଗଛ ଦେଖାଇ କହିଥିଲେ, ଦେଖୁଚୁ ଏଇ ଗଛରେ ଫୁଲ ଫୁଟେ ନାହିଁ। କିନ୍ତୁ ଫଳ ଭାରରେ ଲଦି ହୋଇଯାଏ ଗଛଟି ପ୍ରାୟ ବର୍ଷ ତମାମ। କେତେ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଏ ଦେଖୁଚୁ ତ? ମୁଁ ବହୁତ ଭଲ ପାଠ ପଢୁଥାଏ। ଖେଳ କୁଦରେ ବି ମନ୍ଦ ନୁହେଁ। ମୋ ଭିତରେ ଅନ୍ୟର ଉପକାର କରିବା ପ୍ରବୃତ୍ତି ବଢ଼ିବା ଦେଖି ମା' କହିଲେ, ମୋର ବିଶ୍ୱାସ ଅଛି ତୁ ଜଣେ ଭଲ ଡାକ୍ତର ହୋଇ ଅସଂଖ୍ୟ ରୋଗୀଙ୍କୁ ଜୀବନ ଦାନ କରିପାରିବୁ। ମୋର ବି ସେଇ ଇଚ୍ଛା ହିଁ ଥିଲା। ମୁଁ ମା'କୁ ପଚାରିଲି ମା', ଈଶ୍ୱର କାହିଁକି ମୋତେ ଏଭଳି ଜନ୍ମ ଦେଲେ କହ ତ? ମା' କହିଲେ ପ୍ରତ୍ୟେକଙ୍କ ଜନ୍ମର ମହତ ଉଦ୍ଦେଶ୍ୟ ରହିଛି। ଆମେ ନିର୍ବୋଧ ମଣିଷ ହୁଏତ ସାମାନ୍ୟ ଦୁଃଖରେ ଭାଙ୍ଗିପଡ଼ି ସମାଜ ପ୍ରତି ଆମର ଦାୟିତ୍ୱ ସମ୍ପର୍କରେ ଭୁଲିଯାଉ। ସେଥିପାଇଁ ଈଶ୍ୱର ତୋତେ ଏଭଳି ଜନ୍ମ ଦେଇ ତୋତେ କୋଟିକେ ଗୋଟିଏ କରିବା ଲକ୍ଷ୍ୟ ରଖିନଥିବେ ବୋଲି କିଏ କହିବ?ମୁଁ ମା'ର କଥାକୁ ବେଦର ଗାର ଭଳି ମାନେ। ତେଣୁ ନିଜକୁ ବୁଝାଇ ଦେଲି ଯେ ଯେଉଁମାନେ ଶାରୀରିକ ବିକଳାଙ୍ଗ ସେମାନେ ବି ତ ସାମାଜିକ ପ୍ରତିଷ୍ଠା ଲାଭ କରି ସମ୍ମାନ ଜନକ ଜୀବନଯାପନ କରିପାରୁଛନ୍ତି। ତେଣୁ ମୁଁ ନିଜକୁ ଅକ୍ଷମ ଅଯୋଗ୍ୟ ବୋଲି ଭାବିବା ତ ଅନାବଶ୍ୟକ।

ଏହାପରେ ମୁଁ କିନ୍ନର ବୋଲି ମୋ ମନରୁ ହୀନମନ୍ୟତା ଦୂରେଇବାକୁ ଚେଷ୍ଟା କଲି। ଏବଂ ମୋପରି ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବାକୁ ନିଜକୁ ସମର୍ଥ କରିବାକୁ ଚେଷ୍ଟା କଲି। ତେବେ ଏସବୁ ପଛରେ ମୋ ମା'ର ତ୍ୟାଗ ଓ ସାଧନା ଯେ ମୋ ସଫଳତାର ରହସ୍ୟ ଏହା ମୋତେ ଉପରକୁ ଯିବାକୁ ଯଥେଷ୍ଟ ସହାୟକ ହୋଇଥିଲା।

ମୁଁ ନିଜ ଉଦ୍ୟମ ବଳରେ ଡାକ୍ତର ହେଲି। ନିଜକୁ ନେଇ ମୋର ଆଜି କୌଣସି ହୀନ ଭାବନା ନାହିଁ। ମୁଁ ରୋଗୀସେବାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛି। ଏବଂ ମୋ ପରି ଲୋକମାନଙ୍କୁ ସମାଜରେ ଅନ୍ୟର ଦୟାର ପାତ୍ର ନ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଏକ ଅନୁଷ୍ଠାନ ମଧ୍ୟ ନିର୍ମାଣ କରିଛି। ମଣିଷ ଚାହିଁଲେ କଣ କରିନପାରେ! ନିଜ ପାଇଁ ସମ୍ମାନ ଭରା ଜୀବନ ତ ପ୍ରତ୍ୟେକଙ୍କର ଆବଶ୍ୟକ।

## ଫଗୁଣ ହେଇଛି ପହିଲି ଛିଠି





**ଆଦିତ୍ୟ ନାୟକ**

ଓହୋ! ସବୁଦିନ ପରି ନିଜର କର୍ମମୟ ଜୀବନରୁ ନିଜକୁ ଟିକେ ଆତ୍ମତୃପ୍ତି କରିବା ପାଇଁ କାର୍ତ୍ତିକ ଚାଲି ଆସନ୍ତା ନଦୀ କୂଳକୁ। ନିଜର ସମସ୍ତ ସମୟ ଅନ୍ୟମାନଙ୍କ ପାଇଁ ଦେବାକୁ ଚେଷ୍ଟା କରୁଥିବା କାର୍ତ୍ତିକ, କେବେ ଭାବି ନାହାନ୍ତି ନିଜ କଥା! ଅସହାୟ, ନିଃସହାୟ ଲୋକମାନଙ୍କ ପ୍ରତି ତାଙ୍କର ଏତେ ଯେ ଭଲପାଇବା ଯିଏ ଆଖିରେ ନ ଦେଖିବ ସେ ବିଶ୍ୱାସ କରିବନି। ହେଲେ ଯେତେ କାମ ଥିଲେ ମଧ୍ୟ ସନ୍ଧ୍ୟା ସମୟଟି ନଦୀ କୂଳରେ ଏକୁଟିଆ ବସି କ'ଣ ସବୁ ଭାବୁଛି। ଉଡ଼ି ଯାଉଥିବା ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ, ଉତ୍ତର ଦିଗରୁ ବହି ଆସୁଥିବା ଶୀତଳ ପବନ ତାଙ୍କୁ ଭାରି ଭଲ ଲାଗେ। ସେଥିପାଇଁ ସେ ଧାଇଁ ଆସନ୍ତି ନଦୀ ପଠାକୁ ଠିକ୍ ସନ୍ଧ୍ୟା ସମୟରେ... ।

ବାପା, ମାଆ ମଧ୍ୟ କାର୍ତ୍ତିକଙ୍କୁ ବହୁତ ଭଲ ପାଆନ୍ତି, କାରଣ କାର୍ତ୍ତିକ ପ୍ରତିଦିନ ସେମାନଙ୍କ ପାଇଁ କିଛି ସମୟ ବାହାର କରି ତାଙ୍କ ସେବା କରି ଥାଆନ୍ତି। କେତେବେଳେ ବି ସେମାନଙ୍କ ଆଖିରେ ଲୁହ ଦେଖିବାକୁ ଭଲ ପାଆନ୍ତି ନାହିଁ କାର୍ତ୍ତିକ।

ଆଜି ଯାଏଁ କାର୍ତ୍ତିକ ବାହା ହୋଇ ନାହାନ୍ତି। ବୟସ ଅଠେଇସି ହେଲାଣି, କାରଣ ସେ ଘରର ସମସ୍ତ କାର୍ଯ୍ୟକୁ ତୁଲାଇ ଦୁଇ ଭଉଣୀଙ୍କ ବିବାହ କରାଇ ସାରିଲେଣି, ହେଲେ କାହିଁକି ବିବାହ କରୁନାହାନ୍ତି?

ହଁ, ପ୍ରେମ ଅନେକ ଜୀବନରେ ଆସିଥାଏ। ହେଲେ କାର୍ତ୍ତିକଙ୍କ ଜୀବନରୁ ବାଦ୍ ପଡ଼ିବ ବା କାହିଁକି ? ସେ ମଧ୍ୟ ନିଜ କଲେଜ ସମୟର ବାନ୍ଧବୀ ପ୍ରିୟାଙ୍କୁ ଭଲ ପାଆନ୍ତି। କିନ୍ତୁ ଘରେ ଦୁଇ ଭଉଣୀଙ୍କ ବିବାହ ନ ସରିଲା ପର୍ଯ୍ୟନ୍ତ ବିବାହ ନ କରିବାକୁ ମନା କରିଥିଲେ କାର୍ତ୍ତିକ। ଏବେ ତ ଭଉଣୀମାନଙ୍କ ବିବାହ ସରିଯାଇଛି ହେଲେ ପ୍ରିୟାଙ୍କୁ କାହିଁକି ବିବାହ କରୁନାହାନ୍ତି କାର୍ତ୍ତିକ? ଏ ପ୍ରଶ୍ନ ମୁଁ ନୁହେଁ ତାଙ୍କ ଭଉଣୀ ଘରଠୁ ସମସ୍ତଙ୍କ ମୁହଁରେ ଏଇ କଥା। କଥା ଥିଲା ପ୍ରିୟାଙ୍କର! କାର୍ତ୍ତିକ ତାଙ୍କ ଭଉଣୀମାନଙ୍କ ବାହାଘର କରି ସାରିଲେ ମୋତେ ଖବର ଦେବେ, ମୁଁ ଆମ ଘରେ କହିବି। ଘରେ ନିଶ୍ଚିତ ରାଜି ହେବେ ବୋଲି ପ୍ରିୟାଙ୍କର ବିଶ୍ୱାସ ଅଛି! ଏବଂ ଘରେ ରାଜି ହେଲେ ଚିଠି ଲେଖି ଜଣାଇ ବି ବୋଲି ପ୍ରିୟା କାର୍ତ୍ତିକଙ୍କୁ କହିଛନ୍ତି। କାର୍ତ୍ତିକ ତ ପ୍ରିୟାଙ୍କୁ କହି ଦେଇଛନ୍ତି ଯେ ମୋ ଭଉଣୀମାନଙ୍କ ବାହାଘର ସରିଯାଇଛି ବୋଲି। ହେଲେ ଏ ପର୍ଯ୍ୟନ୍ତ କୁଆଡ଼େ ଗଲା ପ୍ରିୟାଙ୍କ ଚିଠି? ଭୁଲି ଗଲେକି ସେ କାର୍ତ୍ତିକଙ୍କୁ? କାର୍ତ୍ତିକ ସେଇଥି ପାଇଁ ନିରୋଳାରେ ବସିବା ଲାଗି ନଦୀ ପଠାକୁ ବୋଧେ ଆସନ୍ତି? ହଁ ସତରେ ପ୍ରେମରେ ଥାଏ ଶାନ୍ତି ଓ ଆନନ୍ଦ ବିଶ୍ୱାସ ଥାଏ ପ୍ରିୟାଙ୍କ ଉପରେ!

ସେଦିନ ଥାଏ ଫଗୁଣ ମାସର ପ୍ରଥମ ସୋମବାର। ସକାଳୁ ଉଠି କାର୍ତ୍ତିକ ବସିଥା'ନ୍ତି ଚେୟାର ଉପରେ ହାତରେ ଥାଏ ସାପ୍ତାହିକ ପତ୍ରିକା...ହେଲେ ମନ ଥାଏ ପ୍ରିୟାଙ୍କ ଚିଠି ପାଖରେ। ସତକୁ ସତ ହଠାତ୍ ଡାକ ବାଲା ଆସି ଚିଠି ଦେଲା କାର୍ତ୍ତିକ ବାବୁ ଆପଣଙ୍କର ଚିଠି ଆସିଛି। ଦୌଡ଼ି ଯାଇ ଚିଠିଟିକୁ ଦେଖି ଜାଣିପାରିଲେ ଯେ ଏ ଚିଠି ପ୍ରିୟା ପଠାଇଛନ୍ତି। ସେଥିରେ ଲେଖାଯାଇଛି ଆସନ୍ତା ଫଗୁଣ ଶେଷ ଆଡ଼କୁ ବାହାଘର ହେବ ବୋଲି ଘରେ ରାଜି ହୋଇଛନ୍ତି। ତମ ଘର ଲୋକ ଆମ ଘରକୁ କେବେ ଆସିବେ ବୋଲି ଜଣାଇବ ବୋଲି ଲେଖିଛନ୍ତି। ଫଗୁଣର ପ୍ରଥମ ଚିଠି ପଢ଼ି କାର୍ତ୍ତିକଙ୍କ ମନରେ ଆସିଲା ଏକ ଭିନ୍ନ ଶିହରଣ। ଖୁସିରେ ସେ ବିଭୋର ହୋଇ ନିଜକୁ ହଜାଇ ଦେଲେ ଏକ ସୁନେଲି ସ୍ୱପ୍ନରେ। ପ୍ରକୃତରେ କାର୍ତ୍ତିକ ବାବୁଙ୍କର ଭଲ ପାଇବାର ବିଶ୍ୱାସ ତାଙ୍କୁ ଆଣି ଦେଲା ଏକ ସୁନେଲି ସକାଳ।

**ଅଳତୀ, କେନ୍ଦୁଝର**

**ପ୍ରେମାନନ୍ଦ ଖଣ୍ଡୁଆଳ**



## ବାପା... ତୁମେ ମଣିଷ ହେବନି

ହଠାତ୍ ମୋ ସାନଭାଇ ପର ବୁଦ୍ଧିରେ ଅଡ଼ିବସିଲା ମୋ ସହିତ ଚଳି ପାରିବନି, ଭିନ୍ନେ ହବ। ମୁଁ ଆଶ୍ଚର୍ଯ୍ୟ ହେଲି, ତାକୁ ବୁଝେଇବା ପାଇଁ ତା ହାତ ଧରିପକେଇଛି ତ ମୋତେ ଧକ୍କାଟେ ପକେଇ କହିଲା - ମୋ ଭାଗ ମୋତେ ନଦେଲେ ପ୍ରଳୟ କରିବି। ମୋ ପୁଅ ମୋର ଅସମ୍ମାନ ଦେଖି ଦାନ୍ତ କଡ଼ମଡ଼ କଲା। ମୁଁ କହିଲି ପିଲାବେଳେ ଭଲ ମନ୍ଦରେ ମୁଁ ତାକୁ କେତେବେଳେ କେମିତି ମାରିଥିବି, ଏବେ ସେ ହାତ ଉଠେଇ ଦେଲା... ଦେଉ, ସେ କ'ଣ ବଡ଼ ହୋଇଯିବ! ପୁଅ ବୋଧେ ବୁଝିଲା କି କ'ଣ ଚୁପ ରହିଲା। ସାନ ଭାଇ ଭିନ୍ନେ ହେଲା ଓ ସବୁ ଭଲ ଉର୍ବର ଜମି ନେବାକୁ ଜିଦ ଧରିଲା, ପୁଅ ମୋତେ ଡବ ଡବ ହୋଇ ଚାହିଁଲା। ମୁଁ କହିଲି ନେଉ, ମାଟି ଗୋବର ପକେଇଲେ ମୋ ଭାଗ ଜମି ଉର୍ବର ହୋଇ ଯିବନିକି? ପୁଅ ଆଠ ଦିନପରେ ଗଲା ବମ୍ବେ, ତା ଚାକିରୀ ଜାଗାକୁ। ପାଞ୍ଚ /ଛଅ ମାସ ଯାଇଛିକି ନାହିଁ ସାନଭାଇର ହେଲା ଦେହ ଖରାପ। ମେଡିକାଲ ରିପୋର୍ଟ ଆସିଲା କିଡିନ୍ ନଲଗେଇଲେ ବଞ୍ଚିବନି...ମୁଁ କେମିତି ରହିପାରିଥାନ୍ତି କହିଲେ, ଗଲି ମେଡିକାଲ। ଘରଣୀ ପୁଅ ପାଖକୁ ଫୋନ କଲେ ତୁ ଶୀଘ୍ର ଆ, ନହେଲେ ତୋ ବାପା ପୁଣି ଗୋଟେ କ'ଣ ଅଘଟଣ କରିବସିବେ। ଜଲ୍ଦି ପୁଅ ଆସି ପହଞ୍ଚିଲା ତ ସେତେବେଳେକୁ ମୋ କିଡନି ଲାଗି ସାରିଥିଲା ସାନଭାଇ ଦେହରେ। ବେଡ୍ ଉପରେ ମୋତେ ଦେଖି ଭୋ-ଭୋ ହୋଇ କାନ୍ଦି କାନ୍ଦି ପୁଅ କହୁଥିଲା- ବାପା... ତୁମେ ମଣିଷ ହେବନି...। ମୁଁ ମୁଠେଇ ପକେଇଲି ପୁଅର ହାତକୁ।

# ରୁଷ ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଝାଡ଼ଖଣ୍ଡର ଚିତ୍ରକଳା ଉପହାର

## ସୋହରାଇ ଚିତ୍ରକଳା: ଏକ କାଳଜୟୀ ପାରମ୍ପରିକ ଚିତ୍ରକଳା

**ନୂଆଦିଲ୍ଲୀ, ୨୭।୧୦ (ସଂଚାର ବ୍ୟୁରୋ) :** ଝାଡଖଣ୍ଡ ଏହାର ସମୃଦ୍ଧ ଆଦିବାସୀ କଳା ପାଇଁ ବେଶ୍ ଜଣାଶୁଣା। ଝାଡ଼ଖଣ୍ଡର ହଜାରୀବାଗ ଜିଲ୍ଲାର ସୋହରାଇ ଚିତ୍ର ଏହି ଅଞ୍ଚଳର ସ୍ୱଦେଶୀ କଳା ପରମ୍ପରାର ଏକ ସୁନ୍ଦର ପ୍ରତିନିଧିତ୍ୱ। ସୋହରାଇ ଚିତ୍ରକଳା ଓଡିଓପି (ଏକ ଜିଲ୍ଲା ଏକ ଉତ୍ପାଦ) ସାମଗ୍ରୀ ଭାବରେ ସ୍ୱୀକୃତି ଦିଆଯାଇଛି।

ସୋହରାଇ ଚିତ୍ରକଳା ଏହାର ପ୍ରାକୃତିକ ରଂଗ ଏବଂ ସରଳ ଉପକରଣର ବ୍ୟବହାର ପାଇଁ ଜଣାଶୁଣା। ଚିତ୍ରକରମାନେ ଅନେକ ସମୟରେ ଡାଳ, ଚାଉଳ ନଡ଼ା କିମ୍ବା ଆଙ୍ଗୁଠିକୁ ବ୍ରସ୍ ଭାବେ ବ୍ୟବହାର କରି ଜଟିଳ ଡିଜାଇନ୍ ପ୍ରସ୍ତୁତ କରିଥାନ୍ତି। ସେମାନେ ସେମାନଙ୍କର ସରଳ, ତଥାପି ଭାବପ୍ରବଣ, କାହାଣୀ ପାଇଁ ଜଣାଶୁଣା। ପଶୁ, ପକ୍ଷୀ ଏବଂ ପ୍ରକୃତିର ଚିତ୍ରଣ ଆଦିବାସୀ ସଂସ୍କୃତିରେ କୃଷି ଜୀବନଶୈଳୀ ଏବଂ ବନ୍ୟଜନ୍ତୁଙ୍କ ପ୍ରତି ଶ୍ରଦ୍ଧାର ପ୍ରତିଫଳନ।

ବିଶେଷକରି ପର୍ବପର୍ବାଣି ଓ ଅମଳ ଋତୁରେ ମହିଳାମାନଙ୍କ ଦ୍ୱାରା ସୋହରାଇ ଚିତ୍ର ତିଆରି କରାଯାଏ। ଏହି କଳା ଅମଳ ପାଇଁ କୃତଜ୍ଞତାର ଏକ ରୂପ ଏବଂ ଆଗାମୀ ବର୍ଷ ପାଇଁ ସୌଭାଗ୍ୟ ଆଣିବ ବୋଲି ବିଶ୍ୱାସ କରାଯାଏ।

ସୋହରାଇ ଚିତ୍ରକଳା ପ୍ରାୟତଃ ପ୍ରକୃତିଠାରୁ ପ୍ରେରଣା ନେଇଥାଏ, ଯାହା ଏଠାରେ ପତ୍ର, ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ବ୍ୟବହାରୁ ସ୍ପଷ୍ଟ ହୋଇଥାଏ। ମୟୂରକୁ ଆଖପାଖରେ ଥିବା ତତ୍ତ୍ୱମାନଙ୍କ ସହିତ କଥାବାର୍ତ୍ତା କରୁଥିବା ଭାବରେ ଚିତ୍ରିତ କରାଯାଇଛି, ଏବଂ ଏହାର ମୁଦ୍ରା ଏକ ସୁନ୍ଦର ନୃତ୍ୟ ସୂଚାଇଥାଏ,



ଯାହା ଛବିରେ ଜୀବନ ଯୋଡିଥାଏ। ଏହା ପ୍ରଚୁରତା, ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧିର ପ୍ରତୀକ, ଯାହା ଅମଳ ବିଷୟବସ୍ତୁ ସହିତ ସଂଯୁକ୍ତ। ଆଖପାଖରେ ଥିବା ପ୍ରାକୃତିକ ଉପାଦାନ ଯଥା ଗଛ ଲତା, ଉର୍ବରତା ଓ ପୃଥିବୀ ସହିତ ସମ୍ପର୍କକୁ ଆହୁରି ସୁଦୃଢ଼ କରିଥାଏ।

ସୋହରାଇ ଚିତ୍ରଗୁଡ଼ିକ ଆଦିବାସୀ ସମ୍ପ୍ରଦାୟ ଏବଂ ପ୍ରକୃତି ମଧ୍ୟରେ ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ, ସେମାନଙ୍କର କଳାତ୍ମକ ଅଭିବ୍ୟକ୍ତି ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ। ସରଳ ଶୈଳୀ, ସାହସିକ ଢାଞ୍ଚା ଏବଂ ପ୍ରାକୃତିକ ରଙ୍ଗକୌଶଳ ମାଧ୍ୟମରେ ଏହି ଚିତ୍ର ପ୍ରାକୃତିକ ଜଗତ ପ୍ରତି ଏକ ସୌହାର୍ଦ୍ଦ୍ୟ ଏବଂ ସମ୍ମାନର ଭାବନା ପ୍ରଦାନ କରିଥାଏ।

# ଲୁଚାଛପାରେ ବେଆଇନ୍ ବାଣ ବିକ୍ରି

**ଭୁବନେଶ୍ୱର, ୨୭।୧୦(ତଥ୍ୟ):** ବଡ ଶବ୍ଦ କରୁଥିବା ବାଣ ଫୁଟାଇବା ବାରଣ ହୋଇଥିବାବେଳେ ଆଉ କେତେକ ବାଣ ଉପରେ କଟକଣା ଲଗାଯାଇଛି। ତେବେ କଟକଣା ଲାଗିଥିବା ଏହି ବେଆଇନ୍ ବାଣ ଏବେ ରାଜଧାନୀରେ ଲୁଚାଛପାରେ ବିକ୍ରି ଚାଲିଛି।

ମୁଣ୍ଡ ଉପରେ ଦୀପାବଳୀ ଥିବାବେଳେ ସହରରେ ଦୁଇ ଦିନ ପାଇଁ ବାଣଦୋକାନ ଖୋଲିବାକୁ ଅନୁମତି ମିଳିବ। କେଉଁଠି ବାଣ ଦୋକାନ ଖୋଲାହେବ ତାହା ପୁଲିସ୍ ସ୍ଥିର କରିବା ସହିତ ଅନୁମତିପତ୍ର ପ୍ରଦାନ କରିବ। ବାଣ ବିକ୍ରି ସ୍ଥାନରେ ସମସ୍ତ ପ୍ରକାର ସୁରକ୍ଷା ମୂଳକ ବ୍ୟବସ୍ଥା ଗ୍ରହଣ କରାଯିବ।



ତେବେ ଅନୁମତିପ୍ରାପ୍ତ ବାଣ ଦୋକାନ ଖୋଲିବା ପୂର୍ବରୁ ଏବେ ସହରର ଗଳିକନ୍ଦିରେ ବାଣ ବିକ୍ରି ଆରମ୍ଭ ହୋଇଗଲାଣି। ଲୁଚାଛପାରେ ଖୋଲିଥିବା ବାଣ ଦୋକାନରେ ବେଆଇନ୍ ଘୋଷିତ ଶୂନଫଟକା ସହିତ ବଡ ଶବ୍ଦ କରୁଥିବା ବାଣ ବିକ୍ରି ହେଉଛି। ଦୋକାନୀମାନେ ଏହାରୁ ଚୋରା ଲୁଚାରେ ବିକ୍ରି କରୁଥିବାବେଳେ ପିଲାମାନେ ସହଜରେ ଏହାକୁ ଖରିଦ କରୁଛନ୍ତି। ଏଥିଯୋଗୁଁ କେତେବେଳେ ଯେ ଦୁର୍ଘଟଣା ନଘଟିବ ତାହା କହିହେବ ନାହିଁ।

ଏଥି ସହିତ କିଛି ବାଣ ବ୍ୟବସାୟୀ ଆଗକୁଆ ଭାବେ ସହରର ବିଭିନ୍ନ ଦୋକାନୀଙ୍କୁ ବାଣ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ବିଶେଷକ ଷ୍ଟେସନାରୀ ଦୋକାନଗୁଡିକ ଏଭଳି ବାଣ କାରବାରରେ ଲିପ୍ତ ଅଛନ୍ତି। ଯେଉଁ ମାନେ ଦୂର ଦୂରାନ୍ତରେ ଥିବା ଅନୁମତିପ୍ରାପ୍ତ ବାଣ ଦୋକାନକୁ ଯିବାକୁ ରାଜି ହେଉନାହାନ୍ତି ସେମାନଙ୍କୁ ଲୁଚା ଛପାରେ ବାଣ ବିକ୍ରି କରିବାପାଇଁ ବ୍ୟବସାୟୀମାନେ ଏଭଳି ଫନ୍ଦି ଆପଣେଇଛନ୍ତି।

ସହରରେ ବିକ୍ରି ହେଉଥିବା ଅଧିକାଂଶ ବାଣ ଅନ୍ୟ ରାଜ୍ୟରୁ ଆସିଥିବାବେଳେ ସହରତଳି ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଘରି ସମେତ ଶବ୍ଦ ସୃଷ୍ଟି କରୁଥି ଶୂନଫଟକା, ତାଳଫଟକା ବିପୁଳ ପରିମାଣରେ ଲୁଚାଛପାରେ ରାଜଧାନୀ ବଜାରକୁ ପ୍ରବେଶ କରିବା ସହିତ ବିକ୍ରି ହେଉଛି। ଏହା ଉପରେ ଏବେ ସତର୍କ ଦୃଷ୍ଟି ରଖିବାକୁ ମତପ୍ରକାଶ ପାଉଛି।

ସହରରେ ବାଣ ବ୍ୟବସାୟକୁ ନିୟନ୍ତ୍ରଣ କରିବାପାଇଁ କମିଶନରେଟ ପୁଲିସ୍ ପଇଁତରା ମାରୁଥିଲେ ଚୋରା ବାଣ ବେପାରୀମାନେ ସେମାନଙ୍କୁ ଚକ୍‌ମା ଦେଇ ଲୁଚାଛପାରେ ବାଣ ବିକ୍ରି କରୁଛନ୍ତି। ଯଦି କୌଣସି ଠାରେ କିଛି ଅଘଟଣ ଘଟିଲା ତେବେ ସ୍ଥିତି କାବୁ କରିବା କଷ୍ଟକର ହୋଇପଡ଼ିବ ବୋଲି ବାଣ ବିକ୍ରି ହେଉଥିବା ସ୍ଥାନର ଆଖପାଖ ଦୋକାନୀମାନେ ମତ ଦେଉଛନ୍ତି।

# ରାଜ୍ୟ ସରକାରଙ୍କ ବାତ୍ୟା ପରିଚାଳନା ବିଶ୍ୱସ୍ତରୀୟ

- ବାତ୍ୟା ମୁକାବିଲା ଓ ସୁପରିଚାଳନା ପାଇଁ ପୂରା ଟିମ୍‌କୁ ଧନ୍ୟବାଦ
- କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ରାଜ୍ୟ ସରକାର ତତ୍ପରତା
- ସ୍ଥିତି ସ୍ୱାଭାବିକ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ
- କ୍ଷତିଗ୍ରସ୍ତଙ୍କ ଆର୍ଥିକସ୍ଥିତି ପ୍ରଭାବିତ ନ ହେବାକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ) :** ବାତ୍ୟା "ଦାନା"ର ମୁକାବିଲା ରାଜ୍ୟ ସରକାର ଯେଉଁଭଳି ଭାବେ ମିଳିତ ପ୍ରୟାସ କଲେ ତାହା ପ୍ରଶଂସନୀୟ ଅଟେ। ନିଜେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ, ସରକାରୀ ଅଧିକାରୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ଅଗ୍ନିଶମ ବିଭାଗ, ଉଦ୍ଧାରକାରୀ ଦଳ, ବିଭିନ୍ନ ସାମାଜିକ ସଂଗଠନମାନେ ମିଳିମିଶି ବାତ୍ୟା "ଦାନା"ର ମୁକାବିଲା ଏବଂ ପରିଚାଳନା କରିଛନ୍ତି। ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ମଧ୍ୟ ନିଜ ନିଜ ଅଞ୍ଚଳରେ ରହି ପ୍ରଶାସନ ଏବଂ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଓଡ଼ିଶାର ସରକାର ଯେଉଁଭଳି ଭାବେ ବିଭିନ୍ନ ଜିଲ୍ଲାରେ ବାତ୍ୟା ପରିଚାଳନା କଲେ ତାହା ବିଶ୍ୱସ୍ତରୀୟ। ଏଭଳି ବାତ୍ୟା ପରିଚାଳନା ସମଗ୍ର ବିଶ୍ୱରେ ସର୍ବୋତ୍କୃଷ୍ଟ କହିଲେ ଅତୁକ୍ତି ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଶ୍ରୀ ସାମଲ କହିଛନ୍ତି, ବାତ୍ୟା ପୂର୍ବରୁ ଆଗୁଆ ଯୋଜନା ପ୍ରସ୍ତୁତ କରାଯାଇ ତାହାକୁ ସଠିକ କାର୍ଯ୍ୟକାରୀ କରାଗଲା। ପ୍ରତ୍ୟେକଟି ଜୀବନର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। 'ଜିରୋ କାଜୁଆଲ୍‌ଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ଅସୁରକ୍ଷିତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରଗଲା। ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି।

ବିଜେପି ସରକାର "ଦାନା" ବାତ୍ୟାଜନିତ କ୍ଷୟକ୍ଷତି ଭରଣ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି। ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃକ୍ଷମ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତିରେ ପ୍ରୟାସ ଜାରି ରଖିଛନ୍ତି। ଏହି ବାତ୍ୟାରେ ଅଧିକାଂଶ ସ୍ଥାନରେ ବହୁ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ଏସବୁର ଆକଳନ କରି କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବାତ୍ୟାଯୋଗୁଁ କ୍ଷତିଗ୍ରସ୍ତ ଲୋକଙ୍କ ଆର୍ଥିକ ସ୍ଥିତି ଯେପରି ପ୍ରଭାବିତ ନ ହେବ, ସେସବୁ ଉପରେ ରାଜ୍ୟରେ ବିଜେପି ସରକାର ଗୁରୁତ୍ୱ ଦେଉଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ପୁରା ଟିମ୍‌କୁ ଶ୍ରୀ ସାମଲ ଧନ୍ୟବାଦ ଦେଇଛନ୍ତି।



# ଟେଟ୍ରାହେଡ୍ରନ ଗ୍ରୁପର ବଦାନ୍ୟତା

**ଟାଙ୍ଗୀ-ଚୌଦ୍ୱାର, ୨୭।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଏଜୁକେସନାଲ ଟ୍ରଷ୍ଟ ଓ ଟେଟ୍ରାହେଡ୍ରନ ହାୟର ସେକେଣ୍ଡାରୀ ସ୍କୁଲ ରେଡକ୍ରସ ୟୁନିଟ ଗ୍ରୁପର ସେବାକର୍ଯ୍ୟା ପାଇଁ ଅଞ୍ଚଳରେ ସମସ୍ତଙ୍କ ପ୍ରୀୟପାତ୍ର ହୋଇପାରିଛି ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନ। ବାତ୍ୟା ଦାନା ପାଇଁ ଟାଙ୍ଗୀ-ସାଲେପୁର ଅଞ୍ଚଳରେ ହୋଇଥିବା ୧୩ଗୋଟି ବତ୍ୟା ଆଶ୍ରୟସ୍ଥଳିରେ ଆଶ୍ରୟ ନେଇଥିବା ଲୋକମାନଙ୍କ ପାଇଁ ଗ୍ରୁପ ତରଫରୁ ଶୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥି ସହିତ ଇନଷ୍ଟିଚ୍ୟୁସନ ପରିସରରେ ମଧ୍ୟ କିଛି ଆଦିବାସୀ ପରିବାରର ଲୋକମାନଙ୍କୁ ଆଶ୍ରୟ ଦିଆଯାଇ ତାଙ୍କ ଭୋକିଲା ମୁହଁରେ ଖାଦ୍ୟ ଯୋଗାଇ ଦେଇଥିଲେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତ୍ରୀଦେବ ବେହେରାଙ୍କ ସମେତ କର୍ମକର୍ତ୍ତା ମାନେ। ଏଭଳି ଅସମୟରେ ତ୍ରୀଦେବଙ୍କ ମହାନ କାର୍ଯ୍ୟ ଯାହା ଏବେ ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ହୋଇଛି।

# ମା' ଦକ୍ଷିଣକାଳୀ ପୂଜା ମହୋତ୍ସବ ପ୍ରସ୍ତୁତି



**ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଗଜପତି ନଗର ପ୍ରେସ ଛକ ସ୍ଥିତ ମା ଦକ୍ଷିଣକାଳୀଙ୍କ ପୀଠରେ ଏକତ୍ରିଂଶ ତମ କାଳୀପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ପାଞ୍ଚ ଦିନ ଧରି ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ବୁଧବାର ଦିନ ରାତିରେ ଅଙ୍କୁରାରୋପଣ ହୋଇ ଗୁରୁବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହେବ। ଏହା ପରେ ଘଟସ୍ଥାପନ, ମଣ୍ଡଳ ପୂଜା, ଉପଚାର ପୂଜା, ଚଣ୍ଡୀପାଠ, ସନ୍ଧିପୂଜା, ୧୦୮ ଦୀପ ଉତ୍ସର୍ଗ, କୁଷ୍ମାଣ୍ଡ ବଳିଦାନ, ଆଳତି ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇ ଯଜ୍ଞ ଆରମ୍ଭ କରାଯିବ। ସେହିପରି ଶୁକ୍ରବାର, ଶନିବାର, ରବିବାର ଦିନ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ସୋମବାର ସଂଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି କରାଯିବ ବୋଲି କମିଟି ତରଫରୁ ନିଷ୍ପତ୍ତି କରାଯାଇଛି। ସୋମବାର ମଧ୍ୟାହ୍ନରେ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଛି। ସୁରକ୍ଷା ପାଇଁ ପ୍ରଶାସନର ସହାୟତା ନିଆଯିବା ସହ ବାବୁ ଭାଇ ଟିମର ସଦସ୍ୟମାନେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟି ଜନକର ସାହୁ, ଯୋଗେନ୍ଦ୍ର ପାତ୍ର, ବିଜୁ ରଥ, କିଶୋର ସାହୁ, ହିମାଂଶୁ ଦାସ, କେଦାର ମହାନ୍ତି, ଜେ କେ ମିଶ୍ର, ମେଘାନାଦ ସେନାପତି, କାବୁ କର ଓ ସମାଜସେବୀ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଏଏସ୍ ପରୀକ୍ଷାରେ ୨୫୧ ସ୍ଥାନରେ ବେଲତଳର ସୁଶ୍ରୀ

**ପଟ୍ଟାମୁଣ୍ଡାଇ, ୨୭।୧୦ (ସଂଚାର ବ୍ୟୁରୋ):** ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଓ ମୂଳ ବାସିନ୍ଦା ଡିହପାଦ ପଞ୍ଚାୟତ ଅନ୍ତର୍ଗତ ଗାଣ୍ଡକୁଳ ଗ୍ରାମର ଝିଅ ସୁଶ୍ରୀ ସଂଗୀତା ବିଶ୍ୱାଳ ଓଏଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ପିତା ନାରାୟଣ ବିଶ୍ୱାଳ ଜଣେ ଅବସର ପ୍ରାପ୍ତ ହାଇସ୍କୁଲ ଶିକ୍ଷକ ହୋଇଥିବା ବେଳେ ମା ପୁଷ୍ପଲତା ବିଶ୍ୱାଳ ଜଣେ ଗୃହିଣୀ । ସୁଶ୍ରୀ ପିଲା ଦିନରୁ ମେଧାବୀ ଛାତ୍ରୀ ଭାବେ ବିଭିନ୍ନ ପରୀକ୍ଷାରେ ସଫଳତା ହାସଲ କରି ନିଜର ଅନନ୍ୟ ପ୍ରତିଭାର ପରିଚୟ ଦେଇ ଆସିଛନ୍ତି। ସେ ବର୍ତ୍ତମାନ ଆସିଷ୍ଟାଣ୍ଟ ନର୍ସିଙ୍ଗ ସୁପରିଟେଣ୍ଡେଣ୍ଟ ଭାବେ ଭୁବନେଶ୍ୱର ଏମସସରେ କାର୍ଯ୍ୟରତ ଅଛନ୍ତି। ସେ ନିଜର ପ୍ରତିଦିନର କର୍ମକ୍ଷେତ୍ରରେ କାର୍ଯ୍ୟ କରିବା ସହିତ ପାଠ ପଢ଼ିବା ପାଇଁ ସମୟ ବାହାର କରିବା କଠିନ ହୋଇଥିଲେ ମଧ୍ୟ ସେ କଠୋର ପରିଶ୍ରମ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ସେ ୨୫୧ ତମ ସ୍ଥାନ ହାସଲ କରି ଓଏଏସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ତାଙ୍କ ସଫଳତାର ଶ୍ରେୟ ପିତା ମାତା, ସ୍ୱାମୀ, ଗୁରୁଜନ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରଦାନ କରିଛନ୍ତି । ବିଶେଷ କରି ସେ ଭୁବନେଶ୍ୱର ଏମ୍ସର ଭାରପ୍ରାପ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ସଫଳତା ଆଣି ଦେଇଛି । ଭବିଷ୍ୟତରେ ଜଣେ ଦକ୍ଷ ଉତ୍ତରଦାୟୀ ଦରଦୀ ପ୍ରଶାସନିକ ଅଧିକାରୀ ଭାବେ ସମାଜର ତଳ ପାହାଚରେ ଥିବା ମଣିଷକୁ ନ୍ୟାୟ ଦେବା ପାଇଁ ନିଜର ସମସ୍ତ ପ୍ରଚେଷ୍ଟା ଜାରି ରଖିବେ ବୋଲି ସୁଶ୍ରୀ ପ୍ରକାଶ କରିଛନ୍ତି । ଓଏଏସ ପାଇବା ଖବର ମିଳିବା ପରେ ସମଗ୍ର ପଟ୍ଟାମୁଣ୍ଡାଇ ସହର ଓ ବେଲତଳ ଗାଁ ରେ ଖୁସିର ଲହରୀ ଖେଳିଯାଇଛି । ସୁଶ୍ରୀ ଆମ ଗାଁ ର ଗର୍ବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଓଏଏସ ପରୀକ୍ଷାରେ ସୁଶ୍ରୀଙ୍କ ସଫଳତା ପାଇଁ ପଟ୍ଟାମୁଣ୍ଡାଇ ପୌରବାସୀ, ବଣିକ ସଂଘ, ସାମ୍ବାଦିକ, ଶିକ୍ଷାବିତମାନେ ଅଭିବାଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ବିଦାହେଲେ ଦୁର୍ନୀତିଗ୍ରସ୍ତ ଓ ବିବାଦୀୟ ବିଡିଓ

**କେନ୍ଦ୍ରାପଡ଼ା, ୨୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକରେ ବହୁ ଦୁର୍ନୀତିରେ ଉବୁଟୁବୁ ହେଉଥିବା ବିବାଦୀୟ ବିଡିଓ ବନ୍ଦନା ଖଟୁଆଙ୍କୁ ରାଜ୍ୟ ସରକାର କେନ୍ଦ୍ରାପଡ଼ାରୁ ହଟାଇ ନେଇଛନ୍ତି । ତାଙ୍କ ସ୍ଥାନରେ ସୁକିନ୍ଦା ବିଡିଓ ଅଭିଷେକ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା ବିଡିଓ ଭାବେ ବଦଳି କରାଯାଇଛି । ଅପରପକ୍ଷରେ ବିଡିଓ ବଦଳି ତାଲିକାରେ ଏଠାରୁ ହଟାଇ ଦିଆଯାଇଥିବା ବିଡିଓ ବନ୍ଦନା ଖଟୁଆଙ୍କୁ କୌଣସି ବ୍ଲକ ଦିଆଯାଇନାହିଁ ।



ସୂଚନା ଥାଉକି କେନ୍ଦ୍ରାପଡ଼ା ବ୍ଲକରେ ଯୋଗଦେବା ପରଠାରୁ ଦାୟିତ୍ୱଭାର ଗ୍ରହଣ କରିବା ପୂର୍ବରୁ ସିଟ ଦଖଲ କରିଥିଲେ। ଯାହାକୁ ନେଇ ବିବାଦ ଦେଖାଯାଇଥିଲା। ପରେ ପରେ ବିଭିନ୍ନ ବିବାଦ ଭିତରେ ଥିଲେ ବିଡ଼ିଓ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନିତୀ ହୋଇଥିବା ନେଇ କଂସାର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା ନିକଟରେ ଭିଜିଲାନ୍ସ ଡିଜିଙ୍କ ନିକଟରେ ବିଡିଓ ଶ୍ରୀମତୀ ଖଟୁଆଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଶ୍ରୀମତୀ ଖଟୁଆଙ୍କ କାର୍ଯ୍ୟକାଳ ସମୟରେ କେନ୍ଦ୍ରାପଡ଼ା ବ୍ଲକରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ । ସେ ୫-ଟି କାମରେ ବିଦ୍ୟାଳୟରେ ଯେଉଁ ରୁପାନ୍ତରଣ କାର୍ଯ୍ୟ ହୋଇଥିଲା ସେଥିରେ ନିଜ ପତି ମହୋଦୟଙ୍କୁ ଠିକାଦାର ବନାଇ ଦେଇ କୋଟି କୋଟି ଟଙ୍କା ଚଳୁ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକରେ ପାଖାପାଖି ୫୦ ସ୍କୁଲ ରୂପାନ୍ତରଣରେ ଏହି ମହାଶୟା ଟଙ୍କାକୁ ଗିଳି ପକାଇ ଥିଲେ । କେବଳ ରଙ୍ଗ ବୋଳି ବିଦ୍ୟାଳୟଗୁଡିକର କୋଟି କୋଟି ଟଙ୍କା ବିଲ କରିଥିଲେ । ବିନା ଟେଣ୍ଡରରେ କୋଟି କୋଟି ଟଙ୍କାର ବିଭିନ୍ନ ସାମଗ୍ରୀ କିଣିଥିଲେ । ଏ ନେଇ ତାଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା ।

କେବଳ ଏତିକି ନୁହେଁ କଣ୍ଟ୍ରାଟରମାନଙ୍କୁ ପଇସା ନଦେଇ ହଇରାଣ କରିବା, ସାମ୍ବାଦିକମାନଙ୍କ ନାମରେ ଥାନାରେ ଅଭିଯୋଗ କରିବା ଆଦି କାରନାମା କରିଥିଲେ। ରାଜ୍ୟ ସରକାର ଏହା ଜାଣିବା ପରେ ତାଙ୍କୁ କେନ୍ଦ୍ରାପଡ଼ାରୁ ହଟାଇ ଦେଇଛନ୍ତି । ତାଙ୍କର ଦୁର୍ନୀତିଗ୍ରସ୍ତ କାର୍ଯ୍ୟ ପାଇଁ ତାଙ୍କୁ କୌଣସି ବ୍ଲକକୁ ପଠାଇ ନାହାଁନ୍ତି । ତାଙ୍କୁ ତାଙ୍କ ବଦାମ କାର୍ଯ୍ୟ ଯୋଗୁଁ ଅକାମୀ କରି ଦିଆଯାଇଛି । ପଞ୍ଚାୟତରାଜ ବିଭାଗରେ ଜଣେ କିରାଣୀ ଭଳି ତାଙ୍କୁ ଏବେ ବସିବାକୁ ପଡିବ ବୋଲି ବିଭିନ୍ନ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଏହାର କାରଣ ହେଉଛି ସେ ପୂର୍ବ ସରକାର ଅମଳରେ ବଡ଼ ବଡ଼ିଆଙ୍କ ଖାସ ଅନୁଗତ ଥିଲେ। ସେଥିପାଇଁ ନିଜେ ଟିକେ ଚାର୍ଜ ହୋଇଯାଇ ହାକିମାତି ଦେଖାଉଥିଲେ । ହେଲେ ଏବେର ସରକାର ତାଙ୍କ କାରନାମା ଜାଣିବା ପରେ ତାଙ୍କୁ ନିଷ୍କ୍ରିୟ କରିଦେଇଛନ୍ତି ।



# ଲକ୍ଷାଧିକ ଟଙ୍କାର ବାଣ ଜବତ, ୩ ଗିରଫ

**ଖୋର୍ଦ୍ଧା, ୨୭।୧୦ (ସଂଚାର ବ୍ୟୁରୋ):** ଦୀପାବଳିକୁ ତିନି ଦିନ ବାକି ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଅନେକ ସ୍ଥାନରୁ ଆତସବାଜି ଜବତ। ଜଟଣୀ ଅଞ୍ଚଳରୁ ବେଆଇନ ଭାବେ ଗଚ୍ଛିତ ରଖିଥିବା ଏବଂ ସ୍ୱୀକୃତି ନଥିବା କମିଶନରେଟ ପୁଲିସ ପକ୍ଷରୁ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଆତସବାଜି ଜବତ କରାଯାଇଛି । ବିଶେଷ ସୂତ୍ରରୁ ଖବରପାଇ ଜଟଣୀ ଥାନା ପୁଲିସ ସୀତାରାମ ଛକ ଚର୍ଚ୍ଚ ପଡ଼ିଆରେ ଚଢ଼ାଉ କରି ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ଦୁଇ ବ୍ୟବସାୟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାଲିଛକ ସାହିର ଦୁର୍ଯ୍ୟୋଧନ ସାହୁ (୪୮)ଏବଂ ନିରଞ୍ଜନପୁର ଭୋଇ ସାହିର ସନ୍ତୋଷ ଗୁରୁ (୨୪) ଏମାନଙ୍କ ନିକଟରୁ ବିପୁଳ ପରିମାଣର ବାଣ ଜବତ ହୋଇଛି । ଏ ନେଇ ଜଟଣୀ ଥାନାରେ ଏକ ମାମଲା ନଂ୪୩୮/୨୪ ରୁଜୁ ହୋଇଥିବା ପୁଲିସ କହିଛି । ସେହିପରି ବୋଲଗଡ଼ ଥାନା ରାଜସୁନାଖଳା କାଉଁରି ପାଟଣା ସାହି ସ୍ଥିତ ଏକ ଗୋଦାମ ଘରେ ପୁଲିସ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ଅନେକ ପ୍ରକାରର ବାଣ ଜବତ କରିଛି। ଏହି ଘଟଣାରେ ଦୁଇଟି ମିନିଟ୍ରକ ଜବତ ହୋଇଛି । ଜବତ ହୋଇଥିବା ବାଣର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ସେହିପରି ବାଘମାରୀ ପୁଲିସ ପଙ୍ଗାରସିଙ୍ଗ ଗ୍ରାମରେ ଏକ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଏବଂ ବାରୁଦ ଜବତ କରିଛି । ଏଥିରେ ସମ୍ପୃକ୍ତ କାହାର ଖାଁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ପୁଲିସ କହିଛି । ସୂଚନାଯୋଗ୍ୟ ,ଦୁଇବର୍ଷ ପୂର୍ବେ ବାଣ ତିଆରି କରିବା ବେଳେ ବିସ୍ଫୋରଣ ଘଟି କାହାର ଖାଁଙ୍କ ମାଆଙ୍କର ମୃତ୍ୟୁ ଘଟିଥିଲା । ସେହିପରି ପଙ୍ଗାରସିଙ୍ଗ ପଂଚାୟତ ଲେଖନପୁର ଗ୍ରାମରେ ଚଢ଼ାଉ କରାଯାଇ ଗୋଟିଏ ପରିବାରରୁ ୧୫ ଲକ୍ଷ ଟଙ୍କାର ପାଞ୍ଚଟି ମିନି ଟ୍ରକରେ ଥିବା ବାଣ ଜବତ କରାଯାଇଛି । ଏହି ଘଟଣାରେ ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି ।

# ଯୋଗ ଓ ନେଚରପାଥି ହସ୍ପିଟାଲକୁ ଗ୍ରାମବାସୀଙ୍କ ବିରୋଧ

**ଜଟଣୀ, ୨୭।୧୦ (ସଂଚାର ବ୍ୟୁରୋ):** ଜଟଣୀ ତହସିଲ ଅଧୀନ ବିଂଝଗିରୀ ମୌଜାରେ କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ଦ୍ୱାରା ନିର୍ମିତ ହେବାକୁ ଥିବା ଯୋଗ ଓ ନେଚରପାଥି ହସ୍ପିଟାଲକୁ ଗ୍ରାମବାସୀ ମାନେ ବିରୋଧ କରିଛନ୍ତି ।ଆସନ୍ତା ମଙ୍ଗଳବାର ୨୯ ତାରିଖରେ ଏଠାରେ ଭିତ୍ତି ପ୍ରସ୍ତର ସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରସ୍ତାବିତ ଜମିରେ ପ୍ରାୟ ୨୬,୦୦୦ ରୁ ଅଧିକ ଗଛ କଟିଯିବ ବୋଲି ଜାଣିବା ପରେ ଗ୍ରାମରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। ହସ୍ପିଟାଲ ନିର୍ମାଣ ହେବାକୁ ଥିବା ଜମି ନିକଟରେ ବିରୋଧ ପ୍ରଦର୍ଶନ ହୋଇଛି। ବେଶ କିଛି ସମୟ ଛତାବର ଗୁରୁଜଙ୍ଗ ରାସ୍ତା ଅବରୋଧ ପରେ ଚନ୍ଦକା ପୋଲିସ ଏବଂ ସ୍ଥାନୀୟ ସରପଞ୍ଚ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ ।



ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୧୨ ମସିହାରେ ବିଂଝଗିରୀ ମୌଜାରେ ଖାତା ନମ୍ବର: ପ୍ଲଟ ନମ୍ବର: ଉପରେ ୨୦ ଏକର ଜମି ଆୟୁଷ ମନ୍ତ୍ରାଳୟର ଯୋଗ ଓ ନେଚରପାଥି ହସ୍ପିଟାଲ ନାମରେ ପଟ୍ଟା କରାଯାଇଛି । ହସ୍ପିଟାଲ ନାମରେ ଜମି ପଟ୍ଟା ହେବା ପୂର୍ବରୁ ବିଂଝଗିରୀ ଗ୍ରାମବାସୀମାନେ ତତ୍କାଳୀନ ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଲିଖିତ ଭାବରେ ଜଣାଇଥିଲେ । ୨୦୧୨ ମସିହା ସେପ୍ଟେମ୍ବର ମାସରେ ଗ୍ରାମବାସୀମାନେ କରିଥିବା ଅଭିଯୋଗ ଅନୁସାରେ ବିଂଝଗିରୀ ଗ୍ରାମବାସୀମାନେ ନିଜ ଘରୁ ମୁଠି ଚାଉଳ ଆଦାୟ କରି ଏଠାରେ ଜଙ୍ଗଲ ତିଆରି କରିବା ସହ ୪୦ ବର୍ଷ ଧରି ରକ୍ଷଣାବେକ୍ଷଣ କରି ଆସୁଛନ୍ତି । ଏହି ଜଙ୍ଗଲଟି ଚନ୍ଦକା ଅଭୟାରଣ୍ୟକୁ ଲାଗିକରି ରହିଥିବାରୁ ଏଠାରେ ମୟୁର, ହରିଣ, ମୃଗ, ବାରହା ପ୍ରଭୃତି ବନ୍ୟଜନ୍ତୁ ବସବାସ କରୁଛନ୍ତି। ଏହି ଜଙ୍ଗଲକୁ ନ ଦେଇ ବରଂ ଅନ୍ୟ ସ୍ଥାନରେ ହସ୍ପିଟାଲ ନିର୍ମାଣ ପାଇଁ ଜମି ଦେବାକୁ ଗ୍ରାମବାସୀମାନେ ଅନୁରୋଧ କରିଥିଲେ ।

ତେବେ ତତ୍କାଳୀନ ତହସିଲଦାର ବିଜୟ ସ୍ୱାଇଁ ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ନ ଦେଇ ହସ୍ପିଟାଲ ନାମରେ ୨୦ ଏକର ଜମିକୁ ପଟ୍ଟା କରି ଦେଇଥିଲେ। ପରେ ଗ୍ରାମବାସୀମାନେ ପ୍ରବଳ ବିରୋଧ କରିବାରୁ ଡିସେମ୍ବର ୨୦୧୨ ରେ ଖୋର୍ଦ୍ଧା ଡ଼ିଏଫଓ ରେଞ୍ଜରଙ୍କୁ ଏହି ଜମି ଉପରେ ଥିବା ଜଙ୍ଗଲ ସମ୍ପର୍କରେ ତଥ୍ୟ ମାଗିଥିଲେ । ରେଞ୍ଜର ଏବଂ ଜଟଣୀ ତହସିଲର ମିଳିତ ନିରୀକ୍ଷଣରେ ଏଠାରେ ପ୍ରାୟ ୨୬,୭୦୦ଟି ବିଭିନ୍ନ ପ୍ରଜାତିର ଗଛ ଥିବା ନେଇ ଡ଼ିଏଫଓଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ ତରଫରୁ ମଧ୍ୟ କୋର୍ଟରେ ମାମଲା ଦାୟର ହୋଇଛି । ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ସେଠାରେ ନିର୍ମାଣ କାର୍ଯ୍ୟ ହୋଇ ପାରିନାହିଁ । ତେବେ ଆସନ୍ତା ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପସ୍ଥିତିରେ ଏବଂ ଭରଚୁଆଲରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏଠାରେ ଶିଳାନ୍ୟାସ ହେବାର ଜାଣିବା ପରେ ବିଂଝଗିରୀ ଗ୍ରାମବାସୀମାନେ ଉକ୍ତ ଜମି ଉପରେ ବିରୋଧ ପ୍ରଦର୍ଶନ କରିଛନ୍ତି । ଯଦି ଏଠାରେ ହସ୍ପିଟାଲ ନିର୍ମାଣ ହୁଏ ତେବେ ଆମ ଜଙ୍ଗଲରେ ଥିବା ପ୍ରାୟ ୨୬୭୦୦ ଗଛ କଟିଯିବ । ଜଙ୍ଗଲ ନ କାଟି ଯେଉଁଠି ପଡିଆ ଜମି ରହିଛି ସେଠାରେ ହସ୍ପିଟାଲ ନିର୍ମାଣ କରନ୍ତୁ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ଭୟାବହ ହେବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ କହିଛନ୍ତି, ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ଏହି ଜଙ୍ଗଲ ବାଦ ଦେଇ ବିଂଝଗିରୀ ମୌଜାରେ ଥିବା ଖାଲି ପଡିଆ ଜମି ଉପରେ ହସ୍ପିଟାଲ ନିର୍ମାଣ କରିବାକୁ ସରକାର ଆଉଥରେ ନିଜ ନିଷ୍ପତ୍ତି ବଦଳାଇବା ଦରକାର ।

# ୪ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ

**ବାଲିଅନ୍ତା, ୨୭।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅନ୍ତର୍ଗତ ବାଲିଅନ୍ତା ହାଟ ନିକଟରେ ବହୁତ୍ ଦିନରୁ ଜୁଆ ଖେଳ ହେଉଥିଲା । ଏହି ଖବର ପାଇ ଶନିବାର ଦିନ ରାତିରେ ବାଲିଅନ୍ତା ଥାନାଧିକାରୀ ରବୀନ୍ଦ୍ର କୁମାର ମେହେର୍ ଙ୍କ ନିର୍ଦ୍ଦେଶ କ୍ରମେ ବାଲିଅନ୍ତା ଥାନାର ଏକ ପୋଲିସ ଟୀମ ବାଲିଅନ୍ତା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବାଲିଅନ୍ତା ହାଟ ନିକଟରେ ଥିବ ଏକ ପରିତ୍ୟକ୍ତ ଘରେ ଜୁଆ ଖେଳା ଯାଉଥିବାର ବିଶେଷ ସୂତ୍ରରୁ ଖବର ଥାନାଧିକାରୀଙ୍କ ନିର୍ଦ୍ଧେଶ କ୍ରମେ ପାଟ୍ରୋଲିଂ ଟୀମ ଘଟଣା ସ୍ଥଳ କୁ ଯାଇ ଜୁଆ ଆଡ୍ଡାରେ ଚଢଉ କରି ଅନିଲ ବେହେରା, ବିକ୍ରମ ବେହେରା, ଟୁଟୁ ବେହେରା ଓ ସୁରେଶ ବେହେରାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଜୁଆ ସାମଗ୍ରୀ ସହ ୨୪,୦୪୦/- ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର କୁମାର ମେହେର୍ ସୂଚନା ଦେଇଛନ୍ତି ।



ଜୀବନ ଅମୃତ ଅନୁଚିନ୍ତା

କାମନାର ବନ୍ଧନ-ସଂସାରୀ ମଣିଷ କମାନାର ବନ୍ଧନରେ ବାନ୍ଧି ହୋଇଯାଏ, କିନ୍ତୁ ଇଶ୍ୱର ଅନୁଗାମୀ ବ୍ୟକ୍ତି କାମନାର ବନ୍ଧନକାଟି ଇଶ୍ୱରଙ୍କ ଶ୍ରୀପଦରେ ଛନ୍ଦି ହୋଇଯାଏ।

SANCHAR
ସଂଚାର

୪ ସୋମବାର ୨୮ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Monday 28 October 2024 Bhubaneswar

# ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଆମ ଦେଶର ଦାୟିତ୍ୱ ସମ୍ପନ୍ନ ନାଗରିକଙ୍କ ଚରିତ୍ରର ଏକ ଦୋଷ ହେଲା ଆମେ ସବୁବେଳେ ସରକାରଙ୍କ କଟକଣା, ଆଇନ ବା ପରାମର୍ଶକୁ ସବୁ ବେଳେ ହେୟଜ୍ଞାନ କରୁ। ସ୍ୱାର୍ଥପର ଭାବେ ଆମେ କେବଳ ନିଜ କଥା ଚିନ୍ତା କରୁ। ଦେଶ ଦୁନିଆ ପଛେ ବୁଲିକି ଯାଉ ଆମର ସ୍ୱାର୍ଥ ରକ୍ଷା ହେଉ। ଆମେ ନିୟମ ମାନିବୁନି, ଅନ୍ୟମାନେ ଏହାକୁ ପାଳନ କରନ୍ତୁ। ଆମେ ରାସ୍ତାର ଡାହାଣ ପଟେ ଯିବୁ, ଅନ୍ୟମାନେ ସମସ୍ତେ ବାମପଟେ ଯାଆନ୍ତୁ। ସବୁ କଥାକୁ ହାଲୁକା ଭାବେ ନେବା ଅନୁଚିତ। ଦେଶ ଏବଂ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆମେ କିଛିଟା ସ୍ୱାର୍ଥ ତ୍ୟାଗ କରିବା ଏବଂ କଷ୍ଟ ହେଲେ ଦେଶର ଆଇନ ବା ନିୟମ ପାଳନ କରିବା ଆମମାନଙ୍କ ମଧ୍ୟରୁ ଅଧିକାଂଶ ଶିଖି ନାହାଁନ୍ତି। ସବୁ ସମସ୍ୟାର ଏହା ହେଉଛି ମୂଳ କାରଣ। ପଞ୍ଜାବ ଓ ହରିୟାନାର ଚାଷୀଙ୍କୁ ବାରମ୍ବାର ସଚେତନ କରାଯାଉଛି ଜମିରେ ନଡ଼ା ଜାଳନ୍ତୁ ନାହିଁ। କାରଣ ଉତ୍ତର ଦିଗରୁ ଆସୁଥିବା ପବନରେ ଏହି ଧୂଆଁ ଦିଲ୍ଲୀ ପର୍ଯ୍ୟନ୍ତ ଆସି ଏଠାର ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଦିଲ୍ଲୀ କେବଳ ଏକ କେନ୍ଦ୍ର ଶାସିତ ଅଞ୍ଚଳ ନୁହେଁ, ଏହା ହେଉଛି ଦେଶର ରାଜଧାନୀ। କିନ୍ତୁ ଲଜ୍ଜା ଏବଂ ପରିତାପର ବିଷୟ ହେଲା ଦିଲ୍ଲୀ ମହାନଗରୀ ହେଉଛି ବିଶ୍ୱର ସବୁଠାରୁ ପ୍ରଦୂଷିତ ମହାନଗରୀ ମଧ୍ୟରୁ ଅନ୍ୟତମ। ନ୍ୟୁୟର୍କ, ଲଣ୍ଡନ, ବେଜିଂ ପଛରେ ପଡ଼ିଯାଇଛନ୍ତି। ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ଏତେ ଅଧିକ ଯେ, ଏଠାକୁ ବିଦେଶୀ ପର୍ଯ୍ୟଟକମାନେ ଶୀତଦିନେ ଆସିବାକୁ ଭୟ କରୁଛନ୍ତି। ଦିଲ୍ଲୀର ଲୋକେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏହାକୁ ରୋକିବାରେ ଆମର ଦାୟିତ୍ୱ ରହିଛି କିନ୍ତୁ ଏହାକୁ କେହି ସ୍ୱୀକାର କରିବାକୁ ନାରାଜ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶୀତଦିନ ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢ଼ିବା ଆରମ୍ଭ କରିଛି। ଏଥିନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହିତ ଏହାର ମୁକାବିଲା ନିମନ୍ତେ କ'ଣ ପଦକ୍ଷେପ ନେଉଛ ବୋଲି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି। କାରଣ ହେଲା ପଞ୍ଜାବ ଭଳି ଉତ୍ତର-ପଶ୍ଚିମ ଭାରତର କିଛି କୃଷି ସମୃଦ୍ଧ ରାଜ୍ୟର ଚାଷୀମାନେ ଜମିରେ ବ୍ୟାପକ ଭାବେ କୃଷି ବର୍ଜ୍ୟ ବସ୍ତୁ ବା ନଡ଼ା ଜାଳିବା କାରଣରୁ ସେଠାରୁ ନିର୍ଗତ ଧୂଆଁ ପବନରେ ଭାସି ଆସି ଦିଲ୍ଲୀର ବାୟୁ ପ୍ରଦୂଷଣକୁ ବୃଦ୍ଧି କରୁଛି। ଏମିତି ଶୀତଦିନେ କୁହୁଡ଼ି ପରିଲକ୍ଷିତ ହୋଇଥାଏ। ଦିଲ୍ଲୀରେ ଯେଉଁ ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ି ଚାଲୁଛି ଏବଂ ଦିଲ୍ଲୀ ଉପକଣ୍ଠରେ ଥିବା କଳକାରଖାନାରୁ ଧୂଆଁ ନିର୍ଗତ ହେଉଛି ତାହା ଦିଲ୍ଲୀର ବାୟୁମଣ୍ଡଳକୁ ପ୍ରଦୂଷଣ କରିବାକୁ ବିଷାକ୍ତ କରୁଛି। ଶୀତଦିନେ ଏହା କୁହୁଡ଼ି ଯୋଗୁଁ ବାୟୁମଣ୍ଡଳର ଅଧିକ ଉପରକୁ ଯାଇପାରେ ନାହିଁ। ଏହା ସହିତ ଶୀତଦିନେ ସବୁସ୍ଥାନରେ ନିର୍ମାଣ କାର୍ଯ୍ୟ ଅଧିକ ହୋଇଥାଏ। ନିର୍ମାଣ କାର୍ଯ୍ୟ ଯୋଗୁଁ ମଧ୍ୟ ବାୟୁ ମଣ୍ଡଳରେ ଧୂଳିକଣାର ମାତ୍ରା ବୃଦ୍ଧି ପାଇଥାଏ। ଏସବୁ ମିଶି ଦିଲ୍ଲୀର ପ୍ରଦୂଷଣମାତ୍ରାକୁ ଅତି ମାତ୍ରାରେ ବୃଦ୍ଧି କରୁଛି। ଏଥିପାଇଁ ରାଜଧାନୀ ଦିଲ୍ଲୀର ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ନଗରୀ ମଧ୍ୟରୁ ଅନ୍ୟତମ ଭାବେ ପରିଗଣିତ ହେଉଛି। ପରିସ୍ଥିତି ଏବେ ଏପରି ହୋଇଛି ଯେ, ସରକାର ଦିଲ୍ଲୀରେ ପ୍ରାଥମିକ ସ୍କୁଲ ବନ୍ଦ କରିଛନ୍ତି। ଦିଲ୍ଲୀରେ ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହୁଛି। ଏହାର ତତ୍କାଳ ମୁକାବିଲା ନିମନ୍ତେ କିଛି ପଦକ୍ଷେପ ନିଆଯାଉଛି। କିନ୍ତୁ ଏହା ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ବାୟୁ ପ୍ରଦୂଷଣକୁ ରୋକିବାକୁ ଅନେକ ସମୟରେ ଦିଲ୍ଲୀରେ ଗାଡ଼ି ଚଳାଚଳରେ ଅଡ଼ ଇଭିନ ନିୟମ କାର୍ଯ୍ୟକାରୀ କରାଯାଏ। ସବୁ ଦିନ ସବୁ ଗାଡ଼ି ଚାଲେ ନାହିଁ। ନମ୍ବର ଆଧାରରେ ଦିନେ ଛାଡ଼ି ଦିନେ ଗାଡ଼ି ଚାଲିଥାଏ। ଇତିମଧ୍ୟରେ ଦିଲ୍ଲୀରେ ଇଭି ଏବଂ ସିଏନଜି ଚାଳିତ ଗାଡ଼ି ସଂଖ୍ୟା ବୃଦ୍ଧି ପାଇଛି। ଡିଜେଲ ଚାଳିତ ଗାଡ଼ି ସଂଖ୍ୟା ଅନେକାଂଶରେ ହ୍ରାସ ପାଇଛି। ଶୀଘ୍ର ଦିଲ୍ଲୀରେ ଡିଜେଲ ଚାଳିତ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। କାରଣ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ୨୦୨୧ରେ ଯେଉଁ ଭାଇରସ ଯେତେବେଳେ ସକ୍ରିୟ ହେଲା ଏବଂ କୋଭିଡ ମହାମାରୀର ଦ୍ୱିତୀୟ ଲହର ଆସିଲା ସେତେବେଳେ ଦିଲ୍ଲୀରେ ପୋକ ମାଛି ଭଳି ଲୋକେ ପ୍ରାଣ ହରାଉଥିଲେ। ଏହାର କାରଣ ହେଲା ଦିଲ୍ଲୀର ବାୟୁ ପ୍ରଦୂଷଣ। ଏହି କାରଣରୁ ଦିଲ୍ଲୀରେ ମହାମାରୀ ସଂକ୍ରମଣ ଅଧିକ ହେଲା। କିଛି ବର୍ଷ ତଳେ ଦିଲ୍ଲୀର ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଭାରତ-ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ ଚାଲୁଥିବା ବେଳେ ବାୟୁ ପ୍ରଦୂଷଣ ମାତ୍ରା ଏତେ ଅଧିକ ଥିଲା ଯେ, ଖେଳ ଅଧାରୁ ବନ୍ଦ ରଖିବାକୁ ପଡ଼ିଲା। ଅନେକ ଶ୍ରୀଲଙ୍କା ଖେଳାଳୀ ଅସୁସ୍ଥ ହୋଇ ବାନ୍ତି କଲେ। ଭାରତ ପାଇଁ ଏହା ଥିଲା ଏକ ଲଜ୍ଜାର ବିଷୟ। ଦେଶର ରାଜଧାନୀରେ ଯଦି ଏଭଳି ପରିସ୍ଥିତି ତେବେ ଅନ୍ୟ ସ୍ଥାନରେ କିଭଳି ପରିସ୍ଥିତି ହୋଇଥିବା ତାହା ଅନୁମାନ ଯୋଗ୍ୟ। ଏଥିପାଇଁ ପଞ୍ଜାବରେ ନଡ଼ା ଜାଳିବା ଉପରେ କଟକଣା ଜାରି ହୋଇଥିଲା। କିନ୍ତୁ ଏହା ବିରୋଧରେ ପଞ୍ଜାବର ଚାଷୀମାନେ ଆନ୍ଦୋଳନ କରିବା ହେତୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହା ହେଉଛି ଆମ ଦେଶରେ ରାଜନୀତିର କୁପ୍ରଭାବ। ନଡ଼ା ନଜାଳିବା ଲାଗି ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଗଲେ ମଧ୍ୟ ସେମାନେ ଏହାକୁ ଗ୍ରହଣ କଲେ ନାହିଁ। କିଛି ଚାଷୀ ନିୟମ ଅମାନ୍ୟ କରି ଗିରଫ ହେଲେ। କିନ୍ତୁ ଶେଷରେ ଚାଷୀ ଆନ୍ଦୋଳନ ଆଗରେ ସରକାର ମୁଣ୍ଡ ନୁଆଁଇଲେ ଏବଂ ଗିରଫ ଚାଷୀଙ୍କୁ ମୁକ୍ତ କରିବା ସହ ମାମଲା ପ୍ରତ୍ୟାହାର କଲେ ଏବଂ ଆଇନ ପ୍ରତ୍ୟାହାର କଲେ। ଏହା ହେଉଛି ଆମ ଦେଶର ଦୁର୍ଭାଗ୍ୟ। ଦେଶର ବୃହତ୍ତର ସ୍ୱାର୍ଥ ରକ୍ଷା ନିମନ୍ତେ କେହି ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରିବାକୁ ପ୍ରସ୍ତୁତ ନାହାଁନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣର ଏହା ହେଉଛି ମୁଖ୍ୟ କାରଣ। ଏହାର ନିରାକରଣ ବା ସ୍ଥାୟୀ ପ୍ରତିକାର ନିମନ୍ତେ ସରକାରଙ୍କୁ କଠୋର ହେବାକୁ ପଡ଼ିବ। ନଚେତ ଦିଲ୍ଲୀ ମହାନଗରୀ ଏକ ପରିତ୍ୟକ୍ତ ସହରରେ ପରିଣତ ହେବ। ଚଳିତ ବର୍ଷ ଶୀତଦିନ ଆରମ୍ଭରୁ ଏଥିଲାଗି ପଦକ୍ଷେପ ନିଆଗଲେ ତାହାର ସୁଫଳ ମିଳିବ। ନଚେତ ପରିସ୍ଥିତି ଅପରିବର୍ତ୍ତିତ ରହିବ। କେବଳ ଦିଲ୍ଲୀ ନୁହେଁ, ଦେଶର ଅନେକ ବଡ଼ ବଡ଼ ସହର ଏପରି ଭୟଙ୍କର ବାୟୁ ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣରେ ପ୍ରଭାବିତ। ଗଙ୍ଗା ନଦୀର ଜଳକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ଅନେକ ଯୋଜନା ହେଲା ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା। କିନ୍ତୁ ତାହା ନିଷ୍ଫଳ ହେଲା ବୋଲି ସ୍ୱୀକାର କରିବାକୁ ପଡ଼ିବ। ଏହାର କାରଣ ହେଲା ଲୋକେ ସଚେତନ ନହେବା। ବିନା ଜନ ସହଯୋଗରେ ଏପରି ଏକ ବିରାଟ ଯୋଜନା ସଫଳ ହୋଇପାରିବ ନାହିଁ। ଦିଲ୍ଲୀ ଭଳି ଦେଶର ଅନ୍ୟ ବଡ଼ ବଡ଼ ସହରରେ ବାୟୁ ପ୍ରଦୂଷଣ ବଢ଼ିବାର ମୁଖ୍ୟ କାରଣ ହେଲା ସ୍ଥାନୀୟ ଲୋକଙ୍କ ଅନାଗ୍ରହ। ସାଧାରଣ ଜନତା ବ୍ୟକ୍ତିଗତ ଜୀବନରେ ଏତେ ବ୍ୟସ୍ତ ସେମାନେ ସାମୂହିକ କାର୍ଯ୍ୟକ୍ରମ ପାଇଁ ସମୟ ଦେଇ ପାରୁନାହାଁନ୍ତି ବା ସେଥିପ୍ରତି ସେମାନଙ୍କର ଆଗ୍ରହ ନାହିଁ। କିନ୍ତୁ ସେମାନେ ଜାଣିପାରୁନାହାଁନ୍ତି ଯେ, ସେମାନେ ନିଜ ଗୋଡ଼ରେ କୁରାଢ଼ି ମାରୁଛନ୍ତି ଏବଂ ପରବର୍ତ୍ତୀ ପୀଢ଼ୀ ନିମନ୍ତେ ବିପଦକୁ ଆମନ୍ତ୍ରଣ କରୁଛନ୍ତି। ନିଜ ନିଜ ଜୀବନରେ ଏବଂ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଆମେ ପ୍ରଦୂଷଣମୁକ୍ତ ଜୀବନ ପାଇଁ ସାମାନ୍ୟତମ ଉଦ୍ୟମ କରନ୍ତେ ତେବେ ଅଳ୍ପ ଦିନରେ ପରିସ୍ଥିତି ବଦଳିବା ଅସମ୍ଭବ ନୁହେଁ। ଯେଉଁମାନେ ଅମାନିଆ ହୋଇ ପ୍ରଦୂଷଣ ରୋକିବାରେ ଅସହଯୋଗ କରୁଛନ୍ତି ସେମାନେ ନିଜ ସହିତ ପୁରା ମନୁଷ୍ୟ ସମାଜ ପାଇଁ ବିପଦକୁ ଆମନ୍ତ୍ରଣ କରୁଛନ୍ତି।

## ସମ୍ପାଦକଙ୍କୁ ପତ୍ର

### ବିଦ୍ୟୁତ୍ କାଟରୁ ନିସ୍ତାର ନାହିଁ

*ମହାଶୟ,*

ବାତ୍ୟା ଦାନା ଆସିବା ଶୁଣି ରାଜଧାନୀବାସୀଙ୍କ ମନରେ ଛନକା ପଶିଯାଇଥିଲା। କାରଣ ହେଲା ବାତ୍ୟା ଆସିଲେ ରାଜଧାନୀରେ ଦିନ ଦିନ ଧରି ବିଦ୍ୟୁତ କାଟ ହୋଇଥାଏ। ମହାବାତ୍ୟାଠାରୁ ଆରମ୍ଭ କରି ଫନି ପର୍ଯ୍ୟନ୍ତ ରାଜଧାନୀବାସୀଙ୍କର ଏଥିରେ ତିକ୍ତ ଅନୁଭୂତି ରହିଛି। ବିଶେଷ କରି ପୁରୁଣା ଭୁବନେଶ୍ୱର ବା ଏକାମ୍ର ନିର୍ବାଚନମଣ୍ଡଳବାସୀ ଏଥିରେ ବେଶ ଅଭ୍ୟସ୍ତ। କେବଳ ବାତ୍ୟା ଆସିଲେ ନୁହେଁ ବର୍ଷ ତମାମ ପୁରୁଣା ଭୁବନେଶ୍ୱରରେ ଏଭଳି ଅଘୋଷିତ ବିଦ୍ୟୁତ କାଟ ହୋଇଥାଏ। ମରାମତି ଆଳରେ ପ୍ରତି ସପ୍ତାହରେ ତିନିରୁ ୫ ଘଣ୍ଟା ବିଦ୍ୟୁତ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଆଉ କେତେ ମରାମତି ହେହଲେ ବିଦ୍ୟୁତ କାଟରୁ ଲୋକଙ୍କୁ ତ୍ରାହି ମିଳିବ?

**ଭାବଗ୍ରାହୀ ପ୍ରଧାନ, ଭୀମଟାଙ୍ଗୀ**

# ନିର୍ଯାତିତା ନାରୀଙ୍କୁ ନ୍ୟାୟ ଦେବ କିଏ ?



**ପ୍ରହଲାଦ କୁମାର ସିଂହ**

"ମହିଳାମାନଙ୍କ ବିରୋଧରେ ଅପରାଧ ଅକ୍ଷମଣୀୟ ଏବଂ ଅପରାଧୀଙ୍କୁ ଛଡ଼ାଯିବ ନାହିଁ"- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧୀନତା ଦିବସ ଭାଷଣ ଠାରୁ ମନ୍ କି ବାତ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ବାରମ୍ବାର ଏଭଳି ଘୋଷଣା କରିଆସୁଛନ୍ତି। କଲିକତାର ରାଧା ଗୋବିନ୍ଦ କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲରେ ଜଣେ କର୍ତ୍ତବ୍ୟରତ ଶିକ୍ଷାନବିଶ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସର୍ବୋଚ୍ଚ ନ୍ୟାୟାଳୟ ସମେତ ଦେଶର ଆତ୍ମାକୁ ଚହଲାଇ ଦେଇଛି ବୋଲି ସୁପ୍ରିମକୋର୍ଟ ଉଦ୍‌ବେଗର ସହ କହିଛନ୍ତି। ସ୍ୱାଧୀନ ଭାରତର ସ୍ୱରୂପ ଏଭଳି ଶୃଙ୍ଖଳିତ ଓ ସଂସ୍କୃତି ସମ୍ପନ୍ନ ହେବ ଯେ ରାତି ଅଧରେ ବି ଜଣେ ଯୁବତୀ ନିରାପଦରେ ଫେରି ଆସିପାରିବ ବୋଲି ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ଥିଲା। ତେବେ ସ୍ୱାଧୀନତା ପ୍ରାପ୍ତିର ୭୮ବର୍ଷରେ ଏହା ପ୍ରତିପାଳିତ ହେଉନଥିବାରୁ ବଳାତ୍କାର ଓ ହତ୍ୟା ଘଟଣା ବଢ଼ି ଚାଲୁଛି।

ଏବେ କଲିକତା ଘଟଣା ଘେନି ସାରା ଦେଶରେ ପ୍ରତିବାଦର ସ୍ୱର ଉଠୁଥିବା ବେଳେ ଓଡ଼ିଶାର ସର୍ବ ପୁରାତନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଓ ହସ୍ପିଟାଲରେ ଦୁଇଜଣ ମହିଳା ରୋଗୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଡାକ୍ତର ଜେଲ୍ ଯିବା ସହ ଚାକିରି ହରାଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ଏକ ଡାକ୍ତରଖାନାରେ ଜଣେ ମହିଳା ଫାର୍ମାସିଷ୍ଟଙ୍କ ପ୍ରତି ଅନୁରୂପ ଦୁର୍ବ୍ୟବହାର ପ୍ରଦର୍ଶନ କରି ଆଉ ଜଣେ ଡାକ୍ତର ବି ବନ୍ଧା ହୋଇ ଜେଲ୍‌ରେ ପଶିଛନ୍ତି। ଖବର ବାହାରିଛି ଯେ ମଦ ପାଇଁ ଟଙ୍କା ନଦେବାରୁ ପୁଅ ମା'କୁ ପିଟି ହତ୍ୟା କରିଛି। ମଦ ନିଶାରେ ଚୁର୍ ହୋଇ ବାପା ଝିଅ ପ୍ରତି ବଳାତ୍କାର ଉଦ୍ୟମ କରି ଜେଲ୍ ଯିବା ଓ ସ୍ୱାମୀ ସ୍ତ୍ରୀକୁ ମାରିଦେବାର ନଜିର୍ ବି ଆମ ରାଜ୍ୟରେ ରହିଛି। ସରକାରୀ ରିପୋର୍ଟ ମୁତାବକ ଘରେ ଓ ବାହାରେ ଅନ୍ୟୁନ ଦୁଇ-ତୃତୀୟାଂଶ ମହିଳା ଅସୁରକ୍ଷିତ। ଅନ୍ୟପକ୍ଷରେ ଶହଶହ ବର୍ଷ ଧରି ଆମ ଶାସ୍ତ୍ର ଶୁଣାଇ ଆସୁଛି ଯେ ଯେଉଁଠି ନାରୀମାନେ ପୂଜା ପାଆନ୍ତି ସେଠି କୁଆଡ଼େ ଦେବତାମାନେ ରୁହନ୍ତି। ଆମ ଶାସ୍ତ୍ର ପୁରାଣରେ ବି ଲକ୍ଷ୍ମୀ, ପାର୍ବତୀ, ସରସ୍ୱତୀ, କାଳୀ, ଦୁର୍ଗା, ସୀତା, ସାବିତ୍ରୀ ଆଦିଙ୍କ ଉପାଖ୍ୟାନ ରହିଛି। ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀଙ୍କ ଭଳି ପଞ୍ଚକନ୍ୟାଙ୍କ ସ୍ମରଣରେ ପାପ କ୍ଷୟ ହୁଏ ବୋଲି ପୂର୍ବଜମାନେ ଚେତାଇ ଯାଇଛନ୍ତି। ଦେବୀ ପୂଜା ଆମ ପରମ୍ପରାରେ ପ୍ରମୁଖ ସ୍ଥାନ ପାଇଆସିଛି। ସାମାଜିକ ବ୍ୟବସ୍ଥାରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବହୁ କ୍ରାନ୍ତିକାରୀ ଉଦ୍ୟମ ବି ଆମ ଦେଶରେ ଚାଲିଛି। ଏସବୁ ସତ୍ତ୍ୱେ କଠୋର ଆଇନ୍ ଥିବା ବେଳେ ମହିଳାମାନେ ଘରେ ଓ ବାହାରେ ଅସୁରକ୍ଷିତ କାହିଁକି?

କୋଲକାତାରେ ବଳାତ୍କାର ଓ ହତ୍ୟାକାଣ୍ଡର ଶିକାର ହୋଇଥିବା ଡାକ୍ତରୀ ଛାତ୍ରୀଙ୍କୁ ଗଣମାଧ୍ୟମ ଛଦ୍ମନାମରେ 'ଅଭୟା' ବୋଲି କହୁଛି। ୧୨ବର୍ଷ ତଳେ ୨୦୧୨ ମସିହାରେ ରାଜଧାନୀ ଦିଲ୍ଲୀରେ ଅନ୍ୟଜଣେ ଯୁବତୀ ଗଣଧର୍ଷଣ ଓ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଆଖି ବୁଜିଲେ। ତାଙ୍କୁ ଦେଶ ଜାଣିଲା 'ନିର୍ଭୟା' ନାମରେ। ସେତେବେଳେ ନିର୍ଭୟା ଘଟଣାରେ ବି ସାରା ଦେଶ ହୁଲସ୍ଥୁଲ ହୋଇଥିଲା। ଦେଶରେ ମହିଳାଙ୍କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜେ.ଏସ୍. ବର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସିଥିଲା ଏବଂ ୩ମାସ ଭିତରେ ଜଷ୍ଟିସ୍ ବର୍ମା କମିଶନ ତାଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ବର୍ମା କମିଶନଙ୍କ ସୁପାରିସ ମୁତାବକ ଆଇନ୍‌ରେ ବି କଠୋର ବ୍ୟବସ୍ଥା ଗ୍ରହଣ କରାଯାଇ ଜେଲ୍, ଜରିମାନା, ଆଜୀବନ କାରାଦଣ୍ଡ ଏମିତି କି ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଲା। ପୀଡ଼ିତାଙ୍କ ପାଇଁ 'ନିର୍ଭୟା ପାଣ୍ଠି' ବି ଗଠନ କରାଗଲା। କୌଣସି ମହିଳାଙ୍କୁ ପିଛା କରିବା କିମ୍ବା ଇଙ୍ଗିତ କରିବାକୁ ବି ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରାଗଲା। ନାବାଳିକା, ଶିଶୁ ଆଦିଙ୍କୁ ନିର୍ଯାତନା, ବଳାତ୍କାର ଆଦି ଅଭିଯୋଗରେ ଅଭିଯୁକ୍ତଙ୍କ ପ୍ରତି ମୃତ୍ୟୁଦଣ୍ଡ ପର୍ଯ୍ୟନ୍ତ ରଖାଯିବା ସହିତ ସେଥିପାଇଁ ସ୍ୱତନ୍ତ୍ର 'ପକ୍ସୋ' ଅଦାଲତ ବି ଦେଶ ତମାମ ଖୋଲାଗଲା। ଏହା ସତ୍ତ୍ୱେ ବି ଏଭଳି ଜଘନ୍ୟ ଅପରାଧ ଥମିବାର ନାଁ ଧରୁନି। ୨୦୧୯ ମସିହାରେ ହାଇଦ୍ରାବାଦ୍‌ରେ ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣ-ବଳାତ୍କାର ପରେ ଜିଅନ୍ତା ପୋଡ଼ି ମାରିବା ଭଳି ଅପରାଧ ବି ଘଟିଲା। ସେତେବେଳେ ଧରାପଡ଼ିଥିବା ଅପରାଧୀଙ୍କୁ ଘଟଣାସ୍ଥଳକୁ ତଦନ୍ତ ପାଇଁ ନେଇ ପୋଲିସ ଗୁଳିକରି ହତ୍ୟା କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ପୋଲିସଙ୍କ ଉପରେ ପୁଷ୍ପବର୍ଷଣ କରି ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଆମ ରାଜ୍ୟରେ ଛବିରାଣୀ ବଳାତ୍କାର ଓ ହତ୍ୟାକାଣ୍ଡ ବି ଗୋଟିଏ ସମୟରେ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲା। ଏହାପରେ ପ୍ରାୟ ପ୍ରତିଦିନ ମହିଳାଙ୍କ ପ୍ରତି ଅପରାଧ ବଢ଼ି ଚାଲୁଛି ସିନା କମୁନାହିଁ। ଗୁଜରାଟର ବିଲ୍‌କିସ୍ ବାନୋ ଘଟଣା ଠାରୁ ଉତ୍ତରପ୍ରଦେଶର ହାଥରସ୍, ଜାମ୍ମୁ-କାଶ୍ମୀରର କାଠୁଆ, ଉତ୍ତରପ୍ରଦେଶର ଉନ୍ନାଓ, ଓଡ଼ିଶାର କୁନ୍ଦୁଲି ଆଦିର ଲୋମଟାଙ୍କୁରା ଜଘନ୍ୟ ଘଟଣାରେ ଲୋକେ ବ୍ୟଥିତ ଥିବାବେଳେ ବ୍ୟବସ୍ଥାର ଆତ୍ମାକୁ କିନ୍ତୁ ଏହା ଚହଲାଇ ପାରିନି। କେନ୍ଦ୍ର ସରକାରଙ୍କ



ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ୨୦୨୩ ଡିସେମ୍ବର ମାସରେ ପ୍ରକାଶ ପାଇଥିବା ଏନ୍‌ସିଆରବିର 'କ୍ରାଇମ୍ ଇନ୍ ଇଣ୍ଡିଆ' ରିପୋର୍ଟର ତଥ୍ୟ କହୁଛି ଯେ ୨୦୨୨ ଶେଷ ବେଳକୁ ସାରା ଦେଶରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ୨୧, ୮୪, ୭୬୯ ମାମଲା ବିଚାରାଧୀନ ଥିଲା। ଏବେ ଏହି ସଂଖ୍ୟା ପାଖାପାଖି ୨୫ଲକ୍ଷ ହେବ ବୋଲି ଆଶଙ୍କା କରାଯାଉଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୨ ବର୍ଷରେ ମାତ୍ର ୧, ୮୧, ୮୩୩ଟି ଏଭଳି ମାମଲାର ଫଇସଲା ହୋଇଥିଲା ଏବଂ ସେଥିରୁ ମୋଟେ ୩୮, ୧୩୬ଟିରେ ଦଣ୍ଡବିଧାନ ହୋଇଥିବା ବେଳେ ୧, ୦୫, ୦୮୦ରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିଲେ। ମୋଟାମୋଟି ଭାବେ ବିଚାର ପାଇଁ ଥିବା ମହିଳାମାନଙ୍କ ପ୍ରତି ଅପରାଧିକ ମାମଲାରୁ ଉକ୍ତ ବର୍ଷରେ ଦେଶରେ ମାତ୍ର ୭.୭ ପ୍ରତିଶତ ଫଇସଲା ହୋଇଥିବା ବେଳେ ଦଣ୍ଡବିଧାନ ହାର ଥିଲା ୨୫.୩ ପ୍ରତିଶତ।

ଏହି ରିପୋର୍ଟ ମୁତାବକ ଓଡ଼ିଶାର ସ୍ଥିତି ଢେର୍ ଗମ୍ଭୀର। ୨୦୨୨ ବର୍ଷ ଶେଷ ବେଳକୁ ଆମ ରାଜ୍ୟରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲା ମଧ୍ୟରୁ ୧, ୬୯, ୫୭୨ ବିଚାର ପ୍ରତୀକ୍ଷାରେ ଥିଲା। ବର୍ତ୍ତମାନ ସୁଦ୍ଧା ଏଭଳି କିସମର ମାମଲା ସଂଖ୍ୟା ଓଡ଼ିଶାରେ ଦୁଇ ଲକ୍ଷରୁ ଅଧିକ ହୋଇପାରେ। ଏହିବର୍ଷରେ ଏଭଳି ଜଘନ୍ୟ ମାମଲାରୁ ମାତ୍ର ୪.୨ ପ୍ରତିଶତ ଫଇସଲା ହୋଇଥିବା ବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। ଭାରତର ସରକାରଙ୍କ ରିପୋର୍ଟରେ ପ୍ରକାଶିତ ବିବରଣୀ ମୁତାବକ ମହିଳାଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୨୦୨୨ ବର୍ଷରେ ଓଡ଼ିଶାରେ ମାତ୍ର ୭, ୩୯୩ଟି ଫଇସଲା ହୋଇଛି ଓ ସେଥିମଧ୍ୟରୁ ୬୭୧ଟିରେ ଦଣ୍ଡବିଧାନ ହୋଇଥିବା ବେଳେ ୬, ୬୧୩ଟିରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଛନ୍ତି। ଏଭଳି କ୍ଷେତ୍ରରେ କୋଟି କୋଟି ନିର୍ଭୟା, ଅଭୟାମାନଙ୍କୁ ସୁରକ୍ଷା ଦେବ କିଏ?

ମୋଟାମୋଟି ଭାବେ ସାରା ଦେଶରେ ଏବେ ବିଭିନ୍ନ ଆଇନ୍ ଅଦାଲତରେ ପ୍ରାୟ ୫ କୋଟି ମାମଲା ବିଚାର ପାଇଁ ପଡ଼ିରହିଛି। ସେଥିରୁ ଅପରାଧିକ ମାମଲାର ସଂଖ୍ୟା ୩କୋଟିରୁ ଅଧିକ। ଓଡ଼ିଶାରେ ବି ବିଭିନ୍ନ ଆଇନ୍ ଅଦାଲତରେ ପ୍ରାୟ ୧୯ଲକ୍ଷ ମାମଲା ରହିଥିବା ବେଳେ ସେଥିରୁ ୧୨ଲକ୍ଷରୁ ଅଧିକ ହେଉଛି ଅପରାଧିକ ମାମଲା। ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମେତ ଅନ୍ୟ ଅପରାଧିକ ମାମଲାଗୁଡ଼ିକରୁ କିଏ ୧୫ବର୍ଷର ତ କିଏ ୩୦ବର୍ଷର ପୁରୁଣା ହେଲାଣି। ବିଳମ୍ବିତ ବିଚାର ପ୍ରକ୍ରିୟା, ଦୁର୍ବଳ ତଦନ୍ତ, ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାରେ ସରକାରୀ କଳର ଦୁର୍ବଳତା, ଆଇନ୍‌ର ଦୁରୁପଯୋଗ ଏବଂ ସର୍ବୋପରି ମାମଲା ପରିଚାଳନାରେ ତ୍ରୁଟି ବିଚ୍ୟୁତି ଯୋଗୁଁ ଆଇନ୍ ଅଦାଲତରେ ଏଭଳି ସମ୍ବେଦନଶୀଳ ମାମଲା ଫଇସଲା ହେବା କ୍ଷେତ୍ରରେ ବିଳମ୍ବ ଘଟୁଥିବା ବେଳେ ବିଳମ୍ବିତ ବିଚାର ପ୍ରକ୍ରିୟାରୁ ଫାଇଦା ଉଠାଇ ଅପରାଧୀମାନେ ତଥ୍ୟ ପ୍ରମାଣ ନଷ୍ଟ କରିବାରେ ସଫଳ ହେଉଛନ୍ତି। ଏ କ୍ଷେତ୍ରରେ ନିର୍ଯାତିତାଙ୍କୁ ନ୍ୟାୟ ମିଳିବ କେଉଁଠୁ? ଯେଉଁ ଅଳ୍ପ କେତେକ କ୍ଷେତ୍ରରେ ଦଣ୍ଡ ବିଧାନ ହେଉଛି ସେଠାରେ ବି ଉପର ଅଦାଲତକୁ ଅପିଲ୍‌ରେ ଯାଇ ଅପରାଧୀ ସମୟ ଗଡ଼ାଇବାରେ ସଫଳ ହେଉଛନ୍ତି। ଏମିତିକି ଜଘନ୍ୟ ହତ୍ୟାକାଣ୍ଡ ଓ ଗଣ ବଳାତ୍କାର ଆଦିରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଙ୍କ ପ୍ରତି ଦରଦ ଦେଖାଇ କେଉଁଠି ଦଣ୍ଡ କୋହଳ କରାଯାଉଛି ତ ଆଉ କେଉଁଠି ରାଜକ୍ଷମା ପ୍ରଦାନ ଆଳରେ ଛାଡ଼ି ଦିଆଯାଉଛି। ଆମ ବିକୃତ ବ୍ୟବସ୍ଥାରେ ବଳାତ୍କାରୀ ଅପରାଧ ଘଟାଇବା ପରେ ନିର୍ଲଜ ଭାବେ ଛାତି ଫୁଲେଇ ଚାଲୁଥିବା ବେଳେ ପୀଡ଼ିତାଙ୍କୁ ଘୃଣା ଦୃଷ୍ଟିରେ ଦେଖାଯାଉଥିବାରୁ ସେମାନେ ବିନା ଦୋଷରେ ଯନ୍ତ୍ରଣା ପାଉଛନ୍ତି, ଏମିତିକି କୁନ୍ଦୁଲି ପୀଡ଼ିତାଙ୍କ ଭଳି ଅନେକ ଆତ୍ମହତ୍ୟା କରିଛନ୍ତି। ଏହି ମାନସିକତାକୁ ବଦଳାଇ ସମାଜ ପୀଡ଼ିତାଙ୍କୁ ସାହସ, ଧୈର୍ଯ୍ୟ, ସହାୟତା ଓ ସହଯୋଗର ହାତ ବଢ଼ାଇବା ସହ ଅପରାଧୀଙ୍କ ପ୍ରତି କଠୋର ମନୋଭାବ ପ୍ରକାଶ କରିବା ଆବଶ୍ୟକ।

ଆମ ପୁରାଣ କୁହେ- ରାବଣ କବଳରୁ ସୀତାଙ୍କ ସତୀତ୍ୱ ଶ୍ରୀରାମଚନ୍ଦ୍ର ରକ୍ଷା କରିନଥିଲେ। ସୀତା ହିଁ ନିଜ ଶକ୍ତି ବଳରେ ନିଜର ସୁରକ୍ଷା ନିଜେ କରିଥିଲେ। ସେହିଭଳି ଧର୍ମରାଜ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଦ୍ରୌପଦୀଙ୍କୁ ଜୁଆ ପାଲିରେ ବାଜି ଲଗାଇ ଦେବା ପରେ କୁରୁସଭାରେ ତାଙ୍କୁ ବିବସନା କରାଯିବା ବେଳେ ପାଣ୍ଡବମାନେ ତାଙ୍କ ସୁରକ୍ଷା କରିନଥିଲେ। ନିଜ ଭକ୍ତିର ଶକ୍ତି ବଳରେ ଦ୍ରୌପଦୀ ହିଁ ନିଜର ସୁରକ୍ଷା ପାଇଁ ଶ୍ରୀକୃଷ୍ଣଙ୍କ ସହଯୋଗ ନେଇଥିଲେ। ଅହଲ୍ୟା, ଅନସୂୟା ଆଦିଙ୍କ ଉଦାହରଣ ବି ଏ କ୍ଷେତ୍ରରେ ନିଆଯାଇପାରେ। ଯେତେବେଳେ ରାଷ୍ଟ୍ରର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷା ଦେଇପାରୁ ନାହିଁ, ସମାଜ ମୂକ-ବଧିର-ଦୃଷ୍ଟିହୀନ ଭଳି ବସି ରହୁଛି ସେତେବେଳେ ମାତୃଶକ୍ତି ହିଁ ନିଜେ ନିଜର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ଦରକାର। ମାତୃଶକ୍ତି ଯେଭଳି ପାଳନକର୍ତ୍ତ୍ରୀ ସେହିଭଳି ସଂହାରକର୍ତ୍ତ୍ରୀ ମଧ୍ୟ। ଆମ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ଆମେମାନେ ବି ମା'ର ସନ୍ତାନ। ମା'ନଥିଲେ ଆମେ ଏ ଦୁନିଆକୁ ଆସିନଥାନ୍ତୁ। ଏ ପରିପ୍ରେକ୍ଷୀରେ ମାତୃ ଜାତିର ଇଜ୍ଜତ, ମାନ ସମ୍ମାନ ରକ୍ଷା ପାଇଁ ଆମକୁ କୃତଜ୍ଞତାର ସହ କାମ କରିବାକୁ ହେବ ଏବଂ ଯେଉଁ ବିପଥଗାମୀମାନେ କୃତଘ୍ନତାର ଶୀର୍ଷ ସୋପାନକୁ ଯାଇ ମାତୃ ଜାତି ପ୍ରତି ଅପମାନ, ଅତ୍ୟାଚାର ଓ ଅପରାଧ ଘଟାଉଛନ୍ତି ସେମାନଙ୍କୁ ଠିକଣା ବାଟକୁ ଆଣିବାକୁ ପଡ଼ିବ। ପିତା-ମାତା, ପରିବାର, ସରକାର ଓ ସମାଜ ବି ପିଲାମାନଙ୍କୁ ସୁଶୃଙ୍ଖଳ, ସଭ୍ୟ ଓ ସଂସ୍କାରୀ କରି ଗଢ଼ିବା ଚାହି। ନହେଲେ ଭବିଷ୍ୟତର ବଂଶଧରମାନେ ଆମକୁ କଦାପି କ୍ଷମା କରିବେ ନାହିଁ।

**ମୋବାଇଲ୍: ୯୪୩୭୦୧୭୩୯୫**

# ଚୀନର ଅକ୍ଷମଣୀୟ ଅପରାଧ



**ଆଶୁତୋଷ ନାୟକ**



ସାରା ବିଶ୍ୱରେ ଭାରତ ପ୍ରଥମ ସଭ୍ୟତା ଏବଂ ଚୀନ ଦ୍ୱିତୀୟ ସଭ୍ୟତା ରୂପେ ପରିଚିତ। ଉଭୟ ଦେଶ ଏସିଆ ମହାଦେଶ ର ବିଶାଳ ଏବଂ ବିକଶିତ। ବାଣିଜ୍ୟ କାରବାର ପାଇଁ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଅତି ନିବିଡ଼। ସମସ୍ତ ମୋବାଇଲ ଯନ୍ତ୍ରାଂଶ ଓ ମେଡ଼ିସିନ ରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ ଉପକରଣ, , ଖେଳନା ପ୍ରଯ୍ୟନ୍ତ ଅନେକ ଦ୍ରବ୍ୟ ପାଇଁ ଆମ ଦେଶ ଭାରତ ପଡୋଶୀ ରାଷ୍ଟ୍ର ଚୀନ ଉପରେ ନିର୍ଭରଶୀଳ। ଅଷ୍ଟାଦଶ ଶତାବ୍ଦୀ ରେ ଉଭୟ ଭାରତ ଚୀନ ବିଶ୍ୱ ଏଉଚ ର ୫୫%ଭାଗିଦାର ଥିଲେ। ପାଶ୍ଚାତ୍ୟ ସାମ୍ରାଜ୍ୟ ଦ୍ୱାରା ପ୍ରଭାବିତ ହୋଇ ୧୯୫୦ ରେ ଆମ ଦେଶ ଭାରତ ଆଧୁନିକ ଗଣତନ୍ତ୍ର ରାଷ୍ଟ୍ର ରୂପେ ସ୍ଥାପିତ ହୋଇଥିଲା। ଭାରତ ଗାନ୍ଧିଜୀ ଙ୍କ ସତ୍ୟନିଷ୍ଠା, ଉଦାର ମାନବିକତା, ଧାର୍ମିକ ଭାବନା ସ୍ୱତନ୍ତ୍ର -ବିଚାର କୁ ସଦା ସର୍ବଦା ଅବଲମ୍ବନ କରିଥାଏ। ଇତିହାସ ର ପୃଷ୍ଠା କୁ ଅବଲୋକନ କଲେ ଏହା ପରିଲିକ୍ଷତ ହୁଏ, ଭାରତ 'ବସୁଧୈବ କୁଟମ୍ବକମ' ନୀତି ଓ ଆଦର୍ଶ କୁ ସମ୍ପୂର୍ଣ ରୂପେ ପାଳନ କରେ। ସେଥିପାଇଁ ଭାରତ ବିଶ୍ୱ ର ଏକମାତ୍ର ଦେଶ ଯାହାକୁ ଶାସ୍ତ୍ର ରେ ଏବଂ ବିଦ୍ୱାନ ମୁନି ଋଷି ମାନେ ମଧ୍ୟ ଦେବଭୂମି ଓ ପୂର୍ଣ୍ୟଭୂମି ର ଆଖ୍ୟା ଦେଇଛନ୍ତି। କିନ୍ତୁ ଚୀନର ପୁରୁଣା ଇତିହାସକୁ ଅବଲୋକନ କଲେ ଏହା ପରିଲକ୍ଷିତ ହୁଏ, କି ଚୀନ ସଦା ସର୍ବଦା ମାଓଙ୍କ ଦର୍ଶନଶାସ୍ତ୍ର, ଏକଛତ୍ରବାଦୀ ନୀତି, ଆତ୍ମକେନ୍ଦ୍ରୀକ ନୀତି କୁ ଆପଣେଇ ଥାଏ।

ଚୀନର Finger Rule ନିଜ ହାତ, ତିବତକୁ ପାପୁଲି, ଅରୁଣାଚଳ ପ୍ରଦେଶ, ଭୁଟାନ, ସିକମ୍, ନେପାଳ, ଲଦାଖକୁ ପାଞ୍ଚ ଆଙ୍ଗୁଠି ଭାବେ। ଏହି ଅଞ୍ଚଳ ଏହାର ଅବିଛେଦ ଅଙ୍ଗ ପ୍ରମାଣିତ କରିବା ପାଇଁ ବିବାଦୀୟ ଚିତ୍ର ଅଙ୍କନ କରି କାରଣ ଦର୍ଶାଇଥାଏ। ଯାହାକୁ ମକ୍ସବସ୍ୱକ୍ଟଶକ୍ସବକ୍ତଷସମ ଇଶଶକ୍ସରଗ୍ଵଗ୍ଵସକ୍ଟଭ କୁହାଯାଏ। ୧୯୧୪ ରେ ଶିମିଳା ସମ୍ମିଳନୀ କୁ ଚୀନ ଅମାନ୍ୟ କରିଥିଲା ସ୍ୱାଧୀନତା ପରେ ଭାରତ ଆଦର୍ଶବାଦରେ ପ୍ରେରିତ ହୋଇ ଚୀନ ସହ ଭଲ ସମ୍ପର୍କ ସ୍ଥାପନ କରି ଉଭୟ ଆମେରିକା ଓ ରୁଷ ଠାରୁ ବିକଶିତ ହେବାର ସ୍ୱପ୍ନ ଦେଖୁଥିଲ। ସେଥିପାଇଁ ଭାରତ ଚୀନ କୁ ତାଇୱାନ ଦ୍ୱନ୍ଦ ୧୯୫୫ ରେ ବାଣ୍ଡୁମ ସମ୍ମିଳନୀ ସଂଯୁକ୍ତ ରାଷ୍ଟ୍ର ର ସମ୍ମିଳନୀରେ ଆଦି ସାହାଯ୍ୟ କରିଥିଲା। ଏହାର ଫାଇଦା ରେ ଚୀନ ତିବତ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା। ଯାହା ଦ୍ୱାରା ମ୍ୟାକ ମୋହନ ରେଖା ( ଗମଗବଷକ୍ଟଭ ଖସଭର) ଅସୁରକ୍ଷିତ ହୋଇଥିଲା। ୧୯୫୪ ରେ ପଞ୍ଚଶୀଳ ଯୋଜନା କୁ ଚୀନ ଅସ୍ୱୀକାର କରିଥିଲ।

ଭାରତ ର ସାହାଯ୍ୟ ପାଇଁ ମଧ୍ୟ ବିଶ୍ୱାସଘାତକ ଚୀନ ୧୯୫୯ ରେ ଅକସର ଚୀନ, ଅରୁଣାଚଳ ପ୍ରଦେଶ ର ତୱାଙ୍ଗ କୁ ନିଜ ଦେଶ ର ମାନଚିତ୍ର ରେ ଦର୍ଶାଇଥିଲା ଏବଂ ଭାରତ ର ଅଙ୍ଗ କାଶ୍ମୀର ନୁହେଁ ବୋଲି ମନ୍ତବ୍ୟ ଦେଇଥିଲା। ଭାରତ ଏହାର ଦୃଢ଼ ପ୍ରତିବାଦ କରିବାରୁ ୧୯୬୨ ରେ ଅରୁଣାଚଳ ପ୍ରଦେଶ ଏବଂ ସିକିମ କୁ ଆକ୍ରମଣ କରି ଯୁଦ୍ଧ ଆହ୍ୱାନ ଦେଇଥିଲା। ଭାରତ ର ସାମରିକ ସେନା ସମ୍ପୂର୍ଣ ରୂପେ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲା ତଥାପି ଚୀନ ଭାରତ ଉପରେ ହଠାତ୍ ଆକ୍ରମଣ କରିଥିଲା। ଚୀନ ର ଛଳନା, ପ୍ରତାରଣା ଓ ବିଶ୍ୱାସଘାତକତା ପାଇଁ ଭାରତ ର ଅର୍ଥନୀତି, ସାମରିକ ଓ ବେସାମରିକ ସ୍ତର ରେ କ୍ଷତି ସହିବାକୁ ପଡ଼ିଥିଲା। ତା ପରେ ୧୯୭୬, ୧୯୮୬ ଏବଂ ୧୯୮୮ ରେ ସମ୍ପର୍କ ସୁଧାରିବା ପାଇଁ ଆମ ଦେଶ ପ୍ରୟାସ କରିଥିଲା।ଚୀନର ପ୍ରକୃତି ବିଷଧର ସର୍ପ ସଦୃଶ। ବିଷଧର ସର୍ପ କୁ ଯେତେ ବି ଦୁଗ୍ଧ ପାନ କରାଇଲେ ମଧ୍ୟ ଦଂଶନ ପ୍ରକୃତି ପରିହାର କରି ନଥାଏ। ଠିକ୍ ସେହିପରି ଚୀନ ସଦା ସର୍ବଦା ନିଜର ପତିଆରା ବୃଦ୍ଧି କରିବାକୁ ଚେଷ୍ଟିତ ଓ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା ତାର ମୁଖ୍ୟ ଲକ୍ଷ୍ୟ। ତେଣୁ ଭାରତ ର ଶାନ୍ତି ର ବାର୍ତ୍ତା ଚୀନ ବୁଝିବାକୁ ଅସମର୍ଥ।

ଚୀନ କୋଣସି ଅଞ୍ଚଳ ସମ୍ପୂର୍ଣ୍ଣ କବଜା ନ କରି ଧୀରେ ଧୀରେ ଅକ୍ତିଆର କରି ସାମ୍ରାଜ୍ୟ ବିସ୍ତାର କରେ। ଏହାକୁ ସାଲାମୀ ଯୋଜନା କୁହାଯାଏ। ୨୦୧୭ରେ ଦୋକଲାମ ବିବାଦ ରେ ଚୀନ ବିରୋଧରେ ଭୁଟାନକୁ ଭାରତ ସମର୍ଥନ ଜଣାଇଥିଲା। ଚୀନ କସଗରଠୁଁ ବାଲୁଚିସ୍ଥାନ ପ୍ରଯ୍ୟନ୍ତ ପାକିସ୍ତାନ କୁ ହାତରେ ରଖି ପ୍ରଧାନ ମାର୍ଗ କରୁଛି। ଆତଙ୍କବାଦୀ ମାନଙ୍କୁ ପ୍ରତେକ୍ଷ୍ୟ ଓ ପରୋକ୍ଷରେ ସମର୍ଥନ କରୁଛି ଏବଂ ତାର ପୃଷ୍ଟପୋଷକତା ପାଇଁ ପାକିସ୍ତାନ ଓ ଅନ୍ୟ ଦେଶ ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶର ଶରଣ ଦେଇଛନ୍ତି ସେହି ମାନଙ୍କର ଶକ୍ତି, ସାମର୍ଥ୍ୟ ବୃଦ୍ଧି ବିପୁଳ ପାଣ୍ଠି ଯୋଗାଉଛି ଚୀନ। ସିକ୍ୟୁରିଟି କାଉନସିଲରେ ଭିଟୋ ପାୱାରର ଅପବ୍ୟବହାର କରି ଚାରୋଟି (୪ଟି) ରାଷ୍ଟ୍ରଙ୍କ ସମର୍ଥନ ସତ୍ତ୍ୱେ ଭାରତ କୁ ସ୍ଥାୟୀ ସଦସ୍ୟ ରୂପେ ଅନ୍ତର୍ଭୁକ୍ତ କରୁ ନାହିଁ। ମାସୁଦ ଆଜରକୁ ଚୀନ ଆତଙ୍କବାଦୀ ବୋଲି ସ୍ୱୀକାର କରୁ ନାହିଁ। ଚୀନ ବ୍ରହ୍ମପୁତ୍ର ଜଳ ବିବାଦ ରେ ମଧ୍ୟ ସମ୍ପୃକ୍ତ। ଜୁନ -୧୫, ୨୦୨୦ ମସିହାରେ ଗଲୱାନ ହଟ ସ୍ପ୍ରିଙ୍ଗ ଉପତ୍ୟକାରେ ଭାରତ ଓ ଚୀନ ସେନାଙ୍କ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଭାରତ ପ୍ରତିରକ୍ଷା ବିଭାଗର ତଥ୍ୟ ଅନୁସାରେ ଏହି ଗଲୱାନ ଘଟଣାରେ ଆମ ଦେଶର ବୀର, ସାହସୀ, ଲଢୁଆ ୨୦ରୁ ଅଧିକ ଯବାନ ସହୀଦ ହୋଇଥିଲେ। ଅହଂକାରୀ ଏକଛତ୍ରବାଦୀ ଶାସକ ରାଷ୍ଟ୍ରପତି ଜିନ ପିଙ୍ଗଙ୍କ କମ୍ୟୁନିଷ୍ଟ ବାଦୀ ଚିନ୍ତାଧାରା ଏବଂ ଏକ ଛତ୍ରବାଦୀ ଦମନ ନୀତି ଦିନେ ଚୀନକୁ ସର୍ବସ୍ୱାନ୍ତଃ କରିଦେବ। ଏଥିରେ ସନ୍ଦେହର ଅବକାଶ ନାହିଁ। ଭାରତ ୨୦୧୯ ରେ କର୍ଣ୍ଣଲ ଚେଅଡୁ ରିନଚୈନ ସେତୁ ନିର୍ମାଣ କରିଛି। ଚୀନର Strings Pearls Theory ଆପଣେଇ ଭାରତ ମହା ସାଗର ରୁ ଭାରତକୁ ଘେରିଛି। ତା ପାଇଁ ଭାରତ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ସହ ମିଶି ଚତୃରଭୁଂଜିୟ ସଂଘ ସ୍ଥାପନା କରିଛି। ମାଲବାର ଏକସର ସାଇଜକୁ ସୁଦୃଢ଼ କରି ଅଷ୍ଟ୍ରେଲିଆ, ସିଙ୍ଗାପୁର କୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି। ମୌସମ ପରିକଳ୍ପନା, ସାଗରମାଳା ପରିକଳ୍ପନା, Act East Policyକୁ ଗୁରୁତ୍ୱ ଦେଇଛି। String of flower Theory ଦ୍ୱାରା ଚୀନ ର ଯେଉଁଠି ବନ୍ଦର ନିର୍ମାଣ କରୁଛି, ସେହି ସ୍ଥାନରେ ଭାରତ ତାର ନିଜର ବନ୍ଦର ନିର୍ମାଣ କରିଛି। ପାର୍ବତ୍ୟ ଉଚ୍ଚ ଅଞ୍ଚଳ ରେ ଭାରତ ନିଜର ସ୍ଥଳସେନା କୁ ଅଧିକ ସକ୍ରିୟ କରିଛି। ବ୍ରହ୍ମସ, ସୁଖୋଇ MO-MK1 21-MIG 29S ପରି ବିମାନ ସଜାଗ ରହିଛି।

ସଦ୍ୟତମ ଘଟଣା ପୁଣି ଥରେ ଚୀନ ର ବିଶ୍ୱାସଘାତକତା ଏବଂ ପ୍ରତାରଣା କୁ ପ୍ରମାଣିତ କରିଛି। ଗତ ସପ୍ତାହ ରେ ଜୁହାଂଶବର୍ଗ ରେ ହୋଇଥିବା ବ୍ରିକ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ସି- ଜିନପିଙ୍ଗ ମଧ୍ୟରେ ସୀମା ବିବାଦ ର ସମାଧାନ ପାଇଁ ଆଲୋଚନା ହୋଇଥିଲା ଏବଂ ଉଭୟ ରାଷ୍ଟ୍ର ଏଥିରେ ସହମତି ପ୍ରକାଶ କରିଥିଲେ କିନ୍ତୁ ଚୀନ ନିଜର ଅଭ୍ୟାସଗତ ବିଶ୍ୱାସଘାତକ ପ୍ରବୃତି ରୁ ନିବୃତ ହୋଇନାହିଁ। ଚୀନ ପୁଣି ଥରେ ୨୮ଅଗଷ୍ଟ ୨୦୨୩ ସୋମବାର ଦିନ ସରକାରୀ ଭାବେ ଏକ ନୂଆ ମାନଚିତ୍ର ଜାରି କରିଛି। ଏଥିରେ ଆମ ଦେଶର ଅରୁଣାଚଳ ପ୍ରଦେଶ କୁ ନିଜର ଅଞ୍ଚଳ ଦର୍ଶାଇଛି। ଅରୁଣାଚଳ କୁ ଦକ୍ଷିଣ ତିବତ ଭାବେ ନିଜର ଅଞ୍ଚଳ ଦର୍ଶାଇଛି। ଖାଲି ଅରୁଣାଚଳ ପ୍ରଦେଶ ନୁହେଁ ଅକ୍ସାଇ ଚୀନ, ତାଇୱାନ ଏବଂ ବିବାଦୀୟ ଦକ୍ଷିଣ ଚୀନ ସାଗର କୁ ଚୀନ ନୂଆ ମାନଚିତ୍ର ରେ ସ୍ଥାନିତ କରିଛି। ଚୀନ ର ପ୍ରାକୃତିକ ସମ୍ପଦ ମନ୍ତ୍ରାଳୟ ଦ୍ୱାରା ଏହି ମାନଚିତ୍ର ଜାରି ହୋଇଛି।

ବିଂଶ ଶତାବ୍ଦୀର ଭାରତକୁ ଚୀନ ଭୟଭୀତ କରିବାର ଅଭିଳାଷା ମନ ଭିତରୁ ସମ୍ପୂର୍ଣ୍ଣ ପରିହାର କରିବା ଉଚିତ। ଶତ୍ରୁକୁ ଦୃଢ଼ ହସ୍ତରେ ଦମନ କରିବା ରେ ଭାରତ ସିଦ୍ଧହସ୍ତ। ଶାନ୍ତି ଚୁକ୍ତିକୁ ଚୀନ ଯଦି ଆମର ଦୁର୍ବଳତା ଭାବୁଛି ତାହେଲେ ଭାରତର ଲଢୁଆ, ସାହସୀ, ଯବାନ ମାନେ ଏହାକୁ ଦୃଢ଼ ହସ୍ତରେ ଦମନ କରିବାକୁ ପଛ ଘୁଞ୍ଚା ଦେବେନାହିଁ। ଯଦି ଆମ ଦେଶର ସୁରକ୍ଷା, ଅଖଣ୍ଡତା ଏବଂ ସାର୍ବଭୌମତାକୁ କ୍ଷତି ପହଞ୍ଚିବା ପରି ଚୀନ କୌଣସି କାର୍ଯ୍ୟ କରେ ଏହାକୁ ବରଦାସ୍ତ କରାଯିବ ନାହିଁ।

**ଗୋପାଳପୁର, ବାଲେଶ୍ୱର**

## ମୋଦୀଙ୍କ 'ମନ୍ କୀ ବାତ୍'

# ଆନିମେସନ ଓ ଗେମିଂରେ କ୍ରାନ୍ତି ଆସିଛି

**ନୂଆଦିଲ୍ଲୀ, ୨୭।୧୦:** ଆନିମେସନ ଓ ଗେମିଂ କ୍ଷେତ୍ରରେ କ୍ରାନ୍ତି ଆସିଛି। ଭାରତୀୟ ଆନିମେସନ୍‌କୁ ପସନ୍ଦ କରାଯାଉଛି। ୨୮ ତାରିଖରେ ବିଶ୍ୱ ଆନିମେସନ ଦିବସ ପାଳନ। ୧୧୫ତମ 'ମନ କି ବାତ୍' କାର୍ଯ୍ୟକ୍ରମରେ ଆନିମେସନ କ୍ଷେତ୍ରକୁ ପ୍ରଶଂସା କରି ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆନିମେସନ୍ ଏବଂ ଗେମିଂରେ ଭାରତ ବିପ୍ଳବ ପଥରେ ଅଛି। ଭାରତର ଗେମିଂ କ୍ଷେତ୍ର (ଖେଳ ସ୍ଥାନ) ମଧ୍ୟ ବିସ୍ତାର ହେଉଛି ଏବଂ ଭାରତୀୟ ଖେଳ ସମଗ୍ର ବିଶ୍ୱରେ ପ୍ରସିଦ୍ଧ ହେଉଛି। ମୁଁ ଅଗ୍ରଣୀ ଖେଳାଳିଙ୍କୁ ଭେଟିଥିଲି ସେମାନଙ୍କଠାରୁ ଭାରତୀୟ ଗେମିଂର ସୃଜନଶୀଳତା ଜାଣିବା ଏବଂ ବୁଝିବାର ସୁଯୋଗ ପାଇଥିଲି।

ବର୍ତ୍ତମାନ ସମୟରେ ଭାରତର ପ୍ରତିଭା ବିଦେଶୀ ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ସ୍ପାଇଡର୍ ମ୍ୟାନ୍ ହେଉ କିମ୍ବା ଟ୍ରାନ୍ସଫର୍ମର୍ସ ହୁଅନ୍ତୁ, ଲୋକମାନେ ଏହି ଦୁଇଟି ଚଳଚ୍ଚିତ୍ରରେ ହରିନାରାୟଣ ରାଜୀବଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଆଜିର ଯୁବପିଢ଼ି ଏପରି କଣ୍ଟେଣ୍ଟ ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ଭାରତୀୟ ସଂସ୍କୃତର ପ୍ରତିଫଳନ ହେବା ସହ ଏହାକୁ ସମଗ୍ର ବିଶ୍ୱରେ ପସନ୍ଦ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଏବେ ଆନିମେସନ୍ ସେକ୍ଟର ଏକ ଇଣ୍ଡଷ୍ଟ୍ରିର ରୂପ ନେଇଛି, ଯାହା ଅନ୍ୟ ଶିଳ୍ପକୁ ବି ଶକ୍ତି ଦେଉଛି। ଏହି ଦିନଗୁଡ଼ିକ ପରି, ଭିଆର୍ ଟୁରିଜମ୍ ମାଧ୍ୟମରେ ଏକ ଭର୍ଚୁଆଲ୍ ଭ୍ରମଣ କରି ଅଜନ୍ତା ଗୁମ୍ଫାକୁ ଦେଖିପାରିବେ। ବନାରସ ଘାଟକୁ ଉପଭୋଗ କରିପାରିବେ। ଆନିମେଟରଙ୍କ ସହ ଗେମ୍ ଡେଭଲପର, ଷ୍ଟୋରୀ ଟେଲର୍ ଏବଂ ଭଏସ୍ ଓଭର୍ କଳାକାରଙ୍କ ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁଛି। ଦେଶରୁ ସୃଜନଶୀଳତାକୁ ଜାରି ରଖିବା ସହ ଏହାକୁ ବିସ୍ତାର କରିବାର ଚେଷ୍ଟା କରନ୍ତୁ, କିଏ ଜାଣେ ଦୁନିଆର ପରବର୍ତ୍ତୀ ସୁପରହିଟ୍ ଆନିମେଶନ ଆପଣଙ୍କ କମ୍ପ୍ୟୁଟରରୁ ବାହାରିପାରେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଆସନ୍ତାକାଲିକୁ ଅର୍ଥାତ୍ ଅକ୍ଟୋବର ୨୮କୁ ବିଶ୍ୱ ଆନିମେସନ୍ ଦିବସ ପାଳନ କରିବାକୁ ଘୋଷଣା କରିଛନ୍ତି। ଆମେ ଭାରତକୁ ଗ୍ଲୋବାଲ୍ ଆନିମେସନ ପାୱାର ହାଉସ୍ କରିବା ପାଇଁ ସଂକଳ୍ପ ନେଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀ ଆତ୍ମନିର୍ଭରଶୀଳ ଭାରତ ବିଷୟରେ ଆଲୋଚନା କରି କହିଛନ୍ତି, ଆତ୍ମନିର୍ଭରଶୀଳତା କେବଳ ଆମର ନୀତି ନୁହେଁ ବରଂ ଏକ ବୃତ୍ତିରେ ପରିଣତ ହୋଇଛି। ଆତ୍ମନିର୍ଭରଶୀଳ ଭାରତ ପ୍ରତ୍ୟେକ କ୍ଷେତ୍ରରେ ଚମତ୍କାର କାର୍ଯ୍ୟ କରୁଛି। ଏକଦା ମୋବାଇଲ୍ ଫୋନ୍ ଆମଦାନୀ କରୁଥିବା ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ଉତ୍ପାଦକ ହୋଇପାରିଛି। ଏକଦା ବିଶ୍ୱରେ ପ୍ରତିରକ୍ଷା ସାମଗ୍ରୀର ସର୍ବବୃହତ କ୍ରୟକାରୀ ଥିବା ଭାରତ ବର୍ତ୍ତମାନ ଏହାକୁ ୮୫ ଦେଶକୁ ରପ୍ତାନି କରୁଛି। ସ୍ପେସ୍ ଟେକ୍ନୋଲୋଜି ମଧ୍ୟ ଅଗ୍ରଗତି କରୁଛି। ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଏକ ଜନ ଅଭିଯାନରେ ପରିଣତ ହେଉଛି।



# ତୃତୀୟ ପର୍ଯ୍ୟାୟରେ ଏନ୍‌ସିପିର ଆଉ ୪୯ ପ୍ରାର୍ଥୀ



**ମୁମ୍ବାଇ, ୨୭।୧୦:** ବିଧାନସଭା ନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ଅଜିତ ପାୱାରଙ୍କ ନେତୃତ୍ୱାଧୀନ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି)। ଆଜି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଚାରି ଜଣଙ୍କୁ ମିଳିଛି ଟିକେଟ୍। ଏହି ତାଲିକା ସହ ଏନସିପି ୪୯ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଆଜି ଟିକେଟ୍ ମିଳିଥିବା ପ୍ରାର୍ଥୀଙ୍କ ମଧ୍ୟରେ, ବିଜୟ ସିଂହ ପଣ୍ଡିତଙ୍କୁ ଗେଭରାଇରୁ ଟିକେଟ୍ ମିଳିଛି। ସେହିପରି ଫାଲଟନରୁ ସଚିନ ସୁଧାକର ପାଟିଲ, ନିଫାଦରୁ ଦିଲୀପ ବଙ୍କର ଏବଂ ପାର୍ନରରୁ କାଶୀନାଥ ଦତେ ପ୍ରାର୍ଥୀ ହୋଇଛନ୍ତି।

ଅଜିତ ପାୱାର ନେତୃତ୍ୱାଧୀନ ଏନସିପିର ରାଜ୍ୟ ସଭାପତି ସୁନୀଲ ଟାଟକେର୍ ଆଜି ଏହି ଘୋଷଣା କରିଛନ୍ତି। ଦଳର ପ୍ରଥମ ଏବଂ ଦ୍ୱିତୀୟ ତାଲିକା ଯଥାକ୍ରମେ ଅକ୍ଟୋବର ୨୩ ଏବଂ ୨୫ରେ ପ୍ରକାଶ ପାଇଥିଲା। ଉପ-ମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର ବାରାମତୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଠାରେ ପାୱାର ବନାମ ପାୱାରଙ୍କ ଏକ କଡ଼ା ଟକ୍କର ଦେଖିବାକୁ ମିଳିବ। କାରଣ ତାଙ୍କ ବିରୁଦ୍ଧରେ ପୁତୁରା ଯୁଗେନ୍ଦ୍ର ପାୱାର ଫାଇଟ୍ କରିବେ। ଶରଦ ପାୱାରଙ୍କ ଏନସିପି ଯୁଗେନ୍ଦ୍ରଙ୍କୁ ବାରାମତୀରୁ ପ୍ରାର୍ଥୀ କରିଛି। ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଆସନ୍ତା ୨୦ ତାରିଖରେ ଭୋଟ ହେବ। ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

# ଲରେନ୍ସ ବିଷ୍ଣୋଇକୁ ଖୋଲା ଧମକ



**ମୁମ୍ବାଇ, ୨୭।୧୦:** ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ଓ ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କୁ ଧମକ ପରେ ଚର୍ଚ୍ଚାରେ ରହିଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ। ସେପଟେ ସଲମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କ ସୁରକ୍ଷା ମଧ୍ୟ କଡ଼ାକଡି କରାଯାଇଛି। ଏହାରି ଭିତରେ ଲରେନ୍ସ ବିଷ୍ଣୋଇଙ୍କୁ ଖୋଲା ଧମକ ଦେଇଛନ୍ତି ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି। ତାଙ୍କୁ ହତ୍ୟା କରିବାକୁ ସେ ୫୦୦୦ ଶୁଟର୍ ପଠାଇଥିବା କହିଛନ୍ତି। ଉତ୍ତରପ୍ରଦେଶର ରାଏବରେଲିର ଜଣେ ଯୁବକ ଏକ ଭିଡିଓ ଜାରି କରି ଲରେନ୍ସ ବିଷ୍ଣୁଙ୍କୁ ଜେଲ୍ ଭିତରେ ହତ୍ୟା କରିବାକୁ ଖୋଲା ଧମକ ଦେଇଛନ୍ତି। ସେ କହିଛନ୍ତି ଯେ, 'ଯଦି ଆମ ସଲମାନ ଭାଇଙ୍କ ସହ କିଛି ଘଟେ, ତେବେ ତୁମେ ବି ବଞ୍ଚିବନି। ଜେଲ ଭିତରେ ପଶି ହତ୍ୟା କରିବି। ତୁମର ୨୦୦୦ ଶୁଟର୍ ପ୍ରସ୍ତୁତ ଥିଲେ, ମୁଁ ମଧ୍ୟ ୫୦୦୦ ଶୁଟର୍‌ଙ୍କୁ ମୁମ୍ବାଇ ପଠାଇଛି। ସେ ଜେଲ୍ ଭିତରେ ପଶି ତୁମକୁ ହତ୍ୟା କରିବେ।' ବ୍ୟକ୍ତି ଜଣଙ୍କର ୩୭ ସେକେଣ୍ଡର ଏହି ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓ ନଜର ଆସିଥିବା ବ୍ୟକ୍ତି ଜଣକ ହେଉଛନ୍ତି, ଲାଲଗଞ୍ଜ ଥାନା ଅଞ୍ଚଳର ଦୀପେମଉ ସୋହବଲ ଗାଁର ବାସିନ୍ଦା। ଭିଡିଓରେ ସେ 'ଶୁଣ ଲରେନ୍ସ ବିଷ୍ଣୋଇ, ଯଦି ତୁମର ଦୁଇ ହଜାର ଶୁଟର ମୁମ୍ବାଇରେ ପ୍ରସ୍ତୁତ, ତେବେ ମୁଁ ମଧ୍ୟ ପାଞ୍ଚ ହଜାର ଶୁଟରଙ୍କୁ ମୁମ୍ବାଇ ପଠାଇଛି' ବୋଲି କହୁଥିବା ଶୁଣିବାକୁ ମିଳିଛି।

ସେ ଆହୁରି କହିଛନ୍ତି, 'ତୁମେ କିମ୍ବା ତୁରମ ଶୁଟର୍‌ମାନେ ବଞ୍ଚି ପାରିବ ନାହିଁ। ଗୋଟିଏ ବି ସୁଟର ମୁମ୍ବାଇରୁ ଖସି ଯାଇପାରିବେ ନାହିଁ। ଭିଡିଓରେ ସେ ଲରେନ୍ସ ବିଷ୍ଣୋଇ ଏବଂ ତାଙ୍କ ସୁଟରଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ଶୁଣିବାକୁ ମିଳୁଛି।

ଏହି ଭିଡିଓ ଭାଇରାଲ ହେବା ପରେ ପୁଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ଭିଡିଓ ପୋଷ୍ଟ କରିଥିବା ଯୁବକ ଜଣକ ମୁମ୍ବାଇରେ ଅଛନ୍ତି। ମୁମ୍ବାଇରୁ ହିଁ ସେ ଏହି ଭିଡିଓକୁ ପୋଷ୍ଟ କରିଛନ୍ତି। ତେଣୁ ମୁମ୍ବାଇରେ ମଧ୍ୟ ଏଫ୍‌ଆଇଆର୍ ରୁଜୁ ହୋଇଛି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

# ବାନ୍ଦ୍ରା ଷ୍ଟେସନରେ ଦଳାଚକଟା: ୯ ଗୁରୁତର

**ମୁମ୍ବାଇ, ୨୭।୧୦:** ମୁମ୍ବାଇ ବାନ୍ଦ୍ରା ଷ୍ଟେସନରେ ଦଳାଚକଟା। ଆଜି ସକାଳୁ ବାନ୍ଦ୍ରା ପ୍ଲାଟଫର୍ମ ନମ୍ବର ୧ରେ ଘଟିଛି ଏଭଳି କିଛି ଘଟଣା। ଏଥିରେ ୯ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଆଜି ସକାଳୁ ବାନ୍ଦ୍ରା ଷ୍ଟେସନରେ ପ୍ରବଳ ଭିଡ଼ ଜମିଥିଲା। ଲୋକେ ଟ୍ରେନରେ ଚଢ଼ିବା ପାଇଁ ଠେଲାପେଲା ବେଳେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୯ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ତୁରନ୍ତ ମୁମ୍ବାଇର ଭବା ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନେ ଚିକିତ୍ସିତ ଚାଲିଛି। ବ୍ରିହାନମୁମ୍ବାଇ ମ୍ୟୁନିସିପାଲିଟି କର୍ପୋରେସନ (ବିଏମସି) ଅନୁଯାୟୀ, ଦଳାଚକଟାରେ ଆହତ ୯ଜଣଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବାନ୍ଦ୍ରା ଟର୍ମିନାସର ପ୍ଲାଟଫର୍ମ ନମ୍ବର ୱାନରେ ସକାଳ ୫ଟା ୫୬ମିନିଟ୍ ରେ ଏହି ଘଟଣା ଘଟିଛି। ୨୨୯୧୨ ବାନ୍ଦ୍ରା-ଗୋରଖପୁର ଏକ୍ସପ୍ରେସରେ ଟ୍ରେନ୍ରେ ଚଢ଼ିବା ପାଇଁ ଲୋକେ ଠେଲାପେଲା ହୋଇଥିଲେ।

ରେଲ୍‌ୱେ ତରଫରୁ ମିଳିଥିବା ସୂଚନା ମୁତାବକ, ସାପ୍ତାହିକ ଟ୍ରେନ୍ ବାନ୍ଦ୍ରା ଗୋରଖପୁର ଏକ୍ସପ୍ରେସକୁ ରି-ସେଡ୍ୟୁଲ ହୋଇଥିଲା। ଏହି ଟ୍ରେନ୍ ସକାଳ ୫ଟା ୧୦ରରେ ଚାଲିବାର ଥିଲା। ତେବେ ରି-ସେଡ୍ୟୁଲ ଆଜି ସକାଳେ ଟ୍ରେନ୍ ପ୍ଲାଟଫର୍ମରେ ବିଳମ୍ବରେ ପହଞ୍ଚିଥିଲା। ରାତି ପ୍ରାୟ ୩ ରୁ ସାଢ଼େ ୩ଟା ଭିତରେ ଗାଡି ପ୍ଲାଟଫର୍ମକୁ ଆସିଥିଲା। ଷ୍ଟେସନରେ ବହୁ ସଂଖ୍ୟାରେ ଭିଡ଼ ହେତୁ ଜେନେରାଲ ବଗିରେ ଚଢ଼ିବା ପାଇଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣାରେ ୯ ନୁହେଁ ମୋଟ ୧୦ ଜଣ ଆହତ ହୋଇଥିବା ରେଲଓ୍ୱେ ସ୍ପଷ୍ଟ କରିଛି। କିଛି ଲୋକଙ୍କ ଗୋଡ ଭାଙ୍ଗିଛନ୍ତି, ଆଉ କାହାର ଅଣ୍ଟାରେ ଫ୍ୟାକଚର୍ ମଧ୍ୟ ହୋଇଛି। ଦୁଇ ଆହତଙ୍କୁ ଡିସଚାର୍ଜ କରାଯାଇଛି, ବାକିମାନଙ୍କୁ ଭବା ଡାକ୍ତରଖାନାରେ ଚିକିତ୍ସା ଚାଲିଛି।



# କ୍ରିକେଟର୍ ଈଶାନଙ୍କ ବାପା ଜେଡିୟୁରେ ସାମିଲ

**ପାଟନା, ୨୭।୧୦:** ରାଜନୀତିର ପାଠଶାଳା କୁହାଯାଉଥିବା ବିହାରରେ ୨ ବଡ଼ ଘଟଣା ସାମ୍ନାକୁ ଆସିଛି। ସ୍ୱର୍ଗତ ଏମ୍‌ପି ତଥା ଆର୍‌ଜେଡିର ବରିଷ୍ଠ ନେତା ଥିବା ମହମ୍ମଦ ଶାହାବୁଦ୍ଦିନଙ୍କ ପୁଅ ଓସାମା ରବିବାର ଆର୍‌ଜେଡିରେ ସାମିଲ ହୋଇଛନ୍ତି। ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ତେଜସ୍ୱୀ ଯାଦବ ତାଙ୍କୁ ଦଳର ସଦସ୍ୟତା ପ୍ରଦାନ କରିଛନ୍ତି। ଓସାମାଙ୍କ ବ୍ୟତିତ ତାଙ୍କ ମା' ହୀନା ଶହାବ ମଧ୍ୟ ଆଜି ଆର୍‌ଜେଡିରେ ସାମିଲ ହୋଇଛନ୍ତି। ତେବେ ଓସାମା ଦଳରେ ସାମିଲ ହେବା ପରେ କର୍ମୀ ଏକଜୁଟ ଏବଂ ମଜଭୂତ ହେବ ବୋଲି ଲାଲୁ କହିଛନ୍ତି। ସେହିଭଳି କ୍ରିକେଟର ଈଶାନ କିଶନଙ୍କ ବାପା ପ୍ରଣବ ପାଣ୍ଡେ ମଧ୍ୟ ରାଜନୈତିକ କ୍ୟାରିୟର ଆରମ୍ଭ କରିଛନ୍ତି। ସେ ଜେଡିୟୁରେ ସାମିଲ ହେବେ ବୋଲି ଜଣାପଡ଼ିଛି। ବିହାରରେ ଏହି ୨ ରାଜନୈତିକ ଘଟଣାକ୍ରମ ପରେ ନିର୍ବାଚନୀ ହଲଚଲ ଆରମ୍ଭ ହୋଇଛନ୍ତି। ବିହାରରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଆରମ୍ଭ ହେବ। ଏମିତିରେ ଓସାମା ଆର୍‌ଜେଡିରେ ସାମିଲ ହେବାକୁ ଏକ ପ୍ରମୁଖ ଘଟଣାକ୍ରମ ବୋଲି କୁହାଯାଉଛି, କାରଣ ଶାହାବୁଦ୍ଦିନ ଆର୍‌ଜେଡିର ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ସାମିଲ ଅଛନ୍ତି। ତାଙ୍କ ପତ୍ନୀ ହୀନା ମଧ୍ୟ ଆର୍‌ଜେଡିରେ ସାମିଲ ଅଛନ୍ତି। ତେବେ ୨୦୨୪ ଲୋକ ସଭା ନିର୍ବାଚନ ପରେ ସେ ଦଳ ଛାଡ଼ିଥିଲେ। ଏବେ ସେମାନେ ପୁଣିଥରେ ଆର୍‌ଜେଡିରେ ସାମିଲ ହୋଇଛନ୍ତି। ଜେଡିୟୁ ମଧ୍ୟ ଈଶାନ କିଶନଙ୍କ ବାପାଙ୍କୁ ଦଳରେ ସାମିଲ କରି ବଡ଼ ଗୋଟି ଚାଳନା କରିଛି। ଏହାଦ୍ୱାରା ଯୁବ ଭୋଟର ପ୍ରଭାବିତ ହେବେ ବୋଲି ଦଳ ଆଶା କରିଛି।

# ବାଂଲାଦେଶରେ ହିନ୍ଦୁଙ୍କ ବିରୁଦ୍ଧରେ 'ଲଭ୍ ଟ୍ରାପ'




**ଢାକା, ୨୭।୧୦:** ବାଂଲାଦେଶରେ ସଂରକ୍ଷଣକୁ ନେଇ ସୃଷ୍ଟି ହୋଇଥିବା ହିଂସା ଧୀରେ ଧୀରେ ସାମ୍ପ୍ରଦାୟିକ ଆକ୍ରୋଶରେ ପରିଣତ ହୋଇଛି। ଆନ୍ଦୋଳନ ସମୟରେ ହିନ୍ଦୁଙ୍କୁ ଟାର୍ଗେଟ କରାଯାଇଥିଲା, ଏବେ ପୁଣି ସେମାନଙ୍କ ଉପରେ ଜୁଲମ୍ କରାଯାଉଛି। ହିନ୍ଦୁ ସମ୍ପ୍ରଦାୟଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯିବା ସହ ଇସ୍ତଫା ଦେବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ ହେଉଛି। ବାଂଲାଦେଶର କେତେକ ପ୍ରମୁଖ ବିଶ୍ୱବିଦ୍ୟାଳୟର ହିନ୍ଦୁ ଶିକ୍ଷକ ଓ ପ୍ରଫେସରମାନଙ୍କୁ ଇସ୍ତଫା ଦେବାକୁ ଚାପ ପକାଯାଉଥିବା ଅଭିଯୋଗ ହୋଇଛି। ଚିତ୍ତଗୋଙ୍ଗ ୟୁନିଭରସିଟିର ଇତିହାସ ବିଭାଗର ପ୍ରଫେସର ରୋଣ୍ଟୁ ଦାସ ଏପରି କିଛି ଅଭିଯୋଗ ଆଣିଛନ୍ତି।

ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯିବା ସହ ଇସ୍ତଫା ନ ଦେଲେ ହତ୍ୟା ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ସେ ଏନେଇ ସୋଶାଲ ମିଡିଆରେ ଇସ୍ତଫା ପତ୍ର ଶେଆର କରି ବାଂଲାଦେଶରେ ଭେଦଭାବର ସମ୍ମୁଖୀନ ହେଉଥିବା କହିଛନ୍ତି। କେବଳ ଶିକ୍ଷା ବିଭାଗ ନୁହେଁ, ପୁଲିସ ବିଭାଗରେ ମଧ୍ୟ ହିନ୍ଦୁଙ୍କୁ ଚାକିରିରୁ ବାହାର କରାଯାଉଛି। ସମ୍ପ୍ରତି, ଶାରଦା ପୁଲିସ ଏକାଡେମୀରେ ତାଲିମ ଶେଷ କରିଥିବା ୨୫୨ ଜଣ ସବ୍-ଇନ୍ସପେକ୍ଟରଙ୍କୁ ଅନିୟମିତତା ଏବଂ ଦାୟିତ୍ୱରେ ଅବହେଳା ଦର୍ଶାଇ ବହିଷ୍କାର କରାଯାଇଛି। ସେମାନଙ୍କ ମଧ୍ୟରୁ ୯୧ ଜଣ ହିନ୍ଦୁ ଅଛନ୍ତି। ଏଥିସହ, ଶରଦା ପୁଲିସ ଏକାଡେମୀରେ ୬୦ରୁ ଅଧିକ ଏଏସ୍‌ପି ମାନ୍ୟତା ପ୍ରାପ୍ତ ଅଧିକାରୀଙ୍କୁ ଅକ୍ଟୋବର ୨୦ ପାସ୍ ଆଉଟ୍ ପରେଡରୁ ବାହାର କରି ଦିଆଯାଇଥିଲା। ଏହାପରେ ତାଙ୍କୁ ବିଳମ୍ବରେ ସରକାରୀ କାର୍ଯ୍ୟରେ ସାମିଲ ହେବାର ସୁଯୋଗ ଦିଆଯାଇଥିଲା। ଏସବୁ ଭେଦଭାବ ଜାଣିଶୁଣି କରାଯାଉଥିବା ହିନ୍ଦୁମାନେ ଅଭିଯୋଗ କରିଛନ୍ତି। ଜଣେ ହିନ୍ଦୁ ପ୍ରଶିକ୍ଷକ ଅସିତ ଦୁଃଖ ପ୍ରକାଶ କରି କହିଛନ୍ତି, "ମୁଁ କୌଣସି ଭେଦଭାବ ନ କରି ବି ବାଂଲାଦେଶରେ ଭେଦଭାବର ଶିକାର ହୋଇଛି। ଭଗବାନ ସବୁ ବିଚାର କରିବେ, ସେ ସବୁ ଦେଖୁଛନ୍ତି। ଇତିହାସ କାହାକୁ କ୍ଷମା କରିନାହିଁ, ଭଗବାନ ସାକ୍ଷୀ ଅଛନ୍ତି।" ହିନ୍ଦୁ ସମ୍ପ୍ରଦାୟ ଦାବି କରିଛି ଯେ, ଶତ୍ରୁତାର ବାତାବରଣ ସୃଷ୍ଟି ହେଉଛି, ଯାହା ସେମାନଙ୍କୁ ଚାକିରି ଏବଂ ଅନ୍ୟାନ୍ୟ ସୁଯୋଗରୁ ବଞ୍ଚିତ କରାଯାଉଛି। ଶେଖ୍ ହସିନାଙ୍କ ସରକାର ଭାଙ୍ଗିବା ପରେ ଏପରି କରାଯାଉଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, ଭାରତୀୟଙ୍କ ବିରୁଦ୍ଧରେ ଏକ ଭିନ୍ନ ଧାରଣା ମଧ୍ୟ ସୃଷ୍ଟି କରାଯାଉଛି। ଭାରତୀୟଙ୍କ ବିରୁଦ୍ଧରେ 'ଲଭ୍ ଟ୍ରାପ'ର ଅଭିଯୋଗ ଅଣାଯାଉଛି। ହିନ୍ଦୁମାନେ ମୁସଲିମ ମହିଳାମାନଙ୍କୁ 'ଲଭ୍ ଟ୍ରାପ'ରେ ଫସାଉଛନ୍ତି, ତେଣୁ ସେମାନଙ୍କଠାରୁ ଦୂରେଇ ରହିବା ପାଇଁ ବିଭିନ୍ନ ପୋଷ୍ଟର ମାଧ୍ୟମରେ ମୁସଲିମ ମହିଳାମାନଙ୍କୁ ସତର୍କ କରାଯାଉଛି।

# ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ



**ଶ୍ରୀନଗର, ୨୭।୧୦:** ଜମ୍ମୁ-କଶ୍ମୀରରେ ଭାରତୀୟ ସେନାକୁ ଏକ ବଡ଼ଧରଣର ସଫଳତା ମିଳିଛି। ଜମ୍ମୁ-କଶ୍ମୀରର ପୁଞ୍ଛରେ ଥିବା ଏକ ପାକିସ୍ତାନୀ ଆତଙ୍କବାଦୀ ଆଶ୍ରୟସ୍ଥଳୀର ପର୍ଦ୍ଦାଫାସ କରିଛି ଭାରତୀୟ ସେନାର ରୋମିଓ ଫୋର୍ସ। ସେନାର ସ୍ପେଶାଲ ଅପରେସନ୍ ଗ୍ରୁପ୍ (ଏସ୍‌ଓଜି) ପୁଲିସ ସହ ସମନ୍ୱୟ ରକ୍ଷା କରି କାମ କରୁଥିଲା। ଏହି ଅପରେସନ୍ ସମୟରେ ସେନା ଏହି ଆଶ୍ରୟସ୍ଥଳରୁ ୨ଟି ଗ୍ରେନେଡ୍ ଓ ୩ଟି ପାକିସ୍ତାନୀ ଲ୍ୟାଣ୍ଡମାଇନ୍ ଜବତ କରିଛି। ଏଥିରେ ଏହି ଅଞ୍ଚଳରେ ସାମ୍ପ୍ରତିକ ବିପଦ ବିଷୟରେ ମଧ୍ୟ ସୂଚନା ପ୍ରକାଶ ପାଇଛି। ଜମ୍ମୁ-କଶ୍ମୀରର ଟାଙ୍ଗମାର୍ଗ ଏବଂ ବିଭିନ୍ନ ଅଞ୍ଚଳରେ କର୍ତ୍ତୃପକ୍ଷ ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଭାରତୀୟ ସେନାର ଲକ୍ଷ୍ୟ ହେଉଛି ନିକଟରେ ଗୁଲମାର୍ଗ, ବାରାମୁଲ୍ଲା ଏବଂ ଗଣ୍ଡରବାଲ ଜିଲ୍ଲାର ଗଗନଗିରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ସନ୍ଦିଗ୍ଧମାନଙ୍କୁ ଠାବ କରିବା।

ନିକଟରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବଢ଼ିବାରେ ଲାଗିଛି। ଅକ୍ଟୋବର ୨୪ରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ସେନାର ଏକ ଗାଡ଼ିକୁ ଟାର୍ଗେଟ କରିଥିଲେ। ଏହି ଆକ୍ରମଣରେ ଦୁଇ ଜଣ ଯବାନ ସହିଦ ହୋଇଥିଲେ। ଏହାବ୍ୟତୀତ ସେହି ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା।

ଅକ୍ଟୋବର ୨୦ରେ ଆତଙ୍କବାଦୀମାନେ ଶ୍ରୀନଗର-ଲେହ ଜାତୀୟ ରାଜପଥର ଏକ ସୁଡ଼ଙ୍ଗ ସ୍ଥଳରେ ଜଣେ ଡାକ୍ତର ଏବଂ ୬ ଜଣ ଶ୍ରମିକଙ୍କୁ ଟାର୍ଗେଟ କରିଥିଲେ। ଏହି ଆକ୍ରମଣ ପରେ ତଦନ୍ତକାରୀ ସଂସ୍ଥା ସକ୍ରିୟ ହୋଇଛନ୍ତି। ଏହି ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଏବଂ ଶିବିରଗୁଡ଼ିକର ସୁରକ୍ଷା ପ୍ରୋଟୋକଲକୁ ତୁରନ୍ତ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ବ୍ୟାପକ ସୁରକ୍ଷା ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିରନ୍ତର ପାଟ୍ରୋଲିଂ ଓ ଚେକ୍ ପୋଷ୍ଟ ସ୍ଥାପନ କରାଯାଇଛି।

# ପ୍ରଦୂଷଣ: ଦିଲ୍ଲୀରେ ଶ୍ୱାସପ୍ରଶ୍ୱାସ ନେବାକୁ କଷ୍ଟ

**ନୂଆଦିଲ୍ଲୀ, ୨୭।୧୦:** ଯୁଆଡ଼େ ଦେଖିବ ସିଆଡ଼େ କେବଳ ଧୂଆଁ ଆଉ ଧୂଆଁ। ଗ୍ୟାସ୍ ଚାମ୍ବାର ପାଲଟି ଗଲାଣି ରାଜଧାନୀ ଦିଲ୍ଲୀ। ପ୍ରଦୂଷଣ ଉପରେ ଲାଗୁନି ବ୍ରେକ୍। ଦିନକୁ ଦିନ ଏହା ବଢ଼ି ଚାଲିଛି। ଫଳରେ ଲୋକେ ନିଶ୍ୱାସ ନେବା ଏବେ କଷ୍ଟକର ହୋଇପଡ଼ିଛି। ଦୀପାବଳି ପୂର୍ବରୁ ଡ଼ରାଇଲାଣି ଦିଲ୍ଲୀର ପ୍ରଦୂଷଣ। ଏଠାକାର ଜଳବାୟୁ କ୍ରମାଗତ ଭାବେ ଖରାପ ହେବାରେ ଲାଗିଛି। ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ବୃଦ୍ଧି ହେତୁ ଲୋକମାନେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୟସ୍କ ବ୍ୟକ୍ତି, ଛୋଟ ପିଲା ଏବଂ ରୋଗୀମାନେ ଏଥିଯୋଗୁ ଅଧିକ ସମସ୍ୟା ଭୋଗୁଛନ୍ତି। ସେମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ସକାଳୁ ସକାଳୁ ହିଁ ଦିଲ୍ଲୀ, ନୋଏଡା-ଗ୍ରେଟର ନୋଏଡା ଏବଂ ଗାଜିଆବାଦ ସମେତ ଅନେକ ଅଞ୍ଚଳ ଧୂଆଁର ଚାଦର ତଳେ ଢ଼ାଙ୍କି ହୋଇଯାଇଛି। ପ୍ରଶାସନ ପ୍ରଦୂଷଣ ଦୂର କରିବା ପାଇଁ ଲାଗିପଡିଥିଲେ ସୁଦ୍ଧା ବାୟୁ ଗୁଣବତ୍ତାରେ କିନ୍ତୁ କୌଣସି ସୁଧାର ଆସୁନାହିଁ। ଦିଲ୍ଲୀ ଆନନ୍ଦ ବିହାରରେ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖାରପ ଶ୍ରେଣୀକୁ ଚାଲିଯାଇଛି। ଏଠାକର ଏୟାର କ୍ୱାଲିଟି ଇଣ୍ଡେକ୍ସ ୪୦୦ ପାର୍ କରିଛି। ସେହିପରି ମୁଣ୍ଡକାରେ ମଧ୍ୟ ଏଆଇକ୍ୟୁ ୩୧୪ ରହିଛି। ପଞ୍ଜାବୀ ବାଗ୍‌ରେ ମଧ୍ୟ ବାୟୁର ଗଣବତ୍ତା ୩୦୦ ଥିବା ରେକର୍ଡ ହୋଇଛି। ଦିଲ୍ଲୀ ଏନସିଆରରେ ବାୟୁ ଗୁଣବତ୍ତା ଖରାପ ହେବାର ସବୁଠାରୁ ବଡ଼ କାରଣ ହେଉଛି ପଞ୍ଜାବ-ହରିୟାଣା ସମେତ ପଡୋଶୀ ରାଜ୍ୟରେ ନଡ଼ା ଜଳିବା। ପ୍ରତିବର୍ଷ ଏହି ଋତୁରେ କୃଷକମାନେ ନଡ଼ା ଜଳିବା ଯୋଗୁ ଦିଲ୍ଲୀର ବାୟୁ ବିଷାକ୍ତ ହୋଇଯାଏ।

# ଖାଇକୁ ଖସିଲା ବସ୍, ୧୯ ମୃତ



**ମେକ୍ସିକୋ, ୨୭।୧୦:** ଭୟଙ୍କର ସଡ଼କ ଦୁର୍ଘଟଣାରେ ଏକ ଯାତ୍ରୀବାହୀ ବସ୍ ଟ୍ରାକ୍ଟର ଟ୍ରଲିକୁ ପଛପଟୁ ଧକ୍କା ଦେଇଛି। ଫଳରେ ଉଭୟ ଗାଡ଼ି ଖାଇକୁ ଖସି ପଡିଛି। ଏଥିରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ମେକ୍ସିକୋର ଜାତୀୟ ରାଜପଥରେ ଘଟିଛି ଏଭଳି କିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ସ୍ଥାନୀୟ ଅଧିକାରୀଙ୍କ କହିବା ମୁତାବକ, ଶନିବାର ସକାଳୁ ମେକ୍ସିକୋର କେନ୍ଦ୍ରୀୟ ରାଜ୍ୟ ଜାକାଟେକାସର ରାଜପଥରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୧୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ଏକ ଯାତ୍ରୀବାହୀ ବସ୍ ଦ୍ରୁତ ଗତିରେ ଆସି ମକ୍କା ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଧକ୍କା ଏତେ ଭୟଙ୍କର ଥିଲା ଯେ ଉଭୟ ବସ୍ ଏବଂ ଟ୍ରାକ୍ଟର ଭାରସାମ୍ୟ ହରାଇ ଖାଇକୁ ଖାସି ପଡିଥିଲେ। ଜାକାଟେକାସ୍ ଗଭର୍ଣ୍ଣର ଡେଭିଡ୍ ମୋନେରାଲ୍ ପ୍ରଥମେ ଏହି ଦୁର୍ଘଟଣାରେ ୨୪ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଜଣାଇଥିଲେ, କିନ୍ତୁ ପରେ ରାଜ୍ୟ ଆଟର୍ଣ୍ଣି ଜେନେରାଲ୍ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ସଂଶୋଧନ କରି ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ଘଟଣାସ୍ଥଳରେ ରେସ୍କ୍ୟୁଟିମ୍ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଖାଇକୁ ଖସିପଡିଥିବା କିଛି ମୃତଦେହକୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଛି। ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଘଟଣାର ଶିକାର ହୋଇଥିବା ବସ୍‌ଟି ଆମେରିକା-ମେକ୍ସିକୋ ସୀମାରେ ଥିବା

# 'ଏଲ୍‌ଏସି ଚୁକ୍ତି ସବୁ ସମସ୍ୟାର ସମାଧାନ ନୁହେଁ'



**ନୂଆଦିଲ୍ଲୀ, ୨୭।୧୦:** ଚୀନ୍ ଓ ଭାରତ ମଧ୍ୟରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଲାଗି ରହିଥିବା ଅଶାନ୍ତକୁ ଦୂର କରିବା ପାଇଁ ବୁଝାମଣା ହୋଇଛି। ଉଭୟ ଦେଶର ସେନା ପଛକୁ ହଟିବା ଆରମ୍ଭ କରିଛନ୍ତି। ତେବେ ଏହାରି ଭିତରେ ଚୀନ୍ ସହିତ ଭାରତର ସମ୍ପର୍କକୁ ନେଇ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏକ ବଡ଼ ବୟାନ ଦେଇଛନ୍ତି।

ଶନିବାର ଦିନ ସେ କହିଛନ୍ତି ଯେ ଲାଇନ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍ (ଏଲ୍‌ଏସି)ରେ ପାଟ୍ରୋଲିଂ ନେଇ ଚୀନ୍ ସହ ଏକ ଚୁକ୍ତି ହୋଇଛି। ତେବେ ଏହାର ଅର୍ଥ ନୁହେଁ ଯେ ଦୁଇ ଦେଶ ମଧ୍ୟରେ ଥିବା ସମସ୍ୟାର ସମାଧାନ ହୋଇଛି। ସେ କହିଛନ୍ତି ଯେ ସୈନ୍ୟ ପ୍ରତ୍ୟାହାର ପରବର୍ତ୍ତୀ ପଦକ୍ଷେପ ଉପରେ ବିଚାର କରିବାକୁ ଏକ ସୁଯୋଗ ମିଳିଛି, କିନ୍ତୁ ସମସ୍ୟାର ସମାଧାନ ହୋଇପାରି ନାହିଁ। ପୁଣେରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜୟଶଙ୍କର ଏଭଳି କିଛି କହିଛନ୍ତି। ଜୟଶଙ୍କର କହିଛନ୍ତି, ଉଭୟ ଦେଶର ସେନା ପଛକୁ ହଟିବା ନେଇ ଅକ୍ଟୋବର ୨୧ ତାରିଖରେ ଯେଉଁ ଚୁକ୍ତି ହେଲା, ତା' ଅନୁଯାୟୀ ଡେପସାଙ୍ଗ ଓ ଡେମଚୋକରେ ପାଟ୍ରୋଲିଂ କରାଯିବ। ସୈନ୍ୟ ପ୍ରତ୍ୟାହାରର ଏହା ପ୍ରଥମ ପର୍ଯ୍ୟାୟ ଏବଂ ଆମେ ସେହି ପର୍ଯ୍ୟାୟରେ ପହଞ୍ଚିବାରେ ସଫଳ ହୋଇଛୁ।

ପୁଣେରେ ଛାତ୍ରୀଛାତ୍ରମାନଙ୍କ ସହ କଥା ହେଲା ବେଳେ ଜୟଶଙ୍କର କହିଛନ୍ତି, ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହେବା ପାଇଁ ଆଉ କିଛିଦିନ ସମୟ ଲାଗିବ। ଏଥିପାଇଁ ପରସ୍ପର ଉପରେ ବିଶ୍ୱାସ ଏବଂ ଏକାଠି କାର୍ଯ୍ୟ କରିବାର ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ହେବ। ଦୁଇ ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ଉପଦେଷ୍ଟାମାନେ ଆଲୋଚନା ମାଧ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନେବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଗତ ୨୩ ତାରିଖରେ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜୟଶଙ୍କର ସୂଚନା ଦେଇଛନ୍ତି। ଉଭୟ ଭାରତ ଓ ଚାଇନା ମଧ୍ୟରେ ବୁଝାମଣା ହେବା ସହ ଆସନ୍ତା ୨୯ ତାରିଖ ସୁଦ୍ଧା ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍‌ରୁ ସେନା ପ୍ରତ୍ୟାହାର ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ସେନା ପ୍ରତ୍ୟାହାର କାର୍ଯ୍ୟ ଜାରି ରହିଥିବାବେଳେ ୩୦-୩୧ରୁ ଉଭୟ ପକ୍ଷ ପାଟ୍ରୋଲିଂ ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଏହି ସଫଳତା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶନିବାର ଭାରତୀୟ ସେନା ଓ କୂଟନୀତିଜ୍ଞମାନଙ୍କୁ ଶ୍ରେୟ ଦେଇଛନ୍ତି।

### ପରାଜୟ ପରେ ରୋହିତ-ବିରାଟଙ୍କ ପାଇଁ ବିଶେଷ ବାର୍ତ୍ତା

# ସ୍ପିନ୍ ଖେଳିବାରେ ଉନ୍ନତି ଆଣିବାକୁ ପଡ଼ିବ: ଇରଫାନ ପଠାନ




**କୋଲକାତା, ୨୭।୧୦:** ଟିମ୍ ଇଣ୍ଡିଆ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ହରାଇଛି। କାରଣ ପୁଣେ ଟେଷ୍ଟ ଜିତି କିୱି ଦଳ ସିରିଜରେ ୨-୦ ଅଗ୍ରଣୀ ହାସଲ କରିଛି। ପୁଣେ ଟେଷ୍ଟରେ ଟିମ୍ ଇଣ୍ଡିଆର ବହୁତ ଖରାପ ବ୍ୟାଟିଂ ଦେଖିବାକୁ ମିଳିଥିଲା। ନ୍ୟୁଜିଲ୍ୟାଣ୍ଡର ମିଚେଲ ସେଣ୍ଟନର ଏକତରଫା ଭାବେ ଟିମ୍ ଇଣ୍ଡିଆର ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରୁଥିବା ଦେଖିବାକୁ ମିଳିଥିଲା। ଅଧିନାୟକ ରୋହିତ ଶର୍ମାଙ୍କ ଠାରୁ ଆରମ୍ଭ କରି ବିରାଟ କୋହଲିଙ୍କ ପର୍ଯ୍ୟନ୍ତ ସଭିଏଁ ସେଣ୍ଟନରଙ୍କ ବୋଲିଂ ଆଗରେ କିଛି କମାଲ୍ କରି ପାରି ନ ଥିଲେ। ଟିମ୍ ଇଣ୍ଡିଆର ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ପୁଣେ ଟେଷ୍ଟର ଉଭୟ ଇନିଂସରେ ଫ୍ଲପ୍ ବୋଲି ନିଜକୁ ପ୍ରମାଣ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ଉପରେ ଟିମ୍ ଇଣ୍ଡିଆର ବ୍ୟାଟିଂ ବହୁତ ନିର୍ଭର କରେ। କିନ୍ତୁ ଏହି ଦୁଇ ଖେଳାଳି ସ୍ପିନ୍ ବିପକ୍ଷରେ ବିଫଳ ହୋଇଥିଲେ। ପୁଣେ ଟେଷ୍ଟରେ ପରାଜୟ ପରେ ଟିମ୍ ଇଣ୍ଡିଆର ପୂର୍ବତନ ଭେଟେରାନ୍ ଅଲରାଉଣ୍ଡର ଇରଫାନ୍ ପଠାନ୍ ଟ୍ୱିଟ୍ କରି କହିଛନ୍ତି ଯେ ଯଦି ଆମେ ସ୍ପିନ୍ ଖେଳିବାରେ ଉନ୍ନତି ଆଣିବାକୁ ଚାହୁଁ, ତେବେ ସାଇଡ୍ ଆର୍ମ ଅଭ୍ୟାସ ଉପରେ ଟିକିଏ କମ୍ ଗୁରୁତ୍ୱ ଦେବାକୁ ପଡ଼ିବ।

ଦ୍ୱିତୀୟ ପୋଷ୍ଟରେ ଇରଫାନ୍ ପଠାନ୍ ଲେଖିଛନ୍ତି, ନ୍ୟୁଜିଲ୍ୟାଣ୍ଡ ଦଳ ଭାରତୀୟ ମାଟିରେ ସିରିଜ୍ ଜିତିଥିବାରୁ ଅଭିନନ୍ଦନ! ଟିମ୍ ଇଣ୍ଡିଆ ପାଇଁ ଅନେକ ବିଷୟରେ ଚିନ୍ତା କରିବା ଆବଶ୍ୟକ। ସିନିୟର ଖେଳାଳୀମାନଙ୍କୁ ଖେଳର ଏହି ଅନ୍ତିମ ଫର୍ମାଟରେ ଆଗକୁ ଆସି ଭଲ ପ୍ରଦର୍ଶନ କରିବାକୁ ପଡିବ। ଆଗାମୀ ତିନି ମାସ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

ଏହା ପରେ ଟିମ୍ ଇଣ୍ଡିଆକୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବାକୁ ପଡିବ। ଏହି ଭ୍ରମଣରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଫର୍ମ ଟିମ୍ ଇଣ୍ଡିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଠାରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ସ୍ପିନ୍ ବୋଲର ନାଥନ୍ ଲିଓନଙ୍କୁ ଭେଟିବେ। ଯେଉଁଥିପାଇଁ ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ଜୋରଦାର ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ।




# ବିନା ଅଧିନାୟକରେ ଟିମ୍ ଘୋଷଣା କଲା ପାକିସ୍ତାନ

### ଜିମ୍ବାୱେ ଗସ୍ତରୁ ବାଦ ପଡ଼ିଲେ ବାବର-ସାହିନ

**ନୂଆଦିଲ୍ଲୀ,୨୭।୧୦:** ଜିମ୍ବାୱେ ଏବଂ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦଳ ଘୋଷଣା କରିଛି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)। ପୂର୍ବତନ ଅଧିନାୟକ ବାବର ଆଜମଙ୍କୁ ଜିମ୍ବାୱେ ଗସ୍ତ ପାଇଁ ଦଳରେ ସାମିଲ କରାଯାଇନାହିଁ। ଦ୍ରୁତ ବୋଲର ସାହିନ ଆଫ୍ରିଦି ଏବଂ ନସିମ ଶାହାଙ୍କୁ ମଧ୍ୟ ଜିମ୍ବାୱେ ଗସ୍ତରେ ସାମିଲ କରାଯାଇନାହିଁ। ଏହି ତିନି ଖେଳାଳିଙ୍କୁ ଇଂଲଣ୍ଡ ବିପକ୍ଷ ଶେଷ ଦୁଇ ମ୍ୟାଚ ପୂର୍ବରୁ ପାକିସ୍ତାନ ଦଳରୁ ବାହାର କରାଯାଇଥିଲା।

ତେବେ ଅଷ୍ଟ୍ରେଲିଆ ଗସ୍ତ ପାଇଁ ବାବର, ଶାହୀନି ଏବଂ ନସିମଙ୍କୁ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଉଭୟ ଦଳରେ ସାମିଲ କରାଯାଇଛି। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି କି ପାକିସ୍ତାନ ବିନା ଅଧିନାୟକରେ ହିଁ ଦଳ ଘୋଷଣା କରିଛି। କିଛିଦିନ ତଳେ ବାବର ଦିନିକିଆ ଏବଂ ଟି୨୦ ଦଳର ଅଧିନାୟକ ପାଦ ଛାଡି ଦେଇଥିଲେ। ତେବେ ଆଗାମୀ ଖବରଦାତା ସମ୍ମିଳନୀରେ ପାକିସ୍ତାନ ଅଧିନାୟକ ଘୋଷଣା କରିପାରେ। ପାକିସ୍ତାନ ଟିମ୍ ପ୍ରଥମେ ଅଷ୍ଟ୍ରେଲିଆ ଏବଂ ପରେ ଜିମ୍ବାୱେ ଗସ୍ତରେ ଯିବ।

## ବିପ୍ଳବଙ୍କ ଅର୍ଦ୍ଧଶତକ: ଓଡ଼ିଶା ୧୯୩, ବରୋଦା ୫୦/୧




**ଭୁବନେଶ୍ୱର, ୨୭।୧୦:** ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକୀୟ ପାଳି ସହାୟତାରେ ବରୋଦା ବିପକ୍ଷରେ ଓଡ଼ିଶା ଖେଳୁଥିବା ରଣଜୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଦିନରେ ମାତ୍ର ୧୯୩ ରନ୍‌ର ସ୍କୋର କରିପାରିଛି। ଦିନର ଷ୍ଟମ୍ପ ବେଳକୁ ଘରୋଇ ବରୋଦା ୧ ୱିକେଟ୍ ବିନିମୟରେ ୫୦ ରନ୍ ସଂଗ୍ରହ କରିଛି। ଜ୍ୟୋତ୍ସ୍ନିଲ୍ ସିଂହଙ୍କୁ ପାଳିର ଦ୍ୱିତୀୟ ତଥା ବ୍ୟକ୍ତିଗତ ପ୍ରଥମ ଓଭରରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଆଉଟ୍ କରି ପ୍ରାରମ୍ଭିକ ସଫଳତା ଦେଇଛନ୍ତି। ଖେଳ ବନ୍ଦ ରହିବା ବେଳକୁ ଶିବାଳିକ ଶର୍ମା ୨୮* ଓ ଶାଶ୍ୱତ ରାୱତ ୧୭* ରନ୍‌ରେ ଅପରାଜିତ ଅଛନ୍ତି। ଏଥିପୂର୍ବରୁ ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମ୍‌ରେ ସ୍ପିନର୍‌ଙ୍କୁ ସୁହାଉଥିବା ପିଚ୍‌କୁ ଦେଖି ଓଡ଼ିଶା ତାହାର ଏକାଦଶରେ ଗୋଟିଏ ପରିବର୍ତ୍ତନ କରିଥିଲା। ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ସ୍ଥାନରେ ବାମହାତୀ ସ୍ପିନର୍ ହର୍ଷିତ ରାଠୋଡ୍‌ଙ୍କୁ ସାମିଲ କରାଯାଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା କିନ୍ତୁ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪୬ ରନ୍ ଭିତରେ ଅନୁରାଗ ଷଡ଼ଙ୍ଗୀ (୩), ସନ୍ଦୀପ ପଟ୍ଟନାୟକ (୯), ଶାନ୍ତନୁ ମିଶ୍ର (୨୩) ଓ ଗୋବିନ୍ଦ ପୋଦ୍ଦାର (୧୧) ପ୍ୟାଭିଲିୟନ ଫେରିଥିଲେ। ମଧ୍ୟାହ୍ନଭୋଜନ ପରେ କାର୍ତ୍ତିକ ବିଶ୍ୱାଳ (୧୬) ମଧ୍ୟ ଆଉଟ୍ ହୋଇଯାଇଥିଲେ। ବିପ୍ଳବଙ୍କ ସହ ଯୁବ ୱିକେଟ୍‌ରକ୍ଷକ ବ୍ୟାଟର୍ ଆଶୀର୍ବାଦ ସ୍ୱାଇଁ ଷଷ୍ଠ ୱିକେଟ୍‌ରେ ୭୨ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ୧୫୦ ପାଖରେ ପହଞ୍ଚାଇଥିଲେ। ଆଶୀର୍ବାଦ (୩୭)ଙ୍କୁ ମହେଶ ପିଠିଆ ଆଉଟ୍ କରି ଯୋଡ଼ି ଭାଙ୍ଗିବା ପରେ ପୁଣି ଥରେ ୱିକେଟ୍ ଖସିବା ଧାରା ଆରମ୍ଭ ହୋଇଥିଲା। ଅବଶ୍ୟ ସୂର୍ଯ୍ୟକାନ୍ତ ପ୍ରଧାନ (୧୮) ତିନିଟି ଚୌକା ମାରି ଶେଷ ଭାଗରେ କିଛିଟା ରୋମାଞ୍ଚ ଭରିଥିଲେ, ହେଲେ ସେ ଅଧିକ ସମୟ ବ୍ୟାଟିଂ କରିପାରି ନଥିଲେ। ରକ୍ଷଣାତ୍ମକ ଖେଳି ଅର୍ଦ୍ଧଶତକ ଅର୍ଜନ କରିବା ପରେ ବିପ୍ଳବ (୫୮) ମଧ୍ୟ ମହେଶଙ୍କ ଶିକାର ହୋଇଥିଲେ। ଏହି ପାଳିରେ ମହେଶ ଚତୁର୍ଥ ୫ୱିକେଟ୍ ସଫଳତା ପାଇ ଓଡ଼ିଶାର ବିପର୍ଯ୍ୟୟ ଘଟାଇଥିଲେ। ଆକାଶ ସିଂହ ଓ ଭାର୍ଗବ ଭଟ୍ଟ ୨ ୱିକେଟ୍ ଲେଖାଏଁ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଓଡ଼ିଶା ପ୍ରଥମ ପାଳି ୬୫ ଓଭରରେ ୧୯୩/୧୦ (ବିପ୍ଳବ ସାମନ୍ତରାୟ-୫୮, ଆଶୀର୍ବାଦ ସ୍ୱାଇଁ-୩୭, ଶାନ୍ତନୁ ମିଶ୍ର-୨୩, ମହେଶ ପିଠିୟା-୫/୬୧, ଆକାଶ ସିଂହ-୨/୪୨, ଭାର୍ଗବ ଭଟ୍ଟ-୨/୪୪)। ବରୋଦା ପ୍ରଥମ ପାଳି ୨୨ ଓଭରରେ ୫୦/୧ (ଶିବାଳିକ ଶର୍ମା-୨୮*, ଶାଶ୍ୱତ ରାୱତ-୧୭*, ଜ୍ୟୋତ୍ସ୍ନିଲ୍ ସିଂହ-୫, ଗୋବିନ୍ଦ ପୋଦ୍ଦାର-୧/୧୫)।

# ପଞ୍ଚମ ଜିଲ୍ଲା ଚେସ ପ୍ରତିଯୋଗିତା ଉଦ୍‌ଘାଟିତ

## ଯୋଗ ଦେଲେ ୧୦୮ ପ୍ରତିଯୋଗୀ



**ବରଗଡ଼,୨୭।୧୦(ସଂଚାର ବ୍ୟୁରୋ):** ପଞ୍ଚମ ଜିଲ୍ଲା ଚେସ ପ୍ରତିଯୋଗିତା ଆଜି ସ୍ଥାନୀୟ ଇମ୍ପେରୀୟଲ ମହାବିଦ୍ୟାଳୟ ଠାରେ ଉଦଘାଟିତ ହୋଇଯାଇଛି । ଜିଲ୍ଲା ଚେସ ଏସୋସିଏସନ୍ ର ସଭାପତି ଅରୁଣ କୁମାର ମହାନ୍ତି ଙ୍କ ସଭାପତିତ୍ୱ ଓ ସମ୍ପାଦକ ଅଧ୍ୟାପକ କେଶ ରଞ୍ଜନ ପ୍ରଧାନ ଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବରଗଡ ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତା କୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଆଚାର୍ଯ୍ୟ ନିଜ ବକ୍ତବ୍ୟ ରେ କହିଥିଲେ ଯେ ବରଗଡ ଜିଲ୍ଲା ରେ ପ୍ରତିଭା ର ଅଭାବ ନାହାନ୍ତି , କେବଳ ସେମାନଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ମିଳିବାର କଥା, ଯାହାକି ଜିଲ୍ଲା ର କ୍ରୀଡା ସଂସଦ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ରୀଡା ସଂଗଠନ ନିଜର ପ୍ରୟାସ ବଳରେ ସେମାନଙ୍କୁ ସୁଯୋଗ ଦେଉଛନ୍ତି ଏବଂ ଆମ ଜିଲ୍ଲା ପ୍ରତିଯୋଗୀ ମାନେ ବିଭିନ୍ନ ପ୍ରତିଯୋଗିତା ରେ ସଫଳତା ର ସହ କୃତିତ୍ୱ ମଧ୍ୟ ଅର୍ଜନ କରିଆସିଛନ୍ତି। ଜିଲ୍ଲା ଚେସ ଆସୋସିଏସନ୍ ର କର୍ମକର୍ତ୍ତା ମାନଙ୍କୁ ସେହି ଧାରା ରେ ଅନନ୍ୟ ପ୍ରୟାସ ପାଇଁ ସେ ଧନ୍ୟବାଦ୍ ଦେଇ କହିଥିଲେ ଯେ ଚେସ ଭଳିଆ ଏକ ଖେଳ କୁ ବରଗଡ ଜିଲ୍ଲା ରେ ପ୍ରଚାର ପ୍ରସାର କରିବା ଫଳରେ ଆଜି ଜିଲ୍ଲା ର ଜଣେ ଯୁବ ପ୍ରତିଭା ରାଜ୍ୟ ସ୍ତରରେ ପ୍ରଥମ ହୋଇ ଚାମ୍ପିଅନ ହେବ ବରଗଡ ପାଇଁ ଗୌରବ ର ବିଷୟ ଅଟେ । ସେ ଏହି ଅବସରରେ ରାଜ୍ୟ ୧୧ ବର୍ଷ ବୟସ ରୁ କମ ବୟସ ବର୍ଗ ରେ ଚମ୍ପିଅନ ହୋଇଥିବା ନୈନିକା ସାହୁ ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଆର୍ବିଟର ବିଧୂ ଭୂଷଣ ମିଶ୍ର ଖେଳ ର ନିୟମ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଆୟୋଜନ କମିଟି ର ଭେନ୍ୟୁ ମୁଖ୍ୟ ତଥା ଇମ୍ପେରିୟଲ ମହାବିଦ୍ୟାଳୟ ର ଚେୟାରମେନ ଦୀପକ ଗୋୟଲ, ଅନ୍ୟତମ ଆର୍ବିଟର ବିଘ୍ନେଶ୍ୱର ଯୋଷୀ ମଞ୍ଚାସିନ ଥିଲେ । ଶେଷରେ ସମ୍ପାଦକ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# 'ବି'କୁ ଖସିଲେ ସାହିନ

**ଇସଲାମାବାଦ, ୨୭।୧୦:** ପାକ୍ କ୍ରିକେଟ ବୋର୍ଡ ପେସର ସାହିନ ଶାହା ଆଫ୍ରିଦଙ୍କ ପଦାବନି ଘଟାଇଛନ୍ତି। ତାଙ୍କୁ କାଟାଗୋରି ଏରୁ କାଟାଗୋରି ବିକୁ ଖସାଇ ଦିଆଯାଇଛି। ଏଥିସହିତ ୨୦୨୪-୨୫ ସିଜନ ପାଇଁ ବରିଷ୍ଠ ଖେଳାଳି ପକର ଜମାନ, ଇଫ୍‌ତିଖର ଅହମଦ ଓ ଓସମା ମୀରଙ୍କୁ କେନ୍ଦ୍ରୀୟ କଣ୍ଟ୍ରାକ୍ଟ ଦେଇନାହାନ୍ତି। କିନ୍ତୁ ଇଂଲଣ୍ଡ ବିରୋଧରେ ଜିତାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଶାନ ମାସୁଦଙ୍କୁ କାଟାଗୋରି ବିରେ ରଖିଛନ୍ତି। ଅନ୍ୟପକ୍ଷରେ ଗତ ବର୍ଷ କେନ୍ଦ୍ରୀୟ କଣ୍ଟ୍ରାକ୍ଟ ପାଇଥିବା ୨୭ ଖେଳାଳିଙ୍କ ସ୍ଥାନରେ ଏ ବର୍ଷ ୨୫ ଜଣଙ୍କୁ ନେଇଛି ପିସିବି। ଗତ ତର ଖେଳାଳିମାନଙ୍କର ଦକ୍ଷତା, ଫିଟନେସ୍ ଓ ବ୍ୟବହାର ବିଶ୍ଳେଷଣ ପାଇଁ ଖେଳାଳି ଚୟନ ପ୍ରାୟ ୩ ମାସ ବିଳମ୍ବ ହୋଇଥିଲା। ଏ ଥର ୫ ଜଣଙ୍କୁ ପ୍ରଥମ ଥର ପାଇଁ କଣ୍ଟ୍ରାକ୍ଟ ଦିଆଯାଇଛି। ସେମାନେ ହେଲେ ଖୁରମ ଶାହାଜାଦ, ମହମ୍ମଦ ଆବ୍ବାସ ଆଫ୍ରିଦି ଓ ମହମ୍ମଦ ଇର୍‌ଫାନ ଖାନ। ସେମାନଙ୍କୁ କାଟାଗୋରି ଡିରେ ରଖାଯାଇଛି।

## ୪୩ ବିଡିଓଙ୍କ ବଦଳି

**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପ୍ରାୟ ୪୩ ବିଡିଓଙ୍କୁ ବଦଳି କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଟାଙ୍ଗରପାଲ୍ଲୀ ବିଡିଓ ରଣଜିତ କୁମାର ମହାନ୍ତଙ୍କୁ କେନ୍ଦୁଝର ଜିଲ୍ଲା ସାହାଡ଼ାପଡ଼ା ବିଡିଓ ଭାବେ ବଦଳି କରାଯାଇଛି। ବାଙ୍ଗିରିପୋଷୀ ବିଡିଓ ମାନସ କୁମାର ଦଣ୍ଡପାଟଙ୍କୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ, ଯାଜପୁର ବିଡିଓ ସ୍ୱାଗତ ଦାଶଙ୍କୁ ବାରଙ୍ଗ, କନ୍ଧମାଳ ବିଡିଓ ପ୍ରତୀକ କୁମାର ସାହୁଙ୍କୁ କଟକ ସଦର, ଦିବ୍ୟେନ୍ଦୁ କୁମାର ଦାସଙ୍କୁ ବିଞ୍ଝାରପୁରରୁ ନିଶ୍ଚିତକୋଇଲି, ନୀଳମାଧବ ସୁନାଙ୍କୁ ନରସିଂହପୁରରୁ ବାହାନଗା ଓ ରୁମାନ ଜାଫ୍ରିଙ୍କୁ କଟକ ସଦରରୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀକୁ ବଦଳି କରାଯାଇଛି।

## ମହିଳା ସରପଞ୍ଚ ସସ୍‌ପେଣ୍ଡ

**କଟକ, ୨୭।୧୦ (ସଂଚାର ବ୍ୟୁରୋ):** ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ମାହାଙ୍ଗା ବ୍ଲକ୍ ବରାହୀପୁର ସରପଞ୍ଚ ରଶ୍ମିତା ସ୍ୱାଇଁଙ୍କୁ ପଞ୍ଚାୟତିରାଜ ସଚିବ ନିଲମ୍ବନ କରିଛନ୍ତି। ତାଙ୍କ ବିରୋଧରେ ୨ ଲକ୍ଷ ୭ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତିରାଜ ସଚିବ ନିଲମ୍ବନ କରି କଟକ ଜିଲ୍ଲାପାଳ ଏବଂ ମାହାଙ୍ଗା ବିଡ଼ିଓଙ୍କୁ ଚିଠି କରି ଅବଗତ କରାଇଛନ୍ତି। ବରାହୀପୁର ପଞ୍ଚାୟତର ଲସି ଦୁର୍ନୀତି ସହ ରାଧେଶ୍ୟାମ ବିଦ୍ୟାଳୟର ଦୁର୍ନୀତି ନେଇ ଅଗଷ୍ଟ ମାସରେ କଟକ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୋଦରୀଲୋ...

ସମାଲୋଚନାରେ ମାତିଛି। ଦଳର ମୁଖପାତ୍ରମାନେ ସାମ୍ବାଦିକ ସମ୍ମିଳନୀ ଡାକି ବାତ୍ୟାରେ କାହିଁକି ୩ଜଣ ବ୍ୟକ୍ତି ମୃତ୍ୟୁବରଣ କଲେ ବୋଲି ପ୍ରଶ୍ନ କରିଛନ୍ତି। ହେଲେ ସେମାନେ ପାଶୋରି ଯାଇଛନ୍ତି ଯେ ବାତ୍ୟା ତିତିଲିରେ ୭୭ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବାବେଳେ ଫାଇଲିନ୍‌ରେ ସୃଷ୍ଟି ବାତ୍ୟା ଓ ଏହାର ପ୍ରଭାବରେ ହୋଇଥିବା ବନ୍ୟାରେ ୪୪ଜଣଙ୍କ ଜୀବନ ଯାଇଥିଲା। ତିତିଲି ବାତ୍ୟା ତାହାର ଗତିପଥ ବଦଳାଇ ପ୍ରଥମଥର ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂହାର ରଚିଥିବାବେଳେ ଫାଇଲିନ୍‌ରେ ପୁରୀ ଓ ଖୋର୍ଦ୍ଧା ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା। ତେବେ ବାତ୍ୟା ଦାନା ମୁକାବିଲା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ତାଙ୍କ ଟିମ୍ ଯେଉଁଭଳି ଭାବେ ଦିନ ରାତି ଏକ କରିଦେଲେ ତାହା ବଡ କ୍ଷତିକୁ ବହୁ ପ୍ରକାରେ ରୋକି ଦେଇଛି । ପ୍ରଥମଥର ପାଇଁ ରାଜ୍ୟର ମନ୍ତ୍ରୀ, ବିଧାୟକମାନେ ବାତ୍ୟାର ପ୍ରକୋପ ଭିତରେ ଲୋକଙ୍କ ଦୁଆର ମୁହଁରେ ଛିଡାହେଲେ । ଯାହା ଫଳରେ ପ୍ରଶାସନ ପୂରା ଦମ୍‌ରେ ଲାଗିପଡିଥିବାବେଳେ ଲୋକଙ୍କ ମନୋବଳ ବୃଦ୍ଧି ପାଇଥିବାବେଳେ । ମୁଖ୍ୟମନ୍ତ୍ରୀ ରାଜଧାନୀରେ ବାତ୍ୟା ମୁକାବିଲାର ମଙ୍ଗ ଧରିଥିବାବେଳେ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଗାଁ ଗାଁରେ ଡେରା ପକାଇଥିଲେ।

ବିଜେପିର ଏଭଳି ଅଭିନବ ବାତ୍ୟା ମୁକାବିଲା ଓ ଲୋକଙ୍କ ପ୍ରଶଂସାକୁ ହଜମ କରିନପାରି ଏବେ ବିଜେଡି ଏବେ ଛିଦ୍ର ଖୋଜିବାରେ ଲାଗିଛି । ବାତ୍ୟା ସମୟରେ ମୃତ୍ୟୁବରଣ କରିଥିବା ତିନି ବୟସ୍କଙ୍କ ମୃତ୍ୟୁର କାରଣ ପ୍ରଶାସନ ସ୍ପଷ୍ଟ କରିନଥିବାବେଳେ ବିଜେଡି କିନ୍ତୁ ସରକାରଙ୍କୁ ବଦାନମ ପାଇଁ ବାହାରି ପଡିଛି, ଯାହାକୁ ସାଧାରଣ ଲୋକେ ଆଦୌ ପସନ୍ଦ କରୁନାହାନ୍ତି । ଲୋକେ ଓଲଟା ପ୍ରଶ୍ନ କଲେଣି ବାତ୍ୟା ସମୟରେ ଦାୟିତ୍ୱବାନ ବିରୋଧିଦଳ ହିସାବରେ ବିଜେଡି କେଉଁଠାରେ କିଭଳି ସହାୟତା କରିଛି ତାହାର ହିସାବ ପ୍ରଥମେ ସାମ୍ବାଦିକ ସମ୍ମିଳନୀରେ ଦେବା ଆବଶ୍ୟକ ।

### ୨ ସୁଦ୍ଧା...

୯୮ ପ୍ରତିଶତ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଛି । ସମୁଦାୟ ୨୨ ଲକ୍ଷ ୮୪ ହଜାର ଉପଭୋକ୍ତା ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୨ ଲକ୍ଷ ୩୨ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରାଯାଇଛି। କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଅଳ୍ପ କେତୋଟି ଗ୍ରାମ ପଞ୍ଚାୟତ ଏବେବି ଜଳମଗ୍ନ ଅଛି । ତାହା ସତ୍ତ୍ୱେ ବି ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଚାଲିଛି । ପାଣି କମିବା ପରେ ବିଦ୍ୟୁତ୍ ଯୋଗାଣ ଶତ ପ୍ରତିଶତ ସ୍ୱାଭାବିକ ହୋଇଯିବ । ୭ ହଜାରରୁ ଅଧିକ କର୍ମଚାରୀ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ ନିୟୋଜିତ ଅଛନ୍ତି ବୋଲି ସେ କହିଥିଲେ। ବିଦ୍ୟୁତ୍ ପୁନଃ ଯୋଗାଣ କ୍ଷେତ୍ରରେ ଲୋକମାନେ କର୍ମଚାରୀଙ୍କୁ ସ୍ୱତଃ ପ୍ରବୃତ୍ତ ଭାବେ ସହଯୋଗ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଭାବିତ ଅଞ୍ଚଳର ମ୍ୟୁନିସପାଲଟି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡିକରେ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଣପ୍ରଭାବିତ ଅଞ୍ଚଳରୁ ସଫେଇ କର୍ମଚାରୀ ଆଣି ରାସ୍ତାଘାଟ ପରିଷ୍କାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୃଷି କ୍ଷେତ୍ରର କ୍ଷୟକ୍ଷତି ଉପରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରାରମ୍ଭିକ ଆକଳନରୁ ଜଣାଯାଇଛି ଯେ, କୃଷି କ୍ଷେତ୍ରରେ କେନ୍ଦ୍ରାପଡା ଭଦ୍ରକ, ବାଲେଶ୍ୱର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୧୨ ଟି ବ୍ଲକ୍‌ର ୮୮୦ଟି ଗ୍ରାମ ପଞ୍ଚାୟତ ଓ ୪୧୦୦ ଟି ଗ୍ରାମରେ ପ୍ରାୟ ୨ ଲକ୍ଷ ୨୧ ହଜାର ୮୦୦ ଏକର ଚାଷ ଜମିରେ ଫସଲ କ୍ଷତି ହୋଇଛି । ପ୍ରକୃତ ରିପୋର୍ଟ ଆସିବାପରେ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୩୫ ଟି ଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ । ସମୁଦାୟ ୪୮୭୧ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା ଗୃହକୁ ଅଣାଯାଇଥିଲା। ସେଠାରେ ଏହି ସମୟ ମଧ୍ୟରେ ୨୫୨୯ ଜଣ ଶିଶୁ ଜନ୍ମ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସବୁ ପ୍ରମୁଖ ରାସ୍ତା ଗୁଡିକରୁ ପ୍ରାୟ ସବୁ ଅବରୋଧ ହଟି ସାରିଛି ଏବଂ ବର୍ତ୍ତମାନ ଗମନା ଗମନରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଥିଲେ। ବନ୍ୟା ଭୟ ବର୍ତ୍ତମାନ ଆଉ ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବୁଢ଼ାବଳଙ୍ଗ ନଦୀ ପୂର୍ବରୁ ବିପଦ ସଂକେତ ଉପରେ ଥିଲା । ତେବେ, ବର୍ତ୍ତମାନ ଜଳସ୍ତର ହ୍ରାସ ପାଇଛି । ଏବେ ଏହା ବିପଦ ସଂକେତ ତଳେ ଅଛି। ବିପଦ ସ୍ତର ୮.୧୩ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୭.୨୦ ମିଟର ଅଛି ବୋଲି ସେ କହିଥିଲେ।

ବିଭିନ୍ନ ଜାଗାରେ ଲୋକଙ୍କ ଘରେ ବାତ୍ୟା ଦ୍ୱାରା ଗଛ ଭାଙ୍ଗି ପଡିଥିବାରୁ ଅଗ୍ନିଶମ ବିଭାଗକୁ ପ୍ରାୟ ୬ ହଜାର ଫୋନ୍ କଲ୍ ଆସିଥିଲା ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ଉପରେ ଅଗ୍ନିଶମ ବାହିନୀ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି । ବାତ୍ୟା ମୁକାବିଲାରେ ଭାରତ ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ସେ କହିଥିଲେ ଯେ ବାତ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ପରିମାଣରେ ଏନଡିଆରଏଫ ଟିମ୍ ପଠାଇଥିଲେ । ଲୋକଙ୍କ ଜୀବନ ବଞ୍ଚାଇବାରେ ସେମାନଙ୍କ ଭୂମିକା ଖୁବ୍ ସହାୟକ ହୋଇଛି । ଏଥିପାଇଁ "ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି" ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି, ବାତ୍ୟା ମୁକାବିଲା ପାଇଁ ୨୧ ତାରିଖରୁ ସମୀକ୍ଷା ଆରମ୍ଭ କରାଯାଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଥମରୁ ଜିଲ୍ଲାପାଳମାନଙ୍କୁ ଯେଉଁ ସବୁ ନିର୍ଦ୍ଦେଶ ଏବଂ ଦାୟିତ୍ୱ ଦିଆ ଯାଇଥିଲା ସେମାନେ ଦିନରାତି ଏକ କରି ସେସବୁ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରିଛନ୍ତି ।

ରାଜ୍ୟ ସରକାର ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ଆପଣମାନଙ୍କ ଜରିଆରେ ମୁଁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ସବୁ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଉଛି । ବିଶେଷ କରି କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜର ଜିଲ୍ଲାପାଳମାନଙ୍କୁ ମୋର ସ୍ୱତନ୍ତ୍ର ଧନ୍ୟବାଦ ।"

### ୨୯ରେ ...

ଏହା ସାରା ଭାରତ ବର୍ଷରେ ପାଖାପାଖି ୨୭ ହଜାର ହସ୍ପିଟାଲ ସହ ଅନୁବନ୍ଧିତ ହେବ। ଲୋକ କ୍ୟାସଲେସ୍ ଚିକିତ୍ସା ସୁବିଧା ପାଇବେ । ୭୦ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ । ଏହା ଏକ କମନ୍ କାର୍ଡ ହେବ।" ସେ ଆହୁରି ମଧ୍ୟ କହିଥିଲେ, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୬୭ ଲକ୍ଷ ପରିବାର ସାମିଲ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ବଳକା ୩୩ ଲକ୍ଷ ପରିବାର ସ୍ୱାସ୍ଥ୍ୟ ବୀମାରେ ସାମିଲ ହେବେ । ପୁରୁଣା ସ୍ୱାସ୍ଥ୍ୟ କାର୍ଡରେ କେବଳ ୯୫୦ଟି ହସ୍ପିଟାଲ ସହ ଅନୁବନ୍ଧିତ ଥିଲା । ନୂଆ ସ୍ୱାସ୍ଥ୍ୟକାର୍ଡରେ ୨୭ ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ଉପଲବ୍ଧ ହେବ। ଦାଦନ ଶ୍ରମିକ, ଯେଉଁମାନେ ରାଜ୍ୟ ବାହାରେ ରହି କାମ କରୁଛନ୍ତି ସେମାନେ ମଧ୍ୟ ଏହି ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡରେ ଲାଭବାନ ହେବେ। ପ୍ରଧାନମନ୍ତ୍ରୀ ଅକ୍ଟୋବର ୨୯ ତାରିଖରେ ଆୟୁଷ୍ମାନ ଭାରତ ଯୋଜନା ସମେତ ଓଡ଼ିଶାରେ ଅନ୍ୟ ପ୍ରକଳ୍ପର ଶୁଭାରମ୍ଭ କରିବେ। ଆୟୁର୍ବେଦିକ ଦିବସ ଅବସରରେ ସେ ଜଟଣୀରେ ଆୟୁର୍ବେଦ ଓ ନେଚରପାଥିର ହସ୍ପିଟାଲର ଉଦ୍‌ଘାଟନ କରିବେ। ଏହି ବୃହତ୍ ହସ୍‌ପିଟାଲ ୨୧ ଏକର ଜମିରେ ନିର୍ମାଣ ହୋଇଛି। ସେହିପରି ଗୋଠପାଟଣାରେ ସେଣ୍ଟ୍ରାଲ ଅଷ୍ଟ୍ର ଟେଷ୍ଟିଂ ୟୁନିଟ ହେବ। ବରଗଡ଼ରେ କ୍ରିଟିକାଲ ହେଲ୍ଥ କେୟାର ୟୁନିଟ ଉଦ୍‌ଘାଟନ ହେବ।

### ଭୁବନେଶ୍ୱରକୁ ...

ଏହା ସହରାଞ୍ଚଳ ଗମନାଗମନ କ୍ଷେତ୍ରରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବାକୁ ଯାଉଛି ବୋଲି ସେ କହିଥିଲେ । ଆବାସ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୋଖାନ ସାହୁ କହିଥିଲେ, ଭାରତରେ ସହରାଞ୍ଚଳ ଗମନାଗମନ ସମସ୍ୟାର ସମାଧାନ ପାଇଁ ୨୦୦୮ ମସିହାରୁ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' (ୟୁଏମ୍‌ଆଇ)ର ବାର୍ଷିକ ସମ୍ମିଳନୀ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦେଶରେ ଦୈନିକ ମେଟ୍ରୋ ଟ୍ରେନରେ ୧ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରୁଥିବା ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। 'ବିକାଶ ଭାରତ ୨୦୪୭' ପ୍ରତି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି।

ପରିବହନ କ୍ଷେତ୍ରରେ ବିଶେଷ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ୟୁଏମ୍‌ଆଇ ର ବିଭିନ୍ନ ବର୍ଗର ପୁରସ୍କାର ରହିଛି। 'ସହରାଞ୍ଚଳ ପରିବହନରେ ଉତ୍କର୍ଷତା/ସର୍ବୋତ୍ତମ ଅଭ୍ୟାସ ପ୍ରକଳ୍ପ' ପାଇଁ ରାଜ୍ୟ/ସହର କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ର ବିଶେଷଜ୍ଞଙ୍କ ନେତୃତ୍ୱରେ ପୁରସ୍କାର ଚୟନ କମିଟି ଦ୍ୱାରା ସୁପାରିସ କରାଯାଇଥିବା ବିଜେତାଙ୍କୁ ନିମ୍ନଲିଖିତ ୧୨ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଥାନାରେ ପୁଲିସ...

କମିଶନରେଟ୍ ପୁଲିସ ଆରମ୍ଭ କରିଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି। ଅନେକ ସମୟରେ ନାନା ଅଭିଯୋଗ ଆସିଥାଏ। କେତେବେଳେ ଥାନାରେ ଅଭିଯୋଗକାରୀଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉନଥିଲା ତ ଆଉ କେତେବେଳେ ଅଭିଯୋଗ ଠିକ୍ ଭାବେ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଥିଲା। ଆଉ କେତେବେଳେ ଅଭିଯୋଗକାରୀ ଥାନାରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଅଭିଯୋଗ ଗ୍ରହଣ ହେଲା ପରେ ମଧ୍ୟ ପୁଲିସ୍ ସହିତ ଯୁକ୍ତି ତର୍କ କରୁଥିବା ଅଭିଯୋଗ ହେଉଥିଲା। ଏପରି ଅଭିଯୋଗରୁ ମୁକ୍ତି ପାଇବା ପାଇଁ କମିଶନରେଟ୍ ପୁଲିସ୍ ଏହି ବ୍ୟବସ୍ଥାକୁ ଆଣିଛି।

### ବାତ୍ୟା ପରିଚାଳନାରେ...

ଓ ୨୯୭ କୁଇଣ୍ଟାଲ ଗୁଡ ଓ ୭୫୫ ପ୍ୟାକେଟ ପଲିଥିନ ରୋଲ ରିଲିଫ୍ ଆକାରରେ ବଣ୍ଟା ଯାଇଛି। ଲଗାଣ ବର୍ଷା ଯୋଗୁଁ ୬୫୯୮୪୨ ରୁ ଅଧିକ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି। ୩୩୫ ଡାକ୍ତରୀ ଦଳ ଓ ୨୦୧ଟି ପଶୁଚିକିତ୍ସକ ଦଳ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୫୦୧୧.୭ ହେକ୍ଟର ଚାଷ ଜମି ଓ ୫୮୩୯ଟି ଘର କ୍ଷତିଗ୍ରସ୍ତ ହୋଇଛି। କୁଡିଆ ଘର, ମାଟିଘର, ଓ ଚାଳଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପକ୍କାଘର ଯୋଗାଇ ଦେବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ବିଭାଗର ସଚିବ ଓ ୧୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ନଭେମ୍ବର ୨ ତାରିଖ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବାରୁ ବାତ୍ୟାର ସଫଳ ପରିଚାଳନା ସମ୍ଭବ ହୋଇ ପାରିଲା। ଉଲ୍ଲେଖନୀୟ ହେଉଛି 'ଶୂନ ମୃତ୍ୟୁହାର' ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ଓ ସୋନ ନଦୀର ବନ୍ୟାଜଳ ତଳିଆ ଅଞ୍ଚଳରେ ପାଣି ପଶିବା ହେତୁ ଲୋକେ ପ୍ରଭାବିତ ହୋଇଥିଲେ। ଗତ କାଲି ରାତିରୁ ନଦୀଗୁଡିକରେ କ୍ରମାଗତ ଭାବେ ଜଳସ୍ତର କମିବା ଫଳରେ ସ୍ଥିତିରେ ସୁଧାର ଆସିଛି। ଆଗାମୀ ଦିନରେ ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ମତ ଦେବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାସହିତ ଭଦ୍ରକ ଦାୟିତ୍ୱରେ ଥିବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କ୍ଷେତ୍ର ପରିଦର୍ଶନ କରିବା ସହ ଆଜି ସମୀକ୍ଷା ବୈଠକ କରି ଜିଲ୍ଲାର ସ୍ଥିତି ଅନୁଧ୍ୟାନ ପୂର୍ବକ କରି ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବାତ୍ୟା ମୁକାବିଲାରେ ପ୍ରସ୍ତୁତି ଓ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ବିଭିନ୍ନ ବିଭାଗ, ସଂପୃକ୍ତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଅଗ୍ନିଶମ ବିଭାଗ, ଏନଡିଆରଏଫ୍, ଓଡ୍ରାଫ ସମେତ ଓ ସଂପୃକ୍ତ ବିଭିନ୍ନ ଗୋଷ୍ଠୀ, ଅନୁଷ୍ଠାନ ଓ ଅଞ୍ଚଳର ଜନସାଧାରମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସମସ୍ତଙ୍କ ସମିଳିତ ପ୍ରୟାସରେ ଏହି ବାତ୍ୟା ମୁକାବିଲା ପ୍ରସ୍ତୁତି ଓ ପୁନରୁଦ୍ଧାର କାର୍ଯ୍ୟ ସଫଳତାର ସହିତ କରାଯାଇଥିବା ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରକାଶ କରିଥିଲେ। ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ବାତ୍ୟା ଦାନାର ମୁକାବିଲା ପ୍ରସ୍ତୁତି ଓ ପୁନରୁଦ୍ଧାର ସଂପର୍କିତ ବିଭିନ୍ନ ସଫଳ କାହାଣୀକୁ ନେଇ ଏକ ପ୍ରାମାଣିକ ଚଳଚିତ୍ର ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲେ। ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକରେ କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପି ଆଭାସୀ ମାଧ୍ୟମରେ ଯୋଗଦେଇ ସଦ୍ୟତମ ସ୍ଥିତି ସଂପର୍କରେ ଅବଗତ କରାଇଥିଲେ।

### ସନ୍ୟାସୀଙ୍କ ନିଶାନାରେ ...

ନକରି ଏହା ଉପରେ ଏକ ଅତ୍ୟନ୍ତ ଅରୁଚିକର ଭିଡିଓ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀଙ୍କୁ ବେଇଜ୍ଜତ କରିଥିଲା । ହେଲେ ଏହାର କେହି ପ୍ରତିବାଦ କରିନଥିଲେ ।

ସନ୍ୟାସୀଙ୍କ ସାଇବର ଟିମ୍ ଧିରେ ଧିରେ ମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଓ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧକୁ ଜୋରଦାର କରିଥିବାବେଳେ ବିଜେପି ନେତାମାନେ କିନ୍ତୁ ନିରବ। ଏହାର ପ୍ରତିବାଦ କରିବା ବଦଳରେ ସମସ୍ତେ ପ୍ରାୟ ନିଜ ନଜ ଭାବମୂର୍ତ୍ତି ସୁରକ୍ଷାରେ ମାତିଛନ୍ତି । ସେମାନେ ଜାଣିପାରୁ ନାହାନ୍ତି ଯେ ନିଜର ଭାବମୂର୍ତ୍ତିକୁ ସଜାଡିବାର କେଇ ମୂହୂର୍ତ୍ତ ମଧ୍ୟରେ ସନ୍ୟାସୀଙ୍କ ସାଇବର ଆର୍ମି ସେହି ଭାବମୂର୍ତ୍ତିରେ କଳା ବୋଲି ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି । ବର୍ତ୍ତମାନ ନିର୍ବାଚନରେ ବିଜେଡିର ଅର୍ଥ ଖର୍ଚ୍ଚ ଓ ସନ୍ୟାସୀଙ୍କ ହେଲିକାପ୍ଟର ବୁଲାର ବିସ୍ତୃତ ଖବର ଗଣମାଧ୍ୟମରେ ଆସିବାପରେ ବିଚଳିତ ସନ୍ୟାସୀ ଏବେ ଏଥିରୁ ନଜର ହଟାଇବାପାଇଁ ନିଜର ସାଇବର ସୈନିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଓ ବିଜେପି ସରକାରର ଛବି ଖରାପ ପାଇଁ ସୈନିକମାନେ ବି ଦିନରାତି ଲାଗି ପଡିଛନ୍ତି । ହେଲେ ସାଇବର ପୁଲିସ୍ କିମ୍ବା ବିଜେପିର ବଡପଣ୍ଡାମାନେ କାହିଁକି ନିରବ ରହିଛନ୍ତି ତାହା ଏବେ ବି ଅନେକଙ୍କ ପାଇଁ ପ୍ରଶ୍ନବାଚୀ ।

# ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

**କେନ୍ଦ୍ରାପଡ଼ା, ୨୭।୧୦ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧିକ ଅନ୍ତେଇ ଗ୍ରାମପଞ୍ଚାୟତର ସରପଞ୍ଚ ସଞ୍ଜୟ ସେଠୀଙ୍କୁ କେତେକ ଦୁର୍ବୃତ୍ତ ରବିବାର ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ସଞ୍ଜୟ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ସଦର ମହୁକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ସନ୍ଧ୍ୟାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି।



ଦୁର୍ବୃତ୍ତମାନେ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଛନ୍ତି। ଏ ନେଇ ସଞ୍ଜୟଙ୍କ ବାପା ନାରାୟଣ ସେଠୀ ପାଟକୁରା ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ପୁଅ ସରପଞ୍ଚ ସଞ୍ଜୟ ସେଠୀ ରବିବାର ପୂର୍ବାହ୍ନରେ ବାତ୍ୟା ପରବର୍ତ୍ତୀ ରିଲିଫ ଓ ଥଇଥାନ କାର୍ଯ୍ୟ କରିବା ପାଇଁ ଜଣେ ପ୍ରାଣୀଧନ ଚିକିତ୍ସକଙ୍କ ବାଇକରେ ବସି ଏହି ପଞ୍ଚାୟତ ଅନ୍ତର୍ଗତ ବାଲିଘାଇ ଗ୍ରାମକୁ ଯାଉଥିଲେ। ଯିବା ରାସ୍ତାରେ ଅନ୍ତେଇ ଗ୍ରାମର ମୋଡ ମୁଣ୍ଡ ବରଗଛ ନିକଟସ୍ଥ ଏକ ଟାୱାର ନିକଟରେ ୮ ଜଣ ଯୁବକ ସଞ୍ଜୟଙ୍କୁ କାଠ ଫାଳିଆରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ସରପଞ୍ଚଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଏହି ଆକ୍ରମଣରେ ସତ୍ୟପ୍ରକାଶ, ପ୍ରଭାସ, ବିଶ୍ୱବିଜୟୀ, ବିଜ୍ଞାନ, ଜ୍ୟୋତିରଞ୍ଜନ, ସିଲୁ ପ୍ରମୁଖ ୮ ଜଣ ଯୁବକ ସଂପୃକ୍ତ ଥିବା ପିତା ନାରାୟଣ ସେଠୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ହେବା ପରେ ପାଟକୁରା ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆକ୍ରମଣରେ ବ୍ୟବହାର କାଠ ଫାଳିଆ ଜବତ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛନ୍ତି। ଅପରପକ୍ଷରେ ମାଣିକପୁର ଗ୍ରାମର ମଞ୍ଜୁଲତା ଜେନା ସରପଞ୍ଚଙ୍କ ବିରୋଧରେ ଅନ୍ୟ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି ଗତ ୨୪ ତାରିଖ ଦିନ ତାଙ୍କ ପୁଅ ଜ୍ୟୋତିରଞ୍ଜନ ବାଲିଘାଇ ବାତ୍ୟା ଆଶ୍ରୟସ୍ଥଳକୁ ଯାଇଥିବା ବେଳେ ତାଙ୍କୁ ସରପଞ୍ଚ ଶ୍ରୀ ସେଠୀ ଗାଳିଗୁଲଜ କରିଥିଲେ। ଏ ସଂକ୍ରାନ୍ତରେ ଥାନାଧକାରୀ ଶ୍ରୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯାଇ କୋର୍ଟଚାଲାଣ କରାଯିବ।

### କିଡନୀ ପ୍ରତିରୋପଣ ପାଇଁ ଅର୍ଥ ବାଧକ

# ବର୍ଣ୍ଣ ଟୁ ହେଲ୍ପ ଅଲ୍ ପକ୍ଷରୁ ସାହାଯ୍ୟ ଭିକ୍ଷା



**ବାଲିପାଟଣା, ୨୭।୧୦ (ସଂଚାର ବ୍ୟୁରୋ) :** ବହୁ ପୁରାତନ କାଳରୁ ଚାଲି ଆସୁଛି କି ଯେତେବେଳେ ବାପା, ମାଆ ତାର ପିଲାଟିକୁ ଛୋଟରୁ ବଡ଼ ହେବାର ଦେଖି ବହୁତ ଖୁସି ହୁଅନ୍ତି। ହଁ ଖୁସି ହେବେନି ବା କିପରି। ତାଙ୍କରି ପୁଅ ବା ଝିଅ ଯେତେବେଳେ ବଡହୋଇ ଭଲପାଠ ପଢ଼ି ଚାକିରିଟିଏ କରିବ ସେତେବେଳେ ବାପା, ମାଆଙ୍କର ଏକ ପ୍ରକାରର ଦୁଃଖ ସରିବ ବୋଲି ପ୍ରାୟତଃ ଭାବିଥାନ୍ତି। ଲାଗିପଡ଼ିଥାନ୍ତି ପିଲାଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା ପାଇଁ। କିନ୍ତୁ ଯେତେବେଳେ ପିଲାର ଜୀବନ ଆକାଶରେ କଳା ବାଦଲ ଢାଙ୍କି ଦିଏ ସେତେବେଳେ ବାପା ମା'ଙ୍କ ପାଦ ତଳୁ ମାଟି ଖସିଯାଏ।

ସୂଚନା ମୁତାବକ ପୁରୀ ଜିଲ୍ଲା ଅନ୍ତର୍ଗତ ବଳଙ୍ଗା ବ୍ଲକ୍ ରୁପଦେଇପୁର୍ ଗ୍ରାମର ବାପା-ବିଷ୍ଣୁଚରଣ ସାହୁ ମାଆ - ପ୍ରମିଳା ସାହୁ ତାଙ୍କର ଗୋଟିଏ ପୁଅ ରାକେଶ ସାହୁ (୨୯)ବହୁତ ଖୁସୀ ବାସିରେ ତାଙ୍କର ଛୋଟ ପରିବାରଟି ଚାଲୁଥିଲା। ରାକେଶକୁ ୨ବର୍ଷ ତଳେ ସାଧାରଣ ଥଣ୍ଡା ଓ ଜ୍ୱର ହେଇଥିଲା। ଅଧିକ ଦିନ ଜ୍ୱର ଦେହରେ ରହିବାରୁ ସେ ହସ୍ପିଟାଲ ଆସିକି ଦେଖେଇବାରୁ ଜଣା ପଡ଼ିଲା କି ରାକେଶର ୨ଟି ଯାକ କିଡ଼ନୀ ଖରାପ ହୋଇଯାଇଛି। ଗରିବ ଲୋକ ଟଙ୍କା ବା ଆଣିବେ କେଉଁଠୁ ସେହିଦିନଠାରୁ ଅନେକ ହସ୍ପିଟାଲ ବୁଲି ବୁଲି ବିଏସ୍‌କେୱାଇ କାର୍ଡରେ ଚିକିତ୍ସିତ ହୋଇ କାର୍ଡରୁ ସମସ୍ତ ଟଙ୍କା ଏବେ ଶେଷ ହୋଇଯାଇଛି। ଏମିତି କି ଜମିବାଡି ମଧ୍ୟ ବିକ୍ରି ହୋଇ ସାରିଲାଣି ହେଲେ ଫଳ ଶୂନ। ରାକେଶର ମାଆ ତାଙ୍କର କିଡନୀ ଦେବାକୁ ରାଜି। ହେଲେ ଆର୍ଥିକ ସ୍ଥିତି ଏବେ ଏତେ ଖରାପ ଯେ, କିଡନୀ



ଥାଇ ମଧ୍ୟ ଅର୍ଥ ଅଭାବରୁ ପ୍ରତିରୋପଣ ହୋଇପାରୁନି।

ଏହି ଦୁଃଖଦ ସମୟରେ ରାକେଶକୁ ସାହାଯ୍ୟ ପାଇଁ ଆଗେଇ ଆସିଛନ୍ତି ଓଡ଼ିଶାର ଲୋକପ୍ରିୟ ସଂଗଠନ (ବର୍ଣ୍ଣ ଟୁ ହେଲ୍ପ ଅଲ୍) ସଂଗଠନର ସଦସ୍ୟମାନେ। ଗାଁ'ରୁ ଗାଁ ବୁଲିକରି ଭିକ୍ଷାକରି ରାକେଶର କିଡନୀ ପ୍ରତିରୋପଣ ପାଇଁ ଦିନରାତିକୁ ଏକ କରି ଲାଗିପଡିଛନ୍ତି। ସତରେ କେତେ ହୃଦୟ ବିଦାରକ ଏଇ ଘଟଣା। ଏଇ ଘଟଣା ଜାଣିବା ପରେ ଆମ ଆଖିରେ ମଧ୍ୟ ଲୁହ ଆସି ଯାଉଛି। ରାକେଶର ବାପା ମାଆ ନିଜ ଜୀବନଠୁ ବି ଅଧିକ ଭଲ ପାଆନ୍ତି ପୁଅକୁ। ଯଦି ତାର କିଛି ହୋଇଯାଏ ତେବେ ବଞ୍ଚିପାରିବେନି ବୋଲି କହିଛନ୍ତି। ଆପଣଙ୍କ ୧ଟଙ୍କା ସାହାଯ୍ୟ ଗୋଟେ ମାଆ କୋଳକୁ ତା'ର ପୁଅଟିର ଜୀବନ ହୁଏତ ଫେରାଇ ଦେଇପାରେ। ରୋଜଗାର ପୁଅଟି ଯେତେବେଳେ ଏବେ ହସ୍ପିଟାଲରେ ପଡ଼ିଛି ଏହି ଦୁଃଖଦ ସମୟରେ ସରକାର ଓ ସମଗ୍ର ଓଡ଼ିଶାବାସୀଙ୍କ ନିକଟରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି ରାକେଶଙ୍କ ବାପା ଓ ମାଆ।

ଯଦି ଆପଣ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ଦିଆଯାଇଥିବା ଆକାଉଣ୍ଟ ଓ ଫୋନପେ (ନାମ: ରାକେଶ କୁମାର ସାହୁ, ଆକାଉଣ୍ଟ ନମ୍ବର:୭୦୦୭୦୧୭୧୭୫୦୪୨୭୧, ଆଇଏଫ୍‌ସି କୋର୍ଡ: YESB0CMSNOC) ମାଧ୍ୟମରେ ସାହାଯ୍ୟ କରିପାରିବେ।

### କମାରଡ଼ିହି-ମଲ୍ଲିପୁର ରାସ୍ତା ନିର୍ମାଣରେ ଅନିୟମିତତା

# ଢଳେଇ ପରେ ନାୟକ ସାହିରେ ପଶିଲା ପାଣି



### ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି

**ଦଶରଥପୁର, ୨୭।୧୦ (ସଂଚାର ବ୍ୟୁରୋ) :** ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମଧୁଚନ୍ଦ୍ରିକା ପାଇଁ ଏବେ ବିପଦରେ କମାରଡ଼ିହି ନାୟକ ସାହିର ବାସିନ୍ଦା । ନିମ୍ନ ମାନର ରାସ୍ତା ନିର୍ମାଣ କରି ଚଳୁ କରୁଛନ୍ତି କୋଟି କୋଟି ଟଙ୍କା ହେଲେ ଅସୁବିଧା ଭୋଗୁଛନ୍ତି ସାଧାରଣ ଜନତା । ଏମିତି ଏକ ଅଭିଯୋଗ ଆସିଛି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ଦଶରଥପୁର ବ୍ଲକ କମାରଡିହ ପଞ୍ଚାୟତସ୍ଥ ମଲ୍ଲିପୁର- କମାରଡିହ ରାସ୍ତା ନିର୍ମାଣ କ୍ଷେତ୍ରରେ ।

ବର୍ତ୍ତମାନ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ କମାରଡ଼ିହି ଗାଁ ଭିତର ରାସ୍ତାଟିକୁ ଢ଼ଳେଇ ରାସ୍ତା କରାଯାଇଛି। କମାରଡ଼ିହି ଗାଁ ଭିତରେ ଢ଼ଳେଇ ରାସ୍ତା ନିର୍ମାଣ ହୋଇସାରିବା ପରେ କମାରଡ଼ିହି ନାୟକ ସାହିର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବା ପାଇଁ ମିଳିଛି। ରାସ୍ତା ନିର୍ମାଣ ହେବା ପରେ ଗ୍ରାମର ନାୟକ ସାହିରେ ବସବାସ କରୁଥିବା ଲୋକଙ୍କ ଦାଣ୍ଡରେ ବର୍ଷା ଜଳ ଲହଡି ମାରୁଥିବା ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ଏବେ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ରାସ୍ତା ଉଚ୍ଚା ହେବା ପରେ ନାୟକ ସାହି ରାସ୍ତାରେ ପାଣି ଜମି ରହି ଘରେ ପାଣି ପଶିବା ସହ ମଶା ମାଛିଙ୍କ ଆଡ୍ଡା ସ୍ଥଳି ପାଲଟିଛି।

ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ହେବା ପୂର୍ବରୁ ନିୟମ ଅନୁଯାଇ ପ୍ରଥମେ ସର୍ଭେ କରାଯାଇ ସର୍ଭେ ସମୟରେ ଯେଉଁଠି ଯାହା ଆବଶ୍ୟକ ତାହା ସର୍ଭେ ସମୟରେ ବିଭାଗକୁ ସର୍ଭେ ସଂସ୍ଥା ଜଣେଇ ଥାଏ। ଯଦି ସର୍ଭେ କରାଯାଇଥିଲା ତେବେ ଉକ୍ତ ସ୍ଥାନରେ ପାଣି ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା କରିଥିଲା କି ଗ୍ରାମ୍ୟ ଉନ୍ନୟନ ବିଭାଗ। ନାଁ ମିଛ ସର୍ଭେ କରି ବିଭାଗ ପକ୍ଷରୁ ଟଙ୍କା ହଡପ କରାଯାଇଛି । ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀମାନଙ୍କ ପକ୍ଷରୁ ନିରାକାର ନାୟକ, ଅଜୟ କୁମାର ନାୟକ, ବିକାଶ କୁମାର ନାୟକ, ଆହ୍ୱାନ କୁମାର ନାୟକ, ବିଳାସିନୀ ନାୟକ, ସୀତା ନାୟକ, ମଞ୍ଜୁଲତା ନାୟକ, ସବିତା ନାୟକ, ହରପ୍ରିୟା ନାୟକ,ସସ୍ମିତା ନାୟକ, କବିତା ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଭୁଲ ତଥ୍ୟ ପାଇଁ କ୍ଷତିପୂରଣରୁ ବଞ୍ଚିତ ଗୟାଧର

**ନୀଳଗିରି, ୨୭।୧୦ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗର ଭୁଲ ତଥ୍ୟ ପାଇଁ ବନ ବିଭାଗ ପାଖରୁ ସାରକାରୀ କ୍ଷତିପୂରଣ ରାଶିରୁ ବାପା ବଞ୍ଚିତ। ଔଷଧ ଯୋଗଇବା କାଠିକର ପାଠ ହୋଇ ପଡ଼ିଛି ପୁଅକୁ। ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ହେଁ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ଅସ୍ଥାୟୀ ବା ଆଂଶିକ ଆହତ ବୋଲି ଦର୍ଶାଯାଇଥିବା ଅଭିଯୋଗ। ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଅଧୀନ ନାଳଗିରି ବ୍ଲକର ଅଧୀନ ଭଉଁରିଆବାଡ଼ ପଞ୍ଚାୟତ ଗଡିଶୋଳ ଗ୍ରାମରେ। ଗୟାଧର ନାୟକ (୫୮) ୨୦୨୦ ମସିହା ମଇ ମାସ ୨ ତାରିଖରେ ନିକଟସ୍ଥ ବିଲକୁ ଶୌଚ ପାଇଁ ଯାଇଥିବା ସମୟରେ ୨ଟି ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଭାଲୁ ଦୁଇଟି ତାଙ୍କ ଅଣ୍ଟାକୁ କଚାଡ଼ି ଭାଙ୍ଗି ଦେବା ସହ ମୁଣ୍ଡ ଖପୁରି ଉଠାଇ ଦେଇଥିଲେ। ଦୀର୍ଘ ଦିନ ଧରି ଚିକିତ୍ସାଧୀନ ରହିବା ପରେ ତାଙ୍କ ଜୀବନ ବଞ୍ଚି ଯାଇଛି ସତ, କିନ୍ତୁ ସେ କିଛି ଜାଣି ପାରୁନାହାନ୍ତି କି ଠିଆହେଇ ପାରୁନାହାନ୍ତି। ଗୋଟିଏ ସ୍ଥାନରେ ଶଯ୍ୟାଶାୟୀ ହୋଇ ପଡ଼ି ରହିଛନ୍ତି।



ଗଦାଧରକୁ ବନ ବିଭାଗ ଆଂଶିକ ଆହତ ବାବଦରେ ସାରକାରୀ କ୍ଷତିପୂରଣ ବାବଦକୁ ମାତ୍ର ୫୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ମିଳିଛି। ସେହିଦିନଠାରୁ ଏହି ପରିବାରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ନୀଜର ଏକ ମାତ୍ର ପୁଅ ତପନ ନାୟକ(୨୭) ଲୋକକ ଘରେ ମୂଲ ଲାଗି କୁଟୁମ୍ବ ମୁହଁରେ ଗଣ୍ଡେ ଦାନା ଦେବାକୁ ସମର୍ଥ ନାହାନ୍ତି। ଅସୁସ୍ଥ ବାପାକୁ ଔଷଧ ଯୋଗଇବା ମଧ୍ୟ ତାଙ୍କ ପାଇଁ କାଠିକର ପାଠ ହୋଇ ପଡ଼ିଛି। ଶେଷରେ ବାଧ୍ୟ ହୋଇ ସେ ନିଜର ସମସ୍ତ ପୈତୃକ ଜମିଟୁ ୭୦ ହଜାର ଟଙ୍କାରେ ବନ୍ଧକ ଦେଇଥିବା ଜଣାପଡ଼ିଛି। ସମ୍ପ୍ରତି କେବଳ ଘରଡିହ ଖଣ୍ଡକ ବ୍ୟତୀତ ଏହି ପରିବାରରେ ଆଉ କୌଣସି ସମ୍ପତ୍ତି ନ ଥିବା ଦେଖିବାକୁ ମିଳିଛି। ଏହି ଜମି ବନ୍ଧା ଟଙ୍କାରେ ବାପଙ୍କ ଔଷଧ ଖର୍ଚ୍ଚ ସରିଯାଇଛି। ସମ୍ପୂର୍ଣ୍ଣ ଅକ୍ଷମ ଗୟାଧରଙ୍କୁ ବନ ବିଭାଗ ଆଉଥରେ ସ୍ୱାସ୍ଥ୍ୟ ବିଭାଗ ଠାରୁ ସଠିକ ତଥ୍ୟ ଆଣି ଗଦାଧରକୁ ସରକାରୀ କ୍ଷତିପୂରଣ ତଥା ଆର୍ଥିକ ସହାୟତା ଦେଲେ ଏହି ଶତ ପ୍ରତିଶତ ଶଯ୍ୟାଶାୟୀ ଦିବ୍ୟାଙ୍ଗ ଗୟାଧର ଆଉ କିଛି ଦିନ ବଞ୍ଚି ପାରନ୍ତା ବୋଲି ଆଞ୍ଚଳବାସୀ ନିବେଦନ କରିଛନ୍ତି।



## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ବାତ୍ୟା ପୀଡିତଙ୍କୁ ସହାୟତା

**କେନ୍ଦ୍ରାପଡା, ୨୭।୧୦ (ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପାରାଦୀପ ତରଫରୁ ବଗପାଟିଆ ସାତଭାୟା ବିସ୍ଥାପିତ ଅଞ୍ଚଳରେ ବାତ୍ୟା ଦାନା ପ୍ରପୀଡିତ ୧୦୦୦ ପରିବାରଙ୍କୁ ଗତ ୨୬ ତାରିଖରେ ସହାୟତା ପ୍ରଦାନ କରାଯାଇଛି । ଏଥିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅଗ୍ରିମ ପ୍ରବନ୍ଧକ ମୁଖ୍ୟ ପ୍ରବନ୍ଧକ ମନୋଜ ପଧାନ, ପ୍ରବନ୍ଧକ ବିଧୂଭୂଷଣ ରାଉତ, ପ୍ରବନ୍ଧକ ମାନବ ସମ୍ବଳ ସୁକାନ୍ତ କୁମାର ସାହୁ ଏବଂ ମୁଖ୍ୟ ସହାୟକ ପ୍ରଭାତ କୁମାର ଦାସ ଯୋଗ ଦେଇଥିଲେ । ରିଲିଫ୍ କାର୍ଯ୍ୟ ସମ୍ପାଦନାରେ ସ୍ଥାନୀୟ ତହସିଲଦାର ଅଜୟ କୁମାର ମହାନ୍ତି ଏବଂ ରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା ଉପସ୍ଥିତ ଥିଲେ ।

### କଡାକଡି ହେଉନି କଟକଣା

# କାକଟପୁର ଓ ଅସ୍ତରଙ୍ଗରେ ବଢୁଛି ବେଆଇନି ଗ୍ୟାସ ଫିଲିଂ

**କାକଟପୁର /ଅସ୍ତରଙ୍ଗ, ୨୭।୧୦ (ସଂଚାର ବ୍ୟୁରୋ):** ଜନଗହଳି ପୂର୍ଣ୍ଣ ମାର୍କେଟ ଉପରେ ଚାଲିଛି ନିଆଁ ସହ ଖେଳ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ରେ ଖୋଲିଛି ଗ୍ୟାସ ଫିଲିଂ ଦୋକାନ। ଏଭଳି ଗ୍ୟାସ ଫିଲିଂ ଦୋକାନ ଗୁଡିକ ସରକାରୀ ନିୟମ ଅନୁଯାୟୀ ଖୋଲିଛି ନା ବେଆଇନି ଭାବେ ଚାଲିଛି ଏହାର ଉତ୍ତର କାହା ନିକଟରେ ନାହିଁ। କୌଣସି କାରଣ ବଶତଃ ଯଦି କିଛି ଅଘଟଣ ଘଟେ ତେବେ ସେଥିପାଇଁ ଦାୟି କିଏ ବୋଲି ପ୍ରଶ୍ନ ଉଠିଛି।

କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଦୋକାନ ବଜାର ଗୁଡିକର ଅବସ୍ଥା ଯାହା ସେଥିରେ ଯଦି କୌଣସି ଗୋଟିଏ ଦୋକାନରେ କିଛି ଅଘଟଣ ଘଟିଲେ ତାହା ଚାରିଆଡ଼େ ବ୍ୟାପି ପୂରା ବଜାର ଜଳି ପୋଡି ପାଉଁଶ ହୋଇଯିବାର ଆଶଙ୍କା ରହୁଛି। ଏଭଳି କ୍ଷେତ୍ରରେ ଯୋଗାଣ ବିଭାଗ ଠାରୁ ଆରମ୍ଭ କରି ଗ୍ୟାସ ବିତରକ କମ୍ପାନୀ, ପୁଲିସ ଓ ଅଗ୍ନିଶମ ବିଭାଗ କାହାର ଏଥି ପ୍ରତି ନିଘା ନଥିବା ପରି ମନେ ହେଉଛି। ପ୍ରଶାସନିକ କଟକଣା ଅଭାବରୁ ଏବେ କାକଟପୁର ଓ ଅସ୍ତରଙ୍ଗ ଅଂଚଳ



ବିଭିନ୍ନ ପଂଚାୟତ ରେ ଲଗାମ୍ ଛଡା ବେଆଇନି ଗ୍ୟାସ କାରବାର ଦିନକୁ ଦିନ ବଢ଼ିଚାଲିଛି।

ସରକାର ଲୋକଙ୍କ ପାଇଁ ୧୬କେଜି ସିଲିଣ୍ଡର ଠାରୁ ଆରମ୍ଭ କରି ଅନ୍ୟ ଛୋଟ ବଡ଼ ଗ୍ୟାସ ଟାଙ୍କି ଯୋଗାଇ ଦେଉଛନ୍ତି। ଏପରିକି ୩କେଜି ସିଲିଣ୍ଡର ମଧ୍ୟ ବଜାରରେ ମିଳୁଛି। ଏହି ସବୁ ଲାଇସେନ୍ସଧାରୀ ଦୋକାନୀ ଓ ଡିଲର ମାନେ ବିକ୍ରି କରିବାର ନିୟମ ରହିଛି। ହେଲେ କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଶତାଧିକ ଲୋକଙ୍କ ଗ୍ୟାସ କାର୍ଡ ନ ଥିବା ବେଳେ ବିଭିନ୍ନ ହୋଟେଲ, ହଷ୍ଟେଲ ଠାରୁ ଆରମ୍ଭ କରି ଭଡାରେ ରହୁଥିବା ଛାତ୍ରଛାତ୍ରୀଙ୍କ ସମେତ କର୍ମଜୀବୀଙ୍କ କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ। ଫଳରେ ଗ୍ୟାସ ଫିଲିଂ ପାଇଁ ଏମାନେ ଛୋଟ ମୋଟ ଦୋକାନୀଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ବଡ଼ ଟାଙ୍କିରୁ ଗ୍ୟାସ ବିପଦପୂର୍ଣ୍ଣ ଭାବେ ଛୋଟ ଟାଙ୍କି ଗୁଡିକୁ ବେପଁକର ଭାବେ ଫିଲିଂ ହେଉଛି।

କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଅନେକ ଦୋକାନ ଚୋରାରେ ଗ୍ୟାସ ଫିଲିଂ କରୁଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ଅଂଚଳର କୁଷ୍ଣେଶ୍ୱର, ସରିପୁର, ଶିଶୁଅ, ପୋଟଳଛକ, କଣମଣ ଛକ, ପାଟଳଦା ଛକ, ହୀରାଦେଇପୁର ଛକ, ଖଣ୍ଡାସାହି, ଆଳସାହି, ନଗର, ନୂଆଗଡ ଛକ, ଅସ୍ତରଙ୍ଗ କଲେଜ ଛକ, ଏଡ଼ବାଂଶ, କାକଟପୁର ବ୍ଲକର ବିଭିନ୍ନ ଗାଁ ଛକ ସମେତ ବିଭିନ୍ନ ସ୍ଥାନରେ ଗଳିକନ୍ଦୀରେ ଛତୁ ଫୁଟିଲା ପରି ଗ୍ୟାସ ଦୋକାନ ଖୋଲିଛି। ଏହି ସବୁ ଛୋଟ ଦୋକାନ ଗୁଡିକରେ ସରକାରୀ ଦର ଠାରୁ ଅଧିକ ଦରରେ ଗ୍ୟାସ ବିକ୍ରି କରାଯାଉଥିବା ବେଳେ ଗ୍ୟାସର ମାପକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ହଠାତ କିଛି ଅଘଟଣ ଘଟିଲେ ତା'ର ମୁକାବିଲା କରିବା ପାଇଁ ଏହି ଦୋକାନ ଗୁଡିକରେ ଆନୁସଙ୍ଗିକ ସୁବିଧା ମଧ୍ୟ ନାହିଁ। ବ୍ୟାପକ ସଚେତନତା ସହ ଯୋଗାଣ ବିଭାଗ, ପୁଲିସ ପକ୍ଷରୁ କଡାକଡି ଯାଞ୍ଚ କରାଗଲେ ସମସ୍ୟାର ସମାଧାନ ହୋଇପାରିବ।

## ଆଶାକର୍ମୀ ଶିବାନୀ ମଣ୍ଡଳଙ୍କୁ ସମ୍ବର୍ଦ୍ଧନା ଦେଲା ସାମ୍ବାଦିକ ସଂଘ

**ପଟ୍ଟାମୁଣ୍ଡାଇ, ୨୭।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' ତାହାର କରାଳ ରୂପ ଦେଖାଇଥିଲା। ଏହି ସମୟରେ ଲୋକେ ସୁରକ୍ଷିତ ସ୍ଥାନରେ ନିଜ ପରିବାର ଲୋକଙ୍କ ସହ ରହିବାକୁ ଉଚିତ ମଣିଥିଲେ। ମାତ୍ର ଏହି 'ବାତ୍ୟା' ସମୟରେ ଘରୁ ଗୋଡ଼ କାଢ଼ିଥିଲେ ଜଣେ ଆଶାକର୍ମୀ । ଆଉ ସାଜିଥିଲେ ଦେବଦୂତ, ପାଲଟି ଯାଇଥିଲେ ବିପଦ ବେଳର ବନ୍ଧୁ। ରାଜନଗର ନିର୍ବାଚନ ମଣ୍ଡଳୀର ବାଘମାରି ପଞ୍ଚାୟତର ଆଶାକର୍ମୀ ଶିବାନୀ ମଣ୍ଡଳ ଯିଏ ଜଣେ ବିଶ୍ୱର ଚର୍ଚ୍ଚିତ ଚେହେରା ପାଲଟିଛନ୍ତି। ପଟ୍ଟାମୁଣ୍ଡାଇ ଏସୟୁଜେ ସାମ୍ବାଦିକ ସଂଘ ତରଫରୁ ଶିବାନୀ ମଣ୍ଡଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ଉପସ୍ଥିତ ଥିଲେ ରାଜନଗର ମେଡିକାଲ ଅଫିସର ଡା ରଶ୍ମିରଞ୍ଜନ ମହାନ୍ତି ଓ ଏସ ୟୁ ଜେ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ପଣ୍ଡା। ବର୍ତ୍ତମାନ ଆଶାକର୍ମୀ ଶିବାନୀ ମଣ୍ଡଳଙ୍କ ଘରକୁ ନେତା, ମନ୍ତ୍ରୀ ଓ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କର ସୁଅ ଛୁଟୁଛି। ଆଜି ପଟ୍ଟାମୁଣ୍ଡାଇ ଏସ ୟୁ ଜେ ସାମ୍ବାଦିକ ସଂଘର କର୍ମକର୍ତ୍ତା ସହିତ ପଟ୍ଟାମୁଣ୍ଡାଇର ସମାଜ ସେବୀ ବ୍ରଜ ସାହୁ ମଧ୍ୟ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧନା କରିବା ସହିତ ତାଙ୍କ ଭବିଷ୍ୟତ ଆହୁରି ଉଜ୍ଜଳମୟ ହେଉ ବୋଲି ଆଶିର୍ବାଦ କରିଥିଲେ । ନିକଟ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଆବାସ ଯୋଗାଇ ଦେଇଥିବାରୁ ଆଶାକର୍ମୀ ଶିବାନୀ ମଣ୍ଡଳ ଅତ୍ୟନ୍ତ ଖୁସି ଅଛନ୍ତି ବୋଲି ସାମ୍ବାଦିକମାନଙ୍କୁ ଜଣାଇଛନ୍ତି।

### ରାଜନଗର ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

# ସ୍ୱତନ୍ତ୍ର ପ୍ୟାକେଜ ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା ଦାବି

**ରାଜନଗର, ୨୭।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ରାଜନଗରରେ ହବାଲିଖଟି ନିକଟରେ ମାଡ ହେବା ଯୋଗୁଁ ରାଜନଗର ବ୍ଲକରେ ନାହିଁ ନଥିବା କ୍ଷତି ଘଟିଛି। ବାତ୍ୟା ଛାଡିବାର ୩ଦିନ ପରେବି ସରକାର କୁମ୍ଭକର୍ଣ୍ଣ ନିଦରେ ଶୋଇଛନ୍ତି। ରାଜନଗରକୁ ବାତ୍ୟା କ୍ଷୟକ୍ଷତି ଅଞ୍ଚଳ ଘୋଷଣା କରିଛନ୍ତି ସତ, ମାତ୍ର ଆଜି ଯାଏଁ ଲୋକଙ୍କ ପାଖରେ ରିଲିଫ ପହଁଚି ପାରିଲା ନାହିଁ, ୩ ମୃତ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରାଗଲା ନାହିଁ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଗାଈ ଗୋରୁଙ୍କ ପାଇଁ ମୁଠାଏ ଦାନା ପହଁଚି ପାରିନାହିଁ। ପଲିଥିନ ବିପନ୍ନ ଲୋକଙ୍କୁ ଦିଆଯାଇ ନଥିବା ବେଳେ ଏବେବି ଅନେକ ଗାଁ ଅନ୍ଧାରରେ ଅଛି। ଜିରୋ କାଜୁଆଲିଟିର ବାଃ ବାଃ ନେବା ପାଇଁ ମୃତ୍ୟୁବରଣ କରିଥିବା ଲୋକଙ୍କ ତଥ୍ୟକୁ ଲୁଚାଇ ଦେବାକୁ ବସିଛନ୍ତି ସରକାର। ଥଇଥାନ କେନ୍ଦ୍ରରେ ଠିକ୍ ସମୟରେ ଶୁଖିଲା ଖାଦ୍ୟ ପହଁଚି ପାରିଲା ନାହିଁ। ପୋକରା ଚୁଡା, ଗମରା ଗୁଡ ବିଳମ୍ବରେ ପହଁଚିଲା। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ, ବାତ୍ୟାର ଗୋଟିଏ ଦିନ ପରେ ସାଂସଦଙ୍କ ଦେଖା ମିଳିଲା। ନାଁ ସେମାନେ ପୀଡିତାଙ୍କ ପାଖକୁ ଗଲେ, ନାଁ କାହାକୁ ସମବେଦନା ଜଣାଇଲେ। ଉପମୁଖ୍ୟମନ୍ତ୍ରୀ ତାଳଚୁଆ ଗଲେ ସତ, କିନ୍ତୁ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ପଟ୍ଟାପାରିଆ, ପ୍ରଭାତି, ଖାସମୁଣ୍ଡା ଅଞ୍ଚଳକୁ ଗଲେ




ନାହିଁ। ଡାଙ୍ଗମାଳ, ତାଳଚୁଆ ଦେଇ ଗାଡିରୁ ନ ଓହ୍ଲାଇ ଟୁରିଷ୍ଟ ଭଳି ଯାଇଁ ଫେରି ଆସିଲେ। ସାଂସଦ ମଧ୍ୟ ଟୁରିଷ୍ଟ ଭଳି ବୁଲି ଫେରିଗଲେ। ବାତ୍ୟା ମୁକାବିଲା ପାଇଁ ଏମାନଙ୍କର ଆନ୍ତରିକତା ଏଥିରୁ ଜଣାପଡୁଛି। ଏହା ରାଜନଗରବାସୀଙ୍କୁ ଉପହାସ ଛଡା ଆଉ କିଛି ନୁହେଁ ବୋଲି ଆଜି ପୂର୍ତ୍ତବିଭାଗ ଡାକବଙ୍ଗଳାରେ ରାଜନଗର ବିଧାୟକ ଧ୍ରୁବ ସାହୁ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଏଥିସହିତ ବାତ୍ୟା ଦାନା ରାଜନଗରବାସୀଙ୍କ ଜୀବିକା ଉଜାଡି ଦେଇଛି। ହଜାର ହଜାର ହେକ୍ଟର ଧାନ ଫସଲ କ୍ଷତି ହେବା ସହିତ ବିରି, ମୁଗ ଫସଲ ନଷ୍ଟ ହୋଇଛି ଓ ଗୃହପାଳିତ ପଶୁ ମୃତ୍ୟୁବରଣ କରିଛନ୍ତି। ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା, ପ୍ରଭାବିତ ଅଞ୍ଚଳରେ ୧୫ଦିନ ପାଇଁ ରିଲିଫ, ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ, କୃଷକ ମାନଙ୍କୁ ଉଚିତ୍ କ୍ଷତିପୂରଣ ସହିତ ଋଣ ଛାଡ, କ୍ଷତିଗ୍ରସ୍ତ ମତ୍ସ୍ୟଜିବୀ ମାନଙ୍କ ଜାଲ, ଡଙ୍ଗାର କ୍ଷତିପୂରଣ, ଘରଭଙ୍ଗା ସହାୟତା ସହିତ ତୁରନ୍ତ ପଲିଥିନ ଯୋଗାଣ ପାଇଁ ବିଧାୟକ ଶ୍ରୀ ସାହୁ ଦାବୀ କରିଛନ୍ତି। ତୁରନ୍ତ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସରକାର କ୍ଷତିପୂରଣ ଓ ରିଲିଫ ପ୍ରଦାନ ନକଲେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ୨୪ ତାରିଖ ଦିନ ୧୧ଟା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ବାତ୍ୟା ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିବେ ବୋଲି ଜିଲ୍ଲାପାଳ ଚିଠି ଯୋଗେ ଜଣାଇଥିଲେ। ମାତ୍ର ୨୪ ତାରିଖ ଦିନ ୧୦ଟା ବେଳେ ଉପଜିଲ୍ଲାପାଳ ମ୍ୟାସେଜ ଯୋଗେ ଉପମୁଖ୍ୟମନ୍ତ୍ରୀ ପ୍ରଥମେ ଅଞ୍ଚଳ ଗସ୍ତ କରିବେ ଓ ପରେ ସମୀକ୍ଷା କରିବେ ବୋଲି ଜଣାଇଥିଲେ। ମାତ୍ର ୨୫ ତାରିଖ ଦିନ ଉପମୁଖ୍ୟମନ୍ତ୍ରୀ ଭାରତୀୟ ଜନତାପାର୍ଟିର କର୍ମକର୍ତ୍ତାଙ୍କୁ ଧରି ଜିଲ୍ଲାପାଳ ଓ ବାତ୍ୟା ପରିଚାଳନା ପାଇଁ ଜିଲ୍ଲାକୁ ଆସିଥିବା ଟୁରିଜିମ ଡାଇରେକ୍ଟର ସମର୍ଥ ବର୍ମା ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କରିଥିଲେ। ଏପରି ସଂକୀର୍ଣ୍ଣ ରାଜନୈତିକ ବିଚାର ଠାରୁ ମନ୍ତ୍ରୀ ଦୂରେଇ ରୁହନ୍ତୁ। ୨୪ ବର୍ଷ ଭିତରେ ଏପରି କେବେ ହୋଇନଥିଲା। ବିପନ୍ନଙ୍କୁ ରିଲିଫ ଓ ଅନ୍ୟାନ୍ୟ ସହାୟତା ପାଇଁ ମନ୍ତ୍ରୀ ସରକାରୀ ଅଧିକାରୀଙ୍କ ସହ ଦଳୀୟ କର୍ମୀଙ୍କୁ ନେଇ ବୈଠକ କରିବା, ପୂର୍ବରୁ କେବେ କେଉଁଠି ଦେଖିବାକୁ ମିଳିନଥିଲା ବୋଲି ଶ୍ରୀ ସାହୁ କହିବା ସହ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସୁବାଷ ଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ପାତ୍ର, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ସରୋଜ କୁମାର ରାଉତ, ଯୁବନେତା ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ ସୁର ରାଉତରାୟ



**ରାଜନଗର:** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ଆଜି ରାଜନଗର ବାତ୍ୟା ଅଞ୍ଚଳ ପରିଦର୍ଶନ କରି ବିପନ୍ନ ମାନଙ୍କୁ ଭେଟିଛନ୍ତି। ବାତ୍ୟା ଦାନା ମାଡରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ତାଳଚୁଆ, ବାଘମାରି, କୃଷ୍ଣନଗର, ଖମାରସାହି, ଡାଙ୍ଗମାଳ ଆଦି ପଞ୍ଚାୟତରେ ବାତ୍ୟା ପରବର୍ତ୍ତୀ କ୍ଷତି ଅନୁଧ୍ୟାନ କରିବା ସହ ବିପନ୍ନ ମାନଙ୍କ ସହ ଆଲୋଚନା କରିଥିଲେ। ବିପନ୍ନ ମାନଙ୍କୁ ରିଲିଫ ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ। ବାତ୍ୟାରେ ମୃତ୍ୟୁବରଣ କରିଥିବା ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗାଁର ହେମାଳିଲତା ବେହେରାଙ୍କ ଘରେ ପହଁଚି ସମବେଦନା ଜଣାଇବା ସହ ତୁରନ୍ତ ମୃତକ ପରିବାରକୁ ସରକାର କାହିଁକି ସହାୟତା ଘୋଷଣା କରିନାହାଁନ୍ତି, ସେ ନେଇ ପ୍ରଶ୍ନ କରିଥିଲେ। ସାମ୍ବାଦିକମାନଙ୍କୁ ପତିକ୍ରିୟାରେ ସରକାର କହୁଥିଲେ କେହି ମରିନାହାଁନ୍ତି କିନ୍ତୁ ୩ଜଣ ବାତ୍ୟାରେ ମରିଛନ୍ତି। ସେମାନଙ୍କୁ ସହାୟତା ରାଶି ସରକାର ଦିଅନ୍ତୁ। ବିପନ୍ନ ଲୋକଙ୍କୁ ରିଲିଫ ସହିତ ଚାଷୀଙ୍କୁ ଫସଲ କ୍ଷତିର କ୍ଷତିପୂରଣ ପ୍ରଦାନ କରିବାକୁ ଦାବୀ କରିଛନ୍ତି। ବାତ୍ୟା ବେଳେ ଲୋକଙ୍କୁ ଶହେ ୨ଶହ ଗ୍ରାମ ଚୁଡା ଦେଇ ପ୍ରଶାସନ ଭଣ୍ଡାଇଥିବା ନେଇ ତାଙ୍କ ପତିକ୍ରିୟାରେ କହିଛନ୍ତି। ଶ୍ରୀ ରାଉତରାୟଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ଚିନ୍ମୟ ସୁନ୍ଦର ଦାସ ଓ ଅନ୍ୟ କର୍ମକର୍ତାମାନେ ବାତ୍ୟା ଅଞ୍ଚଳ ଗ୍ରସ୍ତ କରିଛନ୍ତି।

## ତାଳଚୁଆ ମେରାଇନ ଥାନା ପକ୍ଷରୁ ସି ପାଟ୍ରୋଲିଂ



**ରାଜନଗର:** ବାତ୍ୟା ଦାନା ସ୍ଥଳଭାଗ ଅତିକ୍ରମ କରି ଦୁର୍ବଳ ହୋଇ ଯାଇଛି। ପରବର୍ତ୍ତୀ ସମୟରେ ସମୁଦ୍ର ଅଶାନ୍ତ ରହିବା ସହିତ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ସଂଗମସ୍ଥଳୀ କାଳିଭଞ୍ଜଡିଆ, ତାଳଚୁଆ ଜେଠୀ ସଂଲଗ୍ନ ଜଳଭାଗରେ ତାଳଚୁଆ ମାରାଇନ ଥାନା ପକ୍ଷରୁ ସି ପାର୍ଟ୍ରୋଲିଂ କରାଯିବା ସହିତ ସତର୍କ ଦୃଷ୍ଟି ରଖାଯାଇଛି। ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ସସ୍ମିତା ସାହୁ, ସବଇନିସପେକ୍ଟର ଅନିଲ ମହାପାତ୍ର, ହାବିଲଦାର ପରିକ୍ଷୀତ ସେଠୀ, କନେଷ୍ଟବଳ ଭଗବାନ ସାହୁଙ୍କ ସହିତ ଓଡ୍ରାଫ ଟିମ୍ ଏହି ସି ପାଟ୍ରିଲିଂରେ ସାମିଲ ହୋଇଛନ୍ତି। ଆଇଆଇସି ସସ୍ମିତା ସାହୁଙ୍କ କହିବା ଅନୁସାରେ ବାତ୍ୟା ଦାନା ପରେ କୌଣସି ବ୍ୟକ୍ତି ଢେଉରେ ଭାସି ଆସିବା କିମ୍ବା ଅନ୍ୟାନ୍ୟ ଜିନିଷ ତଦାରଖ ମଧ୍ୟ କରାଯାଉଛି।




## ଜିଲ୍ଲାପାଳଙ୍କର ସଂସ୍କୃତ ଗାଳି

ଖଣି ଅଞ୍ଚଳର ଜଣେ ଜିଲ୍ଲାପାଳ ଏବେ ଅଧସ୍ତନ କର୍ମଚାରୀମାନଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଦେଉଛନ୍ତି। ଅଳ୍ପଦିନ ତଳେ ଜିଲ୍ଲାକୁ ଯାଇଥିବା ନୂଆ ଜିଲ୍ଲାପାଳ ଶୁଦ୍ଧ ଓଡ଼ିଆ ମିଶା ହିନ୍ଦୀରେ ଏମିତି ଚଉଦ ପୁରୁଷ ଶ୍ରାଦ୍ଧ କରୁଛନ୍ତି ଯେ ଗାଳି ଶୁଣୁଥିବା କର୍ମଚାରୀମାନେ ତାଙ୍କ ଗାଳିକୁ ସଂସ୍କୃତ ଗାଳି ବୋଲି କହି ବୁଲୁଛନ୍ତି। କର୍ମଚାରୀମାନେ ଭାବିଥିଲେ ଯୁବ ଜିଲ୍ଲାପାଳ ଜଣଙ୍କ ସମସ୍ତଙ୍କୁ ଭଲ ବ୍ୟବହାର କରିବେ। ହେଲେ ଫଳ ଏବେ ଓଲଟା ହୋଇଛି। ସ୍ଥାନୀୟ ସାଂସଦଙ୍କ ସୁପାରିଶରେ ସେ ବାବୁ ଆସିଥିବାରୁ ଏଭଳି ଗାଳିମନ୍ଦ କରୁଥିବା କିଛି କର୍ମଚାରୀ କହୁଥିବାବେଳେ ଆଉ କିଛି କର୍ମଚାରୀଙ୍କ କହିବାକଥା ବାବୁ ଚାକିରି ଆରମ୍ଭରୁ ସେହି ଜିଲ୍ଲାରେ ଥିଲେ। ସେତେବେଳେ ଜିଲ୍ଲାରେ ଯେଉଁ ରାଜନେତାଙ୍କ ସହ ମୁହଁ ମରାମରି ହୋଇଥିଲେ ସେହି ରାଜନେତା ଜଣଙ୍କ ଏବେ ସେଠାକାର ବିଧାୟକ। ବିଧାୟକଙ୍କ ଉପରେ ରାଗ ଶୁଝାଇବାକୁ ଯାଇ ବାବୁ ଭୋକ ବିକଳରେ ତାଟିଆ କାମୁଡ଼ିଲା ଭଳି କର୍ମଚାରୀଙ୍କ ଉପରେ ଗର ଗର ହୋଇ ଶୋଧାପକା କରୁଛନ୍ତି। ଇତି ମଧ୍ୟରେ କିଛି କର୍ମଚାରୀ ଟୋକା ଜିଲ୍ଲାପାଳଙ୍କ ସଂସ୍କୃତ ଗାଳିର ଜବାବ ହିନ୍ଦୀରେ ଦେବାପାଇଁ କିଛି ଖଣି ବ୍ୟବସାୟୀଙ୍କୁ ଧରି ସଜବାଜ ହେଉଥିବା ସୂଚନା ମିଳିଛି।




## ଦେବ ଦତ୍ତ ଏବେ ଦେବ ଦୂତ

ନୂଆ ପୁଲିସ କମିଶନର ବାବୁ ଦେବଦତ୍ତ ସିଂହ ଏବେ ରାଜଧାନୀରେ ଦେବ ଦୂତ ଅବତାରରେ। ନୂଆ କମିଶନର ଚଉକିରେ ବସୁ ବସୁ ଗୋଟିଏ ଆପାର୍ଟମେଣ୍ଟରେ ଚୋରମାନେ ଚୋରି କରିବାକୁ ଆସି ଦୁଷ୍କର୍ମ କରିଥିଲେ। ଏଭଳି ବିରଳ ଘଟଣାର ପର୍ଦ୍ଦାଫାସ ନୂଆ କମିଶନର ଦୁଇ ଦିନ ଭିତରେ କରିଦେଲେ। ତେବେ ନିକଟରେ ତରତରି ବାହିନୀର ଏଡ଼ିଜି ଓ ତାଙ୍କ ପତ୍ନୀଙ୍କୁ କିଛି ମଦୁଆ ରାସ୍ତା ମଝିରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବାରୁ ସେ ସିଧା ନୂଆପଲ୍ଲୀ ଥାନାକୁ ଯାଇଥିଲେ। ତେବେ ବଡ଼ କଥା ହେଉଛି ଏଡ଼ିଜି ନୂଆପଲ୍ଲୀ ଥାନାରେ ପହଞ୍ଚିବା ପରେ ପରେ ଦେବ ଦତ୍ତ ବାବୁ ଦେବ ଦୂତଙ୍କ ଭଳି ସେଠାରେ ହାଜର ହେଲେ। କମିଶନରଙ୍କୁ ଥାନାରେ ଦେଖି ହଠାତ୍ ଥାନା କର୍ମଚାରୀମାନେ ହତଚକିତ ହୋଇଗଲେ। ସଂଗେ ସଂଗେ ଥାନା ବାବୁ ଅଭିଯୁକ୍ତମାନଙ୍କୁ ଆସି ମଦୁଆଙ୍କୁ ଧରିଲେ। କମିଶନରେଟ ପୁଲିସ ବଡ଼ ଅପବାଦରୁ ବଞ୍ଚିଗଲା। ହେଲେ ଆଲୋଚନା ହେଲା ଯେ କମିଶନର କେଉଁ ସୂତ୍ରରୁ ଖବର ପାଇ ବିଜୁଳି ବେଗରେ ଆସି ସାଧା ପୋଷାରେ ଥାନାରେ ହାଜର ହେଲେ। ଅବଶ୍ୟ ନୂଆ କମିଶନରଙ୍କର ଏଭଳି ଆକସ୍ମିକ ଆର୍ବିଭାବ ଦେଖି ସାଧାରଣରେ ତାଙ୍କୁ ଦେବ ଦତ୍ତ ନୁହେଁ ଦେବ ଦୂତ ବୋଲି କହିବା ଆରମ୍ଭ କଲେଣି।



## ଆଶା ବଢ଼ାଇଲେ ଆଶା ଦିଦି



କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ଆଶା ଦିଦି ଶିବାନୀ ମଣ୍ଡଳଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ପଡ଼ିବ। ଖୋଦ୍ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରଶଂସାରେ ଶତମୁଖ। ତେବେ ଅନ୍ୟ ଆଶା ଦିଦିମାନଙ୍କ କହିବାକଥା ଯେ ଶିବାନୀ ସେମାନଙ୍କ ପାଇଁ ଆଶା ସଞ୍ଚାର କରିଛନ୍ତି। କାରଣ ହେଲା ରାଜ୍ୟର ଆଶା ଦିଦିମାନେ ବାରମ୍ବାର ସେମାନଙ୍କ ଦାବି ନେଇ ରାଜଧାନୀରେ ଆନ୍ଦୋଳନ କରିଥାନ୍ତି। ପ୍ରତିଶ୍ରୁତି ପାଇ ଫେରିଥାନ୍ତି। ହେଲେ ସେମାନଙ୍କର ଅନେକ ଦାବି ଏବେ ବି ଆଶାରେ ରହିଯାଇଛି। ନୂଆ ସରକାର କେବେ ସେମାନଙ୍କ ଆଶା ପୂରଣ କରିବେ ଓ ସେମାନେ କିଭଳି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ସେଥିନେଇ ଚିନ୍ତାରେ ଥିଲେ। ହେଲେ ଆଶା ଦିଦି ଶିବାନୀ ଏବେ ସେହି ସମସ୍ୟା ଦୂର କରିଛନ୍ତି। ଗାଁ ଗହଳର ଆଶା ଦିଦିମାନେ କିଭଳି କଷ୍ଟକର ପରିବେଶରେ କାର୍ଯ୍ୟ କରିଥାନ୍ତି ତାହା ସେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିଛନ୍ତି। ତେଣୁ ଖୁବ୍‌ଶୀଘ୍ର ଆଶା ଦିଦି ମାନଙ୍କର ଦାବି ପୂରଣ ନେଇ ସେମାନଙ୍କ ମନରେ ଆଶା ସଞ୍ଚାର ହୋଇଛି। ତେବେ ପୂର୍ବ ସରକାର ସମୟ ଭଳି ସେମାନଙ୍କ ଆଶା ଆଶାରେ ରହିବ କି ପୂରଣ ହେବ ତାହା ମୁଖ୍ୟମନ୍ତ୍ରୀଙ୍କ ଉପରେ ହିଁ ନିର୍ଭର କରୁଛି।

## ଷଣ୍ଢଙ୍କୁ ଜବତ କରିବେ ସଚିବ



ଏକାଧିକ ବିଭାଗ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଜକୁ ମହାଦେବଙ୍କ ଷଣ୍ଢ କହି ଉତ୍ପାତ ଆରମ୍ଭ କରିବାରୁ ମନ୍ତ୍ରୀ ଅଧିନରେ ଥିବା ଗୋଟିଏ ବିଭାଗର ସଚିବ ତାଙ୍କୁ ଜବତ କରିବାକୁ ସଜବାଜ ହେଉଥିବା ଆଲୋଚନା ହେଉଛି। ଆଲୋଚନା ଅନୁଯାୟୀ ପଶ୍ଚିମଓଡ଼ିଶାର ଏହି ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଜଣଙ୍କ ଏବେ ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି। ମନ୍ତ୍ରୀଙ୍କ ନାଁ ନେଇ ଧରାକୁ ସରା ମଣୁଛନ୍ତି। ମନ୍ତ୍ରୀଙ୍କ ଅଧିନର ଥିବା ଗୋଟିଏ ବିଭାଗର ସଚିବ ତାଙ୍କୁ ଫୋନ୍ କଲେ ସିଏ ବାହାନା ଦେଖାଇ ଧରୁ ନାହାନ୍ତି। ଏହି ସଚିବ ଜଣଙ୍କ ଅତ୍ୟନ୍ତ ପ୍ରତିପତ୍ତିଶାଳୀ ଥିଲେ। ନୂଆ ସରକାରରେ ଟିକେ ପ୍ରତାପ କମିଛି। ହେଲେ ବ୍ୟକ୍ତିଗତ ସଚିବଙ୍କର ବି ବ୍ୟାପକ ଅଳିଆ। ତାଙ୍କ ବିରୁଦ୍ଧରେ ମାମଲା ବି ରହିଛି। ସଚିବଙ୍କ ନିକଟରେ ଏକଥା ପହଞ୍ଚିବା ପରେ ସିଏ ନିଜ ବିରାଦିରୀକୁ ଧରି ଷଣ୍ଢଙ୍କୁ ଜବତ କରିବାପାଇଁ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ତେବେ ଷଣ୍ଢଙ୍କୁ ଶିବ କେତେଦୂର ସୁରକ୍ଷା ଦେବେ ତାହା ଉପରେ ଏବେ ସମସ୍ତଙ୍କ ନଜର।



## ଚର୍ଚ୍ଚାରେ ମ୍ୟାଡାମଙ୍କ ଟାଟୁ

ସଚିବାଳୟରେ ଏବେ ଜଣେ ମ୍ୟାଡାମଙ୍କ ଟାଟୁକୁ ନେଇ ଜୋରଦାର ଚର୍ଚ୍ଚା। ମ୍ୟାଡାମ ଜଣେ ବରିଷ୍ଠ ଅଧିକାରିଣୀ ହୋଇଥିବାବେଳେ ଭାରି ଟାଟୁ ପ୍ରିୟ। ଦେହର ଅଧିକାଂଶ ସ୍ଥାନରେ ବିଭିନ୍ନ ପ୍ରକାରର ଟାଟୁ କରିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଅବଶ୍ୟ ପୁରୁଣା ସଚିବ ଥିବାବେଳେ ମ୍ୟାଡାମ ନିଜ ଟାଟୁକୁ ଘୋଡାଇ ରଖୁଥିଲେ। କେହି ଟେର ପାଉନଥିଲେ। ନୂଆ ସଚିବ ଆସିବାପରେ ମ୍ୟାଡମଙ୍କ ଟାଟୁ କଥାଟି ପଦାକୁ ଆସିଛି। ଅବଶ୍ୟ ଏଥିପାଇଁ ମ୍ୟାଡାମଙ୍କର କିଛି ଅବଦାନ ରହିଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ ମ୍ୟାଡାମ ଏତେ ଟାଟୁ ପ୍ରିୟ ଯେ ତାଙ୍କୁ ଯାହା କହିଲେ ଚଳିବ, ହେଲେ ତାଙ୍କ ଟାଟୁ ଉପରେ କେହି କିଛି କହିଲେ ସିଏ ଦୁର୍ଗା ଅବତାର ଧରିଥାନ୍ତି। ଖବରଟି ସଚିବାଳୟରେ ପ୍ରଚାରିତ ହେବାପରେ ଏବେ କିଛି ବୟସ୍କ କର୍ମଚାରୀ ମ୍ୟାଡମଙ୍କ ଟାଟୁ ବିଷୟରେ ଗବେଷଣା ଆରମ୍ଭ କରିବା ସହିତ ଦୈନିକ ନୂଆ ନୂଆ ତଥ୍ୟ ଉପସ୍ଥାପନ କରୁଛନ୍ତି। ଇତି ମଧ୍ୟରେ ମ୍ୟାଡାମଙ୍କ ଟାଟୁକୁ ନେଇ କିଛି କର୍ମଚାରୀ ବାଜି ଲଗାଇଥିବାବେଳେ ଏହାର ଫଳାଫଳ ଖୁବ୍‌ଶୀଘ୍ର ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି।

### ସାଇବର ଠକଙ୍କ ଜାଲରେ ମହିଳା ତହସିଲଦାର

# ଗୋଟିଏ କ୍ଲିକ୍‌ରେ ଚାଲିଗଲା ୯୦ ହଜାର

**ଅନୁଗୋଳ ୨୭।୧୦(ସଂଚାର ବ୍ୟୁରୋ):** ସାଇବର ଠକଙ୍କ ଜାଲରେ ପଡ଼ି ୯୦ ହଜାର ଟଙ୍କା ହରାଇଛନ୍ତି ତାଳଚେର ତହସିଲଦାର ରୋଜାଲିନ ବେହେରା। ସେ ଟଙ୍କା ଫେରି ପାଇବା ପାଇଁ ତଥା ଦୋଷୀଙ୍କୁ ଧରି ଦଣ୍ଡ ଦେବା ପାଇଁ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି।

ତହସିଲଦାର ଏତଲାରେ ଦର୍ଶାଇଛନ୍ତି, ୨୪ ତାରିଖ ଅପରାହ୍ଣ ୨.୪୨ରେ ୯୬୯୦୯୪୨୬୬୧ ନମ୍ବରରୁ ତାଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି 'ଟ୍ରାଇ'ରୁ କହୁଥିବା ତାଙ୍କୁ କହିଥିଲେ। ସେ କହିଥିଲେ ଯେ ତାଙ୍କର ପଞ୍ଜୀକୃତ ମୋବାଇଲ ନମ୍ବର, ଯାହା ଆଧାର କାର୍ଡ ସହିତ ସଂଯୁକ୍ତ ହୋଇଛି, ତାକୁ ଆଉ ୨ ଘଣ୍ଟା ପରେ ବ୍ଲକ୍ କରି ଦିଆଯିବ। କାରଣ ତାଙ୍କ ଆଧାର କାର୍ଡକୁ ଅପବ୍ୟବହାର କରାଯାଇ ନୂଆଦିଲ୍ଲୀର ଗ୍ରୀନ ପାର୍କ ମାର୍କେଟ ଅଞ୍ଚଳରେ ଆଉ ଏକ ମୋବାଇଲ ନମ୍ବରକୁ ଲିଙ୍କ୍ କରାଯାଇଛି। ଆଉ ସେହି ମୋବାଇଲ ନମ୍ବରକୁ ବ୍ୟବହାର କରାଯାଇ ଏକାଧିକ




ବେଆଇନ କାର୍ଯ୍ୟକଳାପ କରାଯାଉଛି। ଏମିତିକି ଜୁଆ ଖେଳାଯାଉଛି, ଯୌନ ଶୋଷଣ କରାଯାଉଛି ଓ ପର୍ଣ୍ଣୋଗ୍ରାଫି କରାଯାଉଛି। ତା' ସହିତ ମନି ଲଣ୍ଡରିଂ ଓ ବେଆଇନ ଟ୍ରେଡିଂରେ ବି ଉକ୍ତ ମୋବାଇଲ ନମ୍ବରକୁ ବ୍ୟବହାର କରାଯାଉଛି।

ଏପରି କହି ଏଜେଣ୍ଟ ଜଣଙ୍କ ତୁରନ୍ତ ତହସିଲଦାରଙ୍କ ନମ୍ବରକୁ ଅନ୍ୟ ଏକ ନମ୍ବର ୬୦୦୩୦୬୯୬୦୬କୁ ଫରୱାର୍ଡ କରି ଦେଇଥିଲେ ଓ ତାହା ଜଣେ ସିବିଆଇ ଅଧିକାରୀଙ୍କ ନମ୍ବର ବୋଲି କହିଥିଲେ। ନକଲି ସାଇବର କ୍ରାଇମ ଇନ୍ସପେକ୍ଟର ପ୍ରକାଶ ସିଂହ ତାଙ୍କୁ ୨ ଘଣ୍ଟା ଭିତରେ ଦିଲ୍ଲୀର ଏକ ଥାନାରେ ରିପୋର୍ଟ କରିବାକୁ କହିଥିଲେ। ନ ହେଲେ ହ୍ୱାଟସଆପ୍‌ରେ ଭିଡିଓ କଲ୍ ମାଧ୍ୟମରେ ଅନ୍‌ଲାଇନରେ ଏକ ଏଫଆଇଆର ଦେବାକୁ କହିଥିଲେ। ତା'ପରେ ସେ ତହସିଲଦାରଙ୍କ ପାଖକୁ ଭିଡିଓ କଲ୍ କରି ତାଙ୍କୁ ଜେରା କରିଥିଲେ ଓ ତାଙ୍କ ପରିଚୟ ବ୍ୟବହାର କରି ମହମ୍ମଦ ଇସଲାମ ନବାବ ମଲ୍ଲିକ ନାମକ ଜଣେ ବ୍ୟକ୍ତି ୪ଟି ବ୍ୟାଙ୍କ ଆକାଉଣ୍ଟ ଖୋଲି ମନି ଲଣ୍ଡରିଂ ଓ ବେଆଇନ ଟ୍ରେଡିଂ ଚଳାଉଛନ୍ତି ବୋଲି କହିଥିଲେ। ସେମାନେ ତହସିଲଦାରଙ୍କ ପାଖକୁ ନକଲି ଗୁପ୍ତ ଚୁକ୍ତିପତ୍ର ଓ ସ୍ୱୀକାରୋକ୍ତି ପତ୍ର ପଠାଇଥିଲେ, ଯାହା ଅର୍ଥ ବିଭାଗରୁ ଆସିଥିବା କହିଥିଲେ। ତା'ପରେ ପରେ ଦୁଇଟି ୟୁପିଆଇ ଲିଙ୍କ ପଠାଇଥିଲେ ଓ ଆକାଉଣ୍ଟ ପ୍ରମାଣ ପାଇଁ ଏହା ଉଦ୍ଦିଷ୍ଟ ବୋଲି କହିଥିଲେ। ତାହା ସହିତ ସେ ଉକ୍ତ ଲିଙ୍କ୍ ଦୁଇଟିରେ କ୍ଲିକ୍ କରିବାକୁ କହିଥିଲେ। ଆଉ ତହସିଲଦାର ଉକ୍ତ ଲିଙ୍କରେ କ୍ଲିକ୍ କରିବା ପରେ ସନ୍ଧ୍ୟା ସାଢ଼େ ୬ଟା ବେଳେ ତାଙ୍କ ଆକାଉଣ୍ଟରୁ ୮୯ ହଜାର ୫୦୦ ଟଙ୍କା ଟ୍ରାନ୍ସଫର ହୋଇଯାଇଥିଲା। ଠକେଇର ଶିକାର ହୋଇଥିବା ସନ୍ଦେହ କରି ଉକ୍ତ ନମ୍ବରକୁ ବ୍ଲକ୍ କରିବା ସହିତ ଆଧାର କାର୍ଡ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦେଇଥିଲେ।

ତହସିଲଦାର ତାଙ୍କ ଏତଲାରେ ଆହୁରି ଦର୍ଶାଇଛନ୍ତି ଯେ ୨୦୨୨ ଅଗଷ୍ଟ ୧୩ ତାରିଖରେ ସେ କଶ୍ମୀରରେ ତାଙ୍କର ଏକ ଫୋନ୍ ହଜାଇ ଦେଇଥିଲେ। ଏନେଇ ସେ ସେଠାରେ ଏକ ଥାନାରେ ଏଫଆଇଆର ମଧ୍ୟ ଦେଇଥିଲେ। କାଳେ ସେହି ଫୋନ୍ ବ୍ୟବହାର କରି ତାଙ୍କ ନାଁରେ ଏ ସବୁ ବେଆଇନ କାର୍ଯ୍ୟ କରାଯାଉଛି ବୋଲି ଡରି ସେ ସେମାନଙ୍କ (ସାଇବର ଠକଙ୍କ) ସବୁ କଥାରେ ରାଜି ହୋଇଯାଇଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ସାଇବର ଠକଙ୍କୁ ଧରିବା ସହିତ ତାଙ୍କ ଟଙ୍କା ଫେରାଇ ଆଣିବା ନିମନ୍ତେ ପଦକ୍ଷେପ ନେବାକୁ ସେ ତାଳଚେର ପୁଲିସକୁ ଅନୁରୋଧ କରିଛନ୍ତି।

## ମହାରାଷ୍ଟ୍ରରୁ ଶିମିଳିପାଳ ଆସିଲା ମହାବଳ



**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ବାଘର ବଂଶ ବିସ୍ତାର ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି ସରକାର। ଏଥିପାଇଁ ମହାରାଷ୍ଟ୍ରରୁ ଏକ ମହାବଳ ବାଘ ଆଣି ମୟୁରଭଞ୍ଜର ଶିମିଳିପାଳରେ ଛଡ଼ାଯାଇଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି ବାଘ ଅଣାଯାଇଛି। ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ବାଘକୁ ଅଣାଯାଇଥିଲା ବେଳେ ଏହାକୁ ଶିମିଳିପାଳ କୋର୍ ଏରିଆରେ ଛଡ଼ାଯିବ। ୨୦୨୪ ମସିହାରେ କରାଯାଇଥିବା ରାଜ୍ୟସ୍ତରୀୟ ବାଘ ଜନଗଣନା ଅନୁଯାୟୀ, ଓଡ଼ିଶାରେ ସମୁଦାୟ ୨୭ ଟି ରୟାଲ ବେଙ୍ଗଲ ବାଘ ଦେଖିବାକୁ ମିଳିଥିଲା, ସେଥିମଧ୍ୟରୁ ୨୪ ଟି ଶିମିଳିପାଳ ଟାଇଗର ରିଜର୍ଭରେ, ଗୋଟିଏ କେନ୍ଦୁଝର ୱାଇଲ୍ଡ ଲାଇଫ ଡିଭିଜନରେ, ଗୋଟିଏ ପାରଳାଖେମୁଣ୍ଡି ଏବଂ ଗୋଟିଏ ହୀରାକୁଦ ୱାଇଲ୍ଡ ଲାଇଫ ଡିଭିଜନରେ ଦେଖିବାକୁ ମିଳିଥିଲା। ଏହି ପୃଥକ ଭାବରେ, ଗଣନା ସମୟରେ ଶିମିଳିପାଳରେ ୮ ଟି ବେଙ୍ଗଲ ଟାଇଗର ଛୁଆ ଦେଖାଯାଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡ଼ିଶା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଦେଇଥିବା ସୂଚନା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ୭ ଟି ରୟାଲ ବେଙ୍ଗଲ ଟାଇଗର ସମେତ ଓଡ଼ିଶା ୫୫ ଟି ବାଘ ହରାଇଛନ୍ତି।

## ଭତ୍ତା ଘୋଟାଲା: ବିଏସ୍‌ଏସ୍‌ଓଙ୍କ ବିରୋଧରେ ଏତଲା

### ୮୯୪ ନକଲି ହିତାଧିକାରୀଙ୍କ ନାଁରେ ହରିଲୁଟ

**ଯାଜପୁର, ୨୭।୧୦ (ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକରେ ୯୦ ଲକ୍ଷ ଟଙ୍କାର ଭତ୍ତା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ବୟସ ହୋଇ ନଥିବା ଲୋକଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ଦିଆଯାଇଛି ଭତ୍ତା। ବିଡିଓ ଦିବ୍ୟେନ୍ଦୁ କୁମାର ସାହୁ ଏହି ଅଭିଯୋଗ କରି ଥାନାରେ ଦେଇଛନ୍ତି ଏତଲା। ଏତଲା ଅନୁଯାୟୀ, ବ୍ଲକର ପୂର୍ବତନ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର (ବିଏସ୍‌ଏସ୍‌ଓ) ଧର୍ମେନ୍ଦ୍ର ସାହୁ କରିଛନ୍ତି ଏହି ଚଞ୍ଚକତା।

ବିଡିଓ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ ଗତ ୧୪ ତାରିଖରେ ବିଏସ୍‌ଏସ୍‌ଓ ତାଙ୍କୁ ଜଣାଇଥିଲେ ଯେ ବ୍ଲକର ୮୯୪ ଜଣ ମଧୁବାବୁ ପେନସନ ଯୋଜନା (ଏମ୍‌ବିପିୱାଇ) ହିତାଧିକାରୀଙ୍କ ନାଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୋର୍ଟାଲରେ ଉପଲବ୍ଧ ନାହିଁ। କିନ୍ତୁ ଯାଞ୍ଚ ବେଳେ ସେମାନଙ୍କୁ ଭତ୍ତା ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଥିବା ଜଣାପଡ଼ିଛି। ୨୦୨୩ ମସିହା ଜୁଲାଇ ମାସ ୨୧ ତାରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଏହା ଜଣାପଡ଼ିବା ପରେ ବିଞ୍ଝାରପୁର ବ୍ଲକର ପୂର୍ବତନ ବିଏସ୍‌ଏସ୍‌ଓ ଧର୍ମେନ୍ଦ୍ର ସାହୁଙ୍କୁ ଜବାବ ଦେବାକୁ କୁହାଯାଇଥିଲା। ଧର୍ମେନ୍ଦ୍ର ସାହୁ ଦର୍ଶାଇଥିଲେ ଯେ ସେ ଏହି ନିର୍ଦ୍ଦେଶ ଯାଜପୁର ସବ୍‌କଲେକ୍ଟରଙ୍କଠାରୁ ପାଇଥିଲେ ଓ ସେହି ଅନୁସାରେ ହିତାଧିକାରୀଙ୍କୁ ଟଙ୍କା ଦେବାକୁ ବ୍ୟବସ୍ଥା କରିଥିଲେ। କିନ୍ତୁ ଏଥିରେ କିଛି ଅନିୟମିତତା ହୋଇଥିବା ନେଇ ତାଙ୍କ ପାଖରେ କିଛି ସୂଚନା ନ ଥିଲା। ଏହା ପରେ ଏକ କମିଟି ଏହି ଘଟଣାର ଯାଞ୍ଚ କରି ଗତ ୧୭ ତାରିଖରେ ଏକ ରିପୋର୍ଟ ଦାଖଲ କରିଥିଲା।

କମିଟିର ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ଚଞ୍ଚକତା ପଛରେ ପୂର୍ବତନ ବିଏସ୍‌ଏସ୍‌ଓ ଧର୍ମେନ୍ଦ୍ର ସାହୁଙ୍କର ହାତ ରହିଛି। ସେ ଏକ ମିଛ ନିର୍ଦ୍ଦେଶନାମା ଜାରି କରି ଉକ୍ତ ହିତାଧିକାରୀମାନଙ୍କୁ ଟଙ୍କା ଦେବାକୁ ବ୍ୟବସ୍ଥା କରିଥିଲେ। ଏଥିପାଇଁ ସେ ଯାଜପୁର ସବ୍-କଲେକ୍ଟରଙ୍କ ମିଛ ନିର୍ଦ୍ଦେଶନାମା ପ୍ରସ୍ତୁତ କରି ବିଡିଓଙ୍କୁ ଦେଇଥିଲେ। ଆଉ ତା'ପରେ ମଧୁବାବୁ ପେନସନ ଯୋଜନାର ଗାଇଡ ଲାଇନ ଅନୁଯାୟୀ ୮୯୪ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଫଳରେ ୨୦୨୩ ସେପ୍ଟେମ୍ବରରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ସରକାରଙ୍କର ୯୦ ଲକ୍ଷ ୯୦୦୦ ଟଙ୍କାର ରାଜସ୍ୱହାନି ଘଟିଛି। ଏନେଇ ଧର୍ମେନ୍ଦ୍ର ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଉଦ୍‌ଘାଟିତ

## ଲୋକନୀତି ନିର୍ଦ୍ଧାରଣରେ ଲୋକଙ୍କ ଭାଗୀଦାରି ରହୁ




**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ଦେଶ ଓ ରାଜ୍ୟରେ ସରକାର ଲୋକଙ୍କ ପାଇଁ ପ୍ରସ୍ତୁତ କରୁଥିବା ଲୋକନୀତିରେ ସାଧାରଣ ଲୋକଙ୍କ ଭାଗୀଦାରି ରହିବା ଉଚିତ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ରବିବାର କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବିର୍ଲା କହିଲେ, ଲୋକଙ୍କ ସାମାଜିକ, ଆର୍ଥିକ ଉନ୍ନତିରେ ଦେଶ ଓ ରାଜ୍ୟର ସମୃଦ୍ଧି ନିର୍ଭର କରେ । ସମାଜର ସବୁ ବର୍ଗର ଲୋକଙ୍କୁ ଯେପରି ସମାନ ଅଧିକାର ମିଳିପାରିବ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନ୍ୟାୟପୂର୍ଣ୍ଣ ବିତରଣ ହୋଇପାରିବ, ଏହାକୁ ଦୃଷ୍ଟିରେ ରଖି ଲୋକନୀତି ପ୍ରସ୍ତୁତ କରାଯିବା ଉଚିତ । ବିଭିନ୍ନ ସମୟରେ ସରକାର, ଘରୋଇ ସଂସ୍ଥା ଓ ଶିଳ୍ପ ସମୂହ ନୀତି ନିର୍ଦ୍ଧାରଣ କରିଥାନ୍ତି । ଏଥିରେ ସାଧାରଣ ଲୋକଙ୍କ ଯେତେ ପରିମାଣରେ ଯୋଗଦାନ ରହିବ ସେହି ଆଇନ ଓ ନୀତି ବାସ୍ତବ କ୍ଷେତ୍ରରେ ସେତେ ସଫଳ ହୋଇପାରିବ । ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ଏକ ଭଲ ଚିନ୍ତାଧାରାରୁ ଏକ ଭଲ ନୀତି ନିର୍ଦ୍ଧାରଣ ହୋଇପାରେ । ବିକଶିତ ଓଡ଼ିଶା ଗଠନରେ ଏଭଳି ଭଲ ଚିନ୍ତାଧାରାର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ ପଲିସିର ଯୋଗଦାନ ରହିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏ କହିଲେ, ସରକାର ସମୂହ ବିକାଶ ନିମନ୍ତେ ନୀତି ପ୍ରସ୍ତୁତ କରିଥାନ୍ତି। ତେବେ ନୀତି ନିର୍ଦ୍ଧାରଣରେ କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପ୍ରୟାସ ଜାରି ରହିବ ବୋଲି କହିଥିଲେ। ଆଇନ, ଅବକାରୀ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଲେ, ଏକ ଉତ୍ତମ ଲୋକନୀତି ହେଉଛି ଏକ ଉତ୍ତମ ସରକାରର ପରିଚୟ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଲେ, ଅଚ୍ୟୁତ ସାମନ୍ତ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ବତୀଘର । ସମାଜର ସବୁଠାରୁ ତଳସ୍ତରର ଲୋକଙ୍କ ନିକଟରେ ଯେପରି ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରିବ ତାହାକୁ ଦୃଷ୍ଟିରେ ଲୋକନୀତି ପ୍ରସ୍ତୁତ ହେବା ଦରକାର। ଅଚ୍ୟୁତ ସାମନ୍ତ କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଉପରେ ସୂଚନା ଦେଇ କହିଲେ, ଏହା ଏକ ବର୍ଷିଆ ପାଠ୍ୟକ୍ରମ। ଏଥିରେ ନଲେଜ ପାର୍ଟନର ଅଛନ୍ତି ବୈଦେଶିକ ମନ୍ତ୍ରାଳୟ ଅନ୍ତର୍ଗତ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ୱାର୍ଲଡ ଆଫାୟାରସ (ଆଇସିଡବ୍ଲୁଏ) ଓ ଇଟାଲିର ଟରେନ୍‌ସ୍ଥିତ ୟୁନାଇଟେଡ୍ ନେସନ୍‌ସ ସିଷ୍ଟମ୍ ଷ୍ଟାଫ୍ କଲେଜ ।

## ବିପଦ ସଂକେତ ଉପରେ କାଂଶବାଂଶ ୫ ଗାଁ ଜଳବନ୍ଦୀ

**ବାଲେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ଟଳିଯାଇଛି ବାତ୍ୟା। କିନ୍ତୁ ଦାନା ପ୍ରଭାବରେ ଲଗାଣ ବର୍ଷା ଏବେ ଦୁଃଖ ବଢ଼ାଉଛି। ତୁହାକୁତୁହା ବର୍ଷା ଏବେ ପ୍ରମୁଖ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି କରିଥିବା ବେଳେ ବିପଦ ସଙ୍କେତ ଟପିଛି ବାଲେଶ୍ୱର ଜିଲ୍ଲାର କାଂଶବାଂଶ ନଦୀ। କିଛି ସ୍ଥାନରେ ବନ୍ଧ ଟପି ବନ୍ୟାଜଳ ୫ ଗାଁକୁ ଜଳପ୍ଲାବିତ କରିଛି। କାଂଶବାଂଶ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିପଦ ସଂକେତ ୭.୫୦୫ ମିଟର ଥିବାବେଳେ ଏବେ ୭.୮୬୦ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଛି। ବରେହିପାଣିରେ ସର୍ବାଧିକ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଫଳରେ ବୁଢ଼ାବଳଙ୍ଗ ନଦୀର ବି ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବୁଢ଼ାବଳଙ୍ଗରେ ଜଳସ୍ତର ବୃଦ୍ଧି ଯୋଗୁଁ ବାରିପଦା ମ୍ୟୁନିସିପାଲଟି ୭ ନମ୍ବର ୱାର୍ଡର ୧୫ ଘର ଜଳମଗ୍ନ ହୋଇଛି। କୁରୁମାବାଙ୍କ ଗ୍ରାମର ୨୫ ପରିବାର ପାଣି ଘେରରେ ଅଛନ୍ତି।

# ଦୀର୍ଘଦିନ ହେଲା ଖାଲି ଗୋଟିଏ ରାଜ୍ୟସଭା ଆସନ

**ଭୁବନେଶ୍ୱର,୨୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟସଭା ସଦସ୍ୟ ପଦରୁ ସୁଜିତ କୁମାର ଇସ୍ତଫା ଦେବାର ୫୦ ଦିନରୁ ଅଧିକ ସମୟ ବିତି ଯାଇଥିବାବେଳେ ଏଯାବତ୍ ଏହି ଆସନ ଲାଗି ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଓଡ଼ିଶାର ୧୦ଟି ରାଜ୍ୟସଭା ଆସନରୁ ଗୋଟିଏ ଦୀର୍ଘଦିନ ଧରି ଖାଲି ପଡ଼ିଛି।

ଏଠାରେ ଉଲ୍ଲେଖନୀୟ ଯେ ସୁଜିତ କୁମାର ବିଜେଡି ଟିକଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ସେ ଉଭୟ ବିଜେଡି ଓ ରାଜ୍ୟସଭାରୁ ଇସ୍ତଫା ଦେଇ ବିଧିବଦ୍ଧ ଭାବେ ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି ଏବଂ ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳୁଛି।

ରାଜ୍ୟସଭାର ୧୦ଟି ଆସନ ଭିତରୁ ମାତ୍ର ଗୋଟିଏ ଆସନ ବିଜେପି ଖାତାରେ ଥିଲା। ଅଶ୍ୱିନୀ ବୈଷ୍ଣବ ବିଜେଡି ସମର୍ଥନରେ ବିଜେପି ପ୍ରାର୍ଥୀଭାବେ ରାଜ୍ୟସଭାକୁ ଯାଇ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ଅନ୍ୟ ୯ଟି ଯାକ ଆସନ ବିଜେଡି ପାଖରେ ରହିଥିଲା। ତେବେ



ବିଜେଡିର ଅନ୍ୟତମ ରାଜ୍ୟସଭା ସଦସ୍ୟା ଶ୍ରୀମତୀ ମମତା ମହାନ୍ତ ଉଭୟ ରାଜ୍ୟସଭା ଓ ବିଜେଡିରୁ ଇସ୍ତଫା ଦେଇ ସାଧାରଣ ନିର୍ବାଚନ ପରେ ବିଜେଡିରେ ଯୋଗ ଦେଇଥିଲେ ଏବଂ ତାହା ପରେ ପରେ ଖାଲିଥିବା ଆସନ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାରୁ ଶ୍ରୀମତୀ ମହାନ୍ତଙ୍କୁ ବିଜେପି ତାହାର ପ୍ରାର୍ଥୀଭାବେ ଛିଡ଼ା କରାଇ ନିର୍ଦ୍ୱନ୍ଦରେ ନିର୍ବାଚିତ କରିବାରେ ସଫଳ ହୋଇଛି।

ମମତାଙ୍କ ଭଳି ସୁଜିତଙ୍କୁ ବିଜେପି ରାଜ୍ୟସଭାକୁ ପଠାଇବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଏହି ଆସନ ପାଇଁ ବିଜେପିର ଆଉ କେତେକ ନେତା ମଧ୍ୟ ଆଶାୟୀ ରହିଛନ୍ତି। ଗତ ସେପ୍ଟେମ୍ବର ୬ତାରିଖରେ ରାଜ୍ୟସଭାର ଉପାଧ୍ୟକ୍ଷ ଜଗଦୀପ ଧନଖଡଙ୍କୁ ଭେଟି ସୁଜିତ କୁମାର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଏହାପରେ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଥିବାବେଳେ ସେ ବିଜେଡିରୁ ଇସ୍ତଫା ଦେଇ ଦିଲ୍ଲୀ ସ୍ଥିତ ବିଜେପିର ମୁଖ୍ୟ ଦପ୍ତରରେ ବିଜେପିରେ ସାମିଲ ହୋଇଥିଲେ। ସୁଜିତ କୁମାର ରାଜ୍ୟସଭାରୁ ଇସ୍ତଫା ଦେବାପରେ ଜାମ୍ମୁ-କାଶ୍ମୀର ଓ ହରିଆନା ବିଧାନସଭା ନିର୍ବାଚନ ହୋଇ ସାରିଛି। ଏବେ ଝାଡଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ୱାଏନାଡ ଲୋକସଭା ସମେତ ଦେଶର ବିଭିନ୍ନ ରାଜ୍ୟରେ ଥିବା ଆଉ କେତେକ ବିଧାନସଭା ଆସନପାଇଁ ମଧ୍ୟ ଉପନିର୍ବାଚନ ହେବାକୁ ଯାଉଛି। ଏ ପରିପ୍ରେକ୍ଷୀରେ ରାଜ୍ୟସଭାରେ ଖାଲି ପଡ଼ିଥିବା ଓଡ଼ିଶାର ଗୋଟିଏ ଆସନ ପାଇଁ କାହିଁକି ଯେ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରୁନାହାନ୍ତି ତାହା ଜଣା ପଡୁନାହିଁ।

ରାଜ୍ୟସଭା ସାଂସଦଙ୍କ ହାତପାଣ୍ଠି ବାବଦରେ ସୁଜିତ କୁମାରଙ୍କ ପାଇଁ ଯେଉଁ ଅର୍ଥ ମିଳିବାକଥା ସେ ସାଂସଦ ପଦରୁ ଇସ୍ତଫା ଦେଇ ସାରିଥିବାରୁ ଏହି ଅର୍ଥ ଆଉ ମିଳୁନାହିଁ। ଫଳରେ ରାଜ୍ୟର ୯ଜଣ ରାଜ୍ୟସଭା ସାଂସଦଙ୍କ ପାଣ୍ଠି ବିନିଯୁକ୍ତ ହେଉଥିବାବେଳେ ଗୋଟିଏ ଆସନର ପାଣ୍ଠି ମଞ୍ଜୁର ହୋଇପାରୁ ନାହିଁ। ବିଧାନସଭାରେ ଏବେ ବିଜେପିର ଯେଉଁ ସ୍ଥିତି ରହିଛି ସେଥିରେ ସୁଜିତ୍ କୁମାରଙ୍କ ଇସ୍ତଫା ପରେ ଖାଲି ହୋଇଥିବା ଆସନଟି ବିଜେପି ତାହାର ପ୍ରାର୍ଥୀଙ୍କୁ ସହଜରେ ମମତାଙ୍କ ଭଳି ଜିଣାଇପାରିବ।

ବିଜେପି ନେତାମାନେ କହୁଛନ୍ତି ଯେ ଉପନିର୍ବାଚନ ପାଇଁ ତାଙ୍କ ଦଳ ପ୍ରସ୍ତୁତ ରହିଛି ଏବଂ ନିର୍ବାଚନ କମିଶନ ଏ ସଂକ୍ରାନ୍ତରେ ଯେତେବେଳେ ବି ବିଜ୍ଞପ୍ତି ଜାରି କରିବେ ଦଳର କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ ବୋର୍ଡ ଏହି ଆସନରେ କିଏ ପ୍ରାର୍ଥୀ ହେବ ସେଥିଘେନି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। (ତଥ୍ୟ)

### ଟେଣ୍ଡର ପାଇଥିବା କମ୍ପାନୀକୁ ବିରୋଧ

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ



**ପୁରୀ,୨୭।୧୦ (ସଂଚାର ବ୍ୟୁରୋ):** ନୂଆ ଟେଣ୍ଡର ପାଇଥିବା କମ୍ପାନୀ ବିରୋଧରେ ପୁରୀ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଅସନ୍ତୋଷ ପ୍ରକାଶ କରି ରବିବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ନଭେମ୍ବର ୧ରୁ କାର୍ଯ୍ୟବନ୍ଦ କରିବାକୁ ମହାସଂଘ ପକ୍ଷରୁ ଗଣମାଧ୍ୟମକୁ ଅବଗତ କରାଯାଇଛି।ଏପରିକି ମହାସଂଘ ପକ୍ଷରୁ ୩୦ ତାରିଖରେ ଜିପିଏସ୍ ବନ୍ଦ କରି ଡ୍ୟୁଟି କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ୧ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରି ବଡ଼ ଧରଣର ଆନ୍ଦୋଳନ କରିବାକୁ ସୂଚନା ଦିଆଯାଇଛି। କମ୍ପାନୀ ମନମାନୀ କରୁଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। କର୍ମଚାରୀଙ୍କୁ ୧୨ ଘଣ୍ଟା ଡ୍ୟୁଟି କରାଯାଉଥିବା ବେଳେ ୮ ଘଣ୍ଟାର ଦରମା ଦିଆଯାଉଛି। କର୍ମଚାରୀଙ୍କ ବୀମାରେ ମଧ୍ୟ ଅସ୍ପଷ୍ଟତା ଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଦୀପାବଳିରେ ସୁନାକୁ ଟପିବ ରୁପା



ନୂଆଦିଲ୍ଲୀ,୨୭।୧୦: ସୁନା ସାଙ୍ଗରେ ତାଳ ଦେଇ ବଢ଼ି ଚାଲିଛି ରୁପା ଦର। ଆଗାମୀ କିଛି ମାସ ମଧ୍ୟରେ ରୁପା ଦରବୃଦ୍ଧି ହାର ସୁନାକୁ ବି ଟପିପାରେ। ଆସନ୍ତା ବର୍ଷ କିମ୍ବା ତାର ତିନିରୁ ଚାରି ମାସ ମଧ୍ୟରେ ସୁନା କିଲୋ ପିଛା ୧ ଲକ୍ଷ ୨୫ ହଜାର ଛୁଇଁବା ନେଇ ରିପୋର୍ଟ ପ୍ରକାଶ ପାଇଛି। ମୋତିଲାଲ ଓସୱାଲ ଫାଇନାନସିଆଲ ସର୍ଭିସେସ୍ ଲିମିଟେଡ୍ ଏହି ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ କୁହାଯାଇଛି ଯେ, ଏମସିଏକ୍ସ ଉପରେ ରୁପା କିଲୋଗ୍ରାମ ପିଛା ୧, ୨୫, ୦୦୦ ଟଙ୍କାରେ ପହଞ୍ଚିବାର ସମ୍ଭାବନା ରହିଛି। ମୋତିଲାଲ ଫାଇନାନସିଆଲ ସର୍ଭିସ ଆହୁରି ଆକଳନ କରିଛି ଯେ, ଆଗକୁ ସୁନା ଦର ୧୦ ଗ୍ରାମ ପ୍ରତି ୮୧, ୦୦୦ ଟଙ୍କା ହୋଇପାରେ। ଏହି ଦର କିଛି ଦିନ ପାଇଁ ରହିବ। ଏହାପରେ ଦୀର୍ଘ ମିଆଦି ପର୍ଯ୍ୟନ୍ତ ସୁନା ଦର ୮୬, ୦୦୦ ଟଙ୍କା ରହିପାରେ। କମୋଡିଟି ରିସର୍ଚ୍ଚ ମାନବ ମୋଦି କହିଛନ୍ତି, 'ବଜାରରେ ଅସ୍ଥିରତା, ରେଟ୍ ହ୍ରାସ, ଚାହିଦା ବୃଦ୍ଧି ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା କାରଣରୁ ୨୦୨୪ରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନର କିଛି ମାସ ପରେ ସୁନା ଦର ଆହୁରି ବୃଦ୍ଧି ପାଇବ।' ସୁନା ଓ ରୁପାର ଅହେତୁକ ମୂଲ୍ୟ ବୃଦ୍ଧିର ଅନ୍ୟ କାରଣ ହେଉଛି ଫେଡେରାଲ ରିଜର୍ଭର ହାର ହ୍ରାସ ଏବଂ ଭୌଗୋଳିକ-ରାଜନୈତିକ ଚିନ୍ତା। ବିଶେଷ କରି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏହାର ମୁଖ୍ୟ କାରଣ ବୋଲି ମାନବ ମୋଦି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମୋଟାମୋଟି ଭାବେ ଏହି ଦୀପାବଳିରେ ମୂଲ୍ୟ ସକାରାତ୍ମକ ରହିବ ବୋଲି ଆଶା କରାଯାଉଛି।




ସୋନି ଇଣ୍ଡିଆର ନୂଆ

## ୱାୟରଲେସ୍ ଇୟରବଡ୍ସ

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ସୋନି ଇଣ୍ଡିଆ ପକ୍ଷରୁ ଲିଙ୍କବଡ୍ସ ସିରିଜ୍‌ର ନୂଆ ଉତ୍ପାଦ ଡବ୍ଲୁଏଫ୍-ଏଲ୍୯୧୦ (ଲିଙ୍କବଡ୍ସ ଓପନ୍) ୱାୟରଲେସ୍ ଇୟରବଡ୍ସକୁ ଉନ୍ମୋଚନ କରାଯାଇଛି। ଆରାମ, ସଂଯୋଗ ଓ ଉତ୍କୃଷ୍ଟ ସାଉଣ୍ଡ ମାନ ଚାହୁଁଥିବା ଗ୍ରାହକମାନଙ୍କୁ ପ୍ରାକୃତିକ ଅଡିଓ ଅନୁଭୂତି ପ୍ରଦାନ କରିବା ଲାଗି ଏହି ଇୟରବଡ୍‌ରେ ଉନ୍ନତ ପ୍ରଯୁକ୍ତି ଓ ଏର୍ଗୋନୋମିକ ଡିଜାଇନ୍ ରହିଛି। ଏହା ହାଲୁକା ଓ ଛୋଟ ହୋଇଥିବା ବେଳେ ଏଥିରେ ଏୟାର ଫିଟ୍ ସପୋର୍ଟର ରହିଛି। ଏହାକୁ ଡ୍ୟାନାମିକ ଆକାର ପ୍ରଦାନ କରାଯାଇଛି ଯାହା କାନରେ ଭଲ ଭାବେ ଲାଗିପରିବ। ଏହାକୁ ଆଇପିଏକ୍ସ୪ ଜଳ ନିରୋଧୀ ରେଟିଂ ପ୍ରଦାନ କରାଯାଇଛି।

ଡବ୍ଲୁଏଫ୍-ଏଲ୍୯୧୦ ଇୟରବଡ୍ସରେ ୧୧ ଏମ୍‌ଏମ୍ ରିଙ୍ଗ ଆକାରର ଡ୍ରାଇଭର୍ ୟୁନିଟ୍ ରହିଛି ଯାହା ଉଚ୍ଚ ମାନର ସାଉଣ୍ଡ ପ୍ରଦାନ କରୁଛି। ମଧମ ଓ ଉଚ୍ଚ ମାନର ଫ୍ରିକୁଏନ୍‌ସି ସାଉଣ୍ଡକୁ ପୁନଃ ସୃଷ୍ଟି କରିବା ଲାଗି ସେଥିରେ ଡାୟାଫ୍ରାଗମ୍ ଓ ନିଓଡାମିଅମ୍ ଚୁମ୍ବକ ରହିଛି।

ଏହି ମଡେଲ୍ ବିଭିନ୍ନ ରଙ୍ଗରେ ଉପଲବ୍ଧ ହୋଇଛି ଯାହା ଆପଣଙ୍କ ଷ୍ଟାଇଲ୍ ସହ ଖାପଖାଇ ଆପଣଙ୍କ ଲୁକ୍ ବଢ଼ାଇବ। ଏହାର ଓପନ୍ ରିଙ୍ଗ ଡ୍ରାଇଭର୍ ଅଡିଓରେ ସ୍ୱଚ୍ଛତା ବଜାୟ ରଖିବ। ସୋନିର ସମନ୍ୱିତ ପ୍ରୋସେସର ଭି୨ ଓ ସ୍ୱତନ୍ତ୍ର ଭାବେ ଡିଜାଇନ୍ କାଯାଇଥିବା ୧୧ ଏମ୍‌ଏମ୍ ରିଙ୍ଗ ଆକୃତିର ଡ୍ରାଇଭର୍ ୟୁନିଟ୍ ସନ୍ତୁଳିତ, ଉଚ୍ଚ ମାନର ଓ ସ୍ପଷ୍ଟ ଅଡିଓ ପ୍ରଦାନ କରୁଛି।

ଏଥିରେ ଆଡାପ୍‌ଟିଭ୍ ଭଲ୍ୟୁମ୍ କଂଟ୍ରୋଲ୍ ରହିଛି ଯାହା ହେଉଛି ଏକ ସ୍ମାର୍ଟ ସୁବିଧା ଯାହା ଆପଣ ଥିବା ସ୍ଥାନ ଅନୁସାରେ ଭଲ୍ୟୁମ୍‌କୁ ଆଡଜଷ୍ଟ କରିବ। ଶାନ୍ତ ସ୍ଥାନରେ ଆପଣ ଅଳ୍ପ ଭଲ୍ୟୁମ୍ ଏବଂ କୋଳାହଳ ପୂର୍ଣ୍ଣ ସ୍ଥାନରେ ଉଚ୍ଚ ଭଲ୍ୟୁମ୍‌କୁ ଉପଭୋଗ କରିପାରିବେ। ଏହାର ବ୍ୟାଟେରି ୨୨ ଘଂଟା ପର୍ଯ୍ୟନ୍ତ କାମ କରୁଥିବାରୁ ଆପଣ ନିରବଚ୍ଛିନ୍ନ ଭାବେ ସାରା ଦିନ ମନୋରଂଜନ କରିପାରିବେ। ଏହାର କ୍ୱିକ୍ ଚାର୍ଜ ସୁବିଧା ପାଇଁ ଏହାକୁ ମାତ୍ର ୩ ମିନିଟ୍ ଚାର୍ଜ କଲେ ତାହା ୬୦ ମିନିଟ୍ ପର୍ଯ୍ୟନ୍ତ ପ୍ଲେବ୍ୟାକ୍ ପ୍ରଦାନ କରିବ।

ଡବ୍ଲୁଏଫ୍-ଏଲ୍୯୧୦ରେ ଅଟୋ ସ୍ୱିଚ, ଅଟୋ ପ୍ଲେ, କ୍ୱିକ୍ ଆକ୍‌ସେସ୍, ଭଏସ୍ କଂଟ୍ରୋଲ, ୱାଇଡ ଏରିଆ ଟ୍ୟାପ୍ ଓ ମଲ୍‌ଟି ପଏଂଟ୍ କନେକ୍ସନ ଭଳି ସୁବିଧା ରହିଛି। ଏହାର ଦାମ୍ ୧୯, ୯୯୦ ଟଙ୍କା ରହିଛି। କଳା ଓ ଧଳା ରଙ୍ଗରେ ଏହା ୨୦୨୪ ଅକ୍ଟୋବର ୨୪ରୁ ସମସ୍ତ ସୋନି ସେଂଟର, ସୋନି ସ୍ୱୀକୃତିପ୍ରାପ୍ତ ଡିଲର୍‌ସିପ୍, ଆମାଜନ, ଫ୍ଲିପ୍‌କାର୍ଟ ଓ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋର୍‌ରେ ଉପଲବ୍ଧ ହେବ।

## ୬୯୯ଟଙ୍କାରେ ମିଳୁଛି ଜିଓ ଭାରତ ୪ଜି ଫୋନ୍




ମୁମ୍ବାଇ,୨୭।୧୦: ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସୀମିତ ସମୟ ଅଫର ମଧ୍ୟରେ ଆଶାୟୀ ଉପଭୋକ୍ତାମାନେ ମାତ୍ର ୬୯୯ ଟଙ୍କା ମୂଲ୍ୟରେ ରିଲାଏନ୍ସର ଜିଓ ଭାରତ ୪ଜି ଫୋନ୍ ନିକଟସ୍ଥ ମୋବାଇଲ ଷ୍ଟୋର ସମେତ ଜିଓମାର୍ଟ କିମ୍ବା ଆମାଜନ୍ ପ୍ଲାଟ୍‌ଫର୍ମରୁ ଏହି ସୀମିତ ସମୟ ଅଫର ରହିଥିବା ଜିଓ ଭାରତ ଫୋନ୍ କିଣିପାରିବ। ସେହିଭଳି ଚଳିତ ଦୀପାବଳି ଅବସରରେ କମ୍ପାନୀ ଜିଓ ଭାରତ ୪ଜି ଫୋନ୍ ମୂଲ୍ୟରେ ୩୦% ହ୍ରାସ କରିଛି। ଏହି ସୀମିତ ସମୟ ଅଫର ମଧ୍ୟରେ ୯୯୯ ଟଙ୍କା ମୂଲ୍ୟର ଜିଓ ଭାରତ ୪ଜି ଫୋନ୍ ବର୍ତ୍ତମାନ ବଜାରରେ ୬୯୯ଟଙ୍କାର ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ ହେଉଛି।

# ମହିନ୍ଦ୍ରା ଟ୍ରକ ଆଣ୍ଡ ବସ ପକ୍ଷରୁ କୋଲକାତାରେ ଡିଲରସିପର ଶୁଭାରମ୍ଭ




ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ୨୦୨୩-୨୪ରେ ବ୍ୟବସାୟରେ ବାର୍ଷିକ ୪୬ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ପରେ ମହିନ୍ଦ୍ରାର ଟ୍ରକ ଆଣ୍ଡ ବସ ଡିଭିଜନ (ଏମଟିବିଡି) ପଶ୍ଚିମବଙ୍ଗ ରାଜ୍ୟ ପାଇଁ କୋଲକାତାରେ ଏକ ଅତ୍ୟାଧୁନିକ ଡିଲରସିପ ଶୁଭାରମ୍ଭ କରିଛି। ଏଥିରେ ଦୈନିକ ୨୮ରୁ ଅଧିକ ଯାନବାହନ ପାଇଁ ୧୪ଟି ସର୍ଭିସ ବେସର ଶୁଭାରମ୍ଭ କରାଯିବା ସହ ଡ୍ରାଇଭର ଲଜିଂ, ୨୪ ଘଂଟିଆ ବ୍ରେକଡାଉନ ସହାୟତା ଏବଂ ଆଡବ୍ଲୁ ଉପଲବ୍ଧତା ମଧ୍ୟ ପ୍ରଦାନ କରାଯାଇଛି ଏମଟିବିଡି ଏବଂ ସିଇର ଏରୋପ୍ଲେସ୍ ଓ ପ୍ରତିରକ୍ଷା କ୍ଷେତ୍ର, ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ବୋର୍ଡ ସଭାପତି ତଥା ମୁଖ୍ୟ କ୍ରୟ ଅଧିକାରୀ ବିନୋଦ ସହାୟ କହିଛନ୍ତି ଯେ, "ଭାରତୀୟ ସିଭି ବଜାରରେ ଏମଟିବିଡିର ଦୃଢ଼ ଉପସ୍ଥିତି ପାଇଁ ଆମେ ଗର୍ବ ଅନୁଭବ କରୁଛୁ ଏବଂ ବିଭିନ୍ନ କ୍ଷେତ୍ରରେ ୩ ନମ୍ବର ସ୍ଥାନ ହାସଲ କରିଛୁ ନୂତନ ଡିଲରସିପ୍ ଏବଂ ବ୍ଲାଜୋ ଏକ୍ସ, ଫୁରିଓ, ଓପିଟିଆଇଏମଓ, ଜେଓ ଆଇଏଲସିଭି ରେଞ୍ଜର ଟ୍ରକ ଏବଂ କ୍ରୁଜିଓ ରେଞ୍ଜ ବସ, ଯେଉଁଥିରେ ଶ୍ରେଷ୍ଠ ମାନର ମାଇଲେଜ୍ ଗ୍ୟାରେଂଟି ଏବଂ ଡବଲ୍ ସର୍ଭିସ୍ ଗ୍ୟାରେଟି ରହିଛି। ସେଗୁଡିକ ଅଂଶୀଦାର, ଗ୍ରାହକ ଏବଂ ସମଗ୍ର ବ୍ୟବସ୍ଥାକୁ ଉନ୍ନତ କରିବା ସହ ବଜାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ। ଆମର ଏକ ପ୍ରକାର ବୈଷୟିକ ଦକ୍ଷତା ଆମକୁ ବିଏସ ୬ ଓବିଡି-୨ ରେଂଜର ଟ୍ରକ୍ ପାଇଁ ନୂତନ ମାଇଲେଜ୍ ଗ୍ୟାରେଂଟି "ଅଧିକ ମାଇଲେଜ୍ ପ୍ରାପ୍ତ କରନ୍ତୁ ନଚେତ୍ ଟ୍ରକ୍ ଫେରାଇ ଦିଅନ୍ତୁ' ପ୍ରଚଳନ କରିବାରେ ସାହାଯ୍ୟ କରିଥିଲା ଯାହା ପରିବହନକାରୀଙ୍କ ପାଇଁ ଲାଭ ବୃଦ୍ଧି କରି ଅତୁଳନୀୟ ମୂଲ୍ୟର ପ୍ରତିଶ୍ରୁତି ଦେଇଛି। ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଶକ୍ତିଶାଳୀ ଡିଲର ପାର୍ଟନରଙ୍କ ସହ ଅତ୍ୟାଧୁନିକ ୩-ଏସ୍ ସୁବିଧା ଆମର ମୂଲ୍ୟବାନ ଗ୍ରାହକଙ୍କ ପ୍ରତି ଆମ ସେବାରେ ଉଚ୍ଚ ମାନଦଣ୍ଡ ସ୍ଥାପିତ କରିବ।"

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଏମଟିବିଡି ଏବଂ ସିଇର ବିଜନେସ ହେଡ ଜଲଜ ଗୁପ୍ତା କହିଛନ୍ତି ଯେ, "ଆମ ଗାଡିର ଉନ୍ନତ ବୈଷୟିକ ଉନ୍ନତି ଯୋଗୁଁ ଅଧିକ ଦକ୍ଷତା ସୃଷ୍ଟି ହୋଇଛି। ଆମର ଯାନଗୁଡିକ ସବୁଠାରୁ ଉନ୍ନତ ଟେଲିମାଟିକ୍ସ ସମାଧାନ ଆଇ-ଏମଏକ୍ସଏକ୍ସ ରହିଛି ଯାହା ଇନ୍ଧନ, ଡ୍ରାଇଭର ଆଚରଣ ଏବଂ ଯାନ ସ୍ୱାସ୍ଥ୍ୟ ମାନଦଣ୍ଡର ବାସ୍ତବ ସମୟ ନିରୀକ୍ଷଣ ସହିତ ପରିବହନ ବ୍ୟବସାୟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଦେଉଛି।

'ଜାୟାଦା ମିଲେଜ ନେହି ତୋ ଟ୍ରକ୍ ୱାପସ୍' ନାମରେ ନିର୍ମିତ ଏହି ନୂଆ ମାଇଲେଜ୍ ଗ୍ୟାରେଟି ଆମ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରିବ।"

ମହିନ୍ଦ୍ରା ବ୍ଲାଜୋ ଏକ୍ସ, ଫୁରିଓ, ଓପିଟିଆଇଏମଓ ଏବଂ ଜାୟୋ ହେଉଛି ଭାରତର ଏକମାତ୍ର ସିଭି ଟ୍ରକ୍ ରେଞ୍ଜ ଯାହା ଶ୍ରେଣୀ ଇନ୍ଧନ ଦକ୍ଷତାରେ ସର୍ବୋତମ ସମେତ ଡବଲ୍ ସର୍ଭିସ୍ ଗ୍ୟାରେଟି ପ୍ରଦାନ କରୁଛି। ଏମଟିବିଡି ମଧ୍ୟ ୪୮ ଘଂଟା ମଧ୍ୟରେ ଟ୍ରକକୁ ରାସ୍ତାକୁ ଫେରାଇ ଆଣି ଏହାର ବ୍ରେକଡାଉନ ସେବାରେ ଉନ୍ନତି ନିଶ୍ଚିତ କରିଛି, ନଚେତ୍ କଂପାନି ଗ୍ରାହକଙ୍କୁ ଦୈନିକ ୧୦୦୦ ଟଙ୍କା ଦେବ। ଏହାବ୍ୟତୀତ ଡିଲର ୱାର୍କସପ୍ ବା କମ୍ପାନିରେ ୩୬ ଘଣ୍ଟା ମଧ୍ୟରେ ନିଶ୍ଚିତ ଭାବେ ଗାଡ଼ି ଚଳାଚଳ କଲେ ଦୈନିକ ୩୦୦୦ ଟଙ୍କା ଦେବାକୁ ପଡ଼ିବ ନିରନ୍ତର ଉତ୍ପାଦ ଉଦ୍ଭାବନ ଏବଂ ଗ୍ରାହକ କେନ୍ଦ୍ରୀକରଣ ଏମଟିବିଡିର ମୂଳମନ୍ତ୍ର ରହିଛି ଯାହା ଏହି ଗ୍ୟାରେଂଟିଗୁଡ଼ିକୁ ସମ୍ଭବ କରିଛି।

ମହିନ୍ଦ୍ରା ଟ୍ରକ୍ ଆଣ୍ଡ ବସ ରାମକୃଷ୍ଣ ମିଶନ ଇନଷ୍ଟିଚ୍ୟୁଟ୍ ସହ ଭାଗିଦାରୀରେ ବେଲୁର ମଠରେ ଏକ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଚଳାଉଛି ଯାହା ଗତ ୬ ବର୍ଷ ମଧ୍ୟରେ ୧, ୧୦୦ରୁ ଅଧିକ ଟେକ୍ନିସିଆନଙ୍କୁ ତାଲିମ ଦେଉଛି। ଏହାବ୍ୟତୀତ ୧୨ ବର୍ଷ ଧରି କୋଲକାତାରେ ଚାଲିଥିବା ଫାଷ୍ଟ ରେସପନ୍ସ ସେଣ୍ଟରରେ ୮, ୦୦୦୦ ବର୍ଗଫୁଟର ସେୟାର ପାର୍ଟସ ଯୋଗାଣ ସୁନିଶ୍ଚିତ କରାଯାଇଛି।

# ଆମେରିକା-ତାଇୱାନ ୨ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତି




ତାଇପେଇ,୨୭।୧୦: ତାଇୱାନକୁ ୨ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରୟ ସହିତ ନାସାମସ୍ ଭୂପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଯୋଗାଣକୁ ଆମେରିକା ଅନୁମୋଦନ କରିଛି। ଆମେରିକାର ଏହି ପଦକ୍ଷେପକୁ ନେଇ ଚୀନ୍ ଅସନ୍ତୁଷ୍ଟ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହା ଚୀନ୍ ପାଇଁ ବଡ଼ ବିପଦ ସୃଷ୍ଟି କରିବ ବୋଲି ମଧ୍ୟ କୁହାଯାଉଛି। ନାସାମସ୍‌ର ସମ୍ପୂର୍ଣ୍ଣ ନାମ ହେଉଛି ନ୍ୟାସନାଲ୍ ଆଡଭାନ୍ସଡ୍ ସର୍ଫେସ୍ ଟୁ ଏୟାର ମିସାଇଲ୍ ସିଷ୍ଟମ୍। ଏହା ପ୍ରତିରକ୍ଷା ପ୍ରଣାଳୀ ୟୁକ୍ରେନରେ ରୁଷିଆ ବିରୁଦ୍ଧରେ ବିପୁଳ ଶକ୍ତି ପ୍ରଦର୍ଶନ କରିଥିଲା। ତାଇୱାନର ନୂତନ ରାଷ୍ଟ୍ରପତି ଲାଇ ଚିଙ୍ଗ-ତେଙ୍ଗଙ୍କ ନେତୃତ୍ୱରେ ତାଇୱାନ ଏହାର ପ୍ରତିରକ୍ଷା ଶକ୍ତି ବଢ଼ାଉଛି। କାରଣ ଚୀନ୍ ଏହା ବିରୁଦ୍ଧରେ ସାମରିକ ଦକ୍ଷତା ବୃଦ୍ଧି କରୁଛି। ତାଇୱାନ ନିଜର ଅଂଶବିଶେଷ ବୋଲି ଚୀନ୍ ଦାବି କରୁଛି। ଗତ ସପ୍ତାହରେ ବେଜିଂ ତାଇୱାନ ଉପକୂଳରେ ଦ୍ୱିତୀୟ ଥର ପାଇଁ ସାମରିକ ଅଭ୍ୟାସ କରିଥିଲା। ଲାଇ ମେ' ମାସରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଚୀନ୍ ତାଙ୍କୁ ଚେତାବନୀ ଦେବା ପାଇଁ ଏଭଳି କରିଥିବା କୁହାଯାଉଛି। ତାଇୱାନର ରାଷ୍ଟ୍ରପତିଙ୍କ ମୁଖପାତ୍ର କରିନା କୁଓ କହିଛନ୍ତି ଯେ ତାଇୱାନର ଆତ୍ମରକ୍ଷା କ୍ଷମତାକୁ ମଜବୁତ କରିବା ସହିତ ଆଞ୍ଚଳିକ ସ୍ଥିରତା ବଜାୟ ରଖିବା ପାଇଁ ଏକ ମୂଳଦୁଆ ଅଟେ। ଆମେରିକାର ବୈଦେଶିକ ବିଭାଗର ରାଜନୈତିକ-ସାମରିକ ବ୍ୟାପାର ଅନୁଯାୟୀ, ସମ୍ଭାବ୍ୟ ଅସ୍ତ୍ରଶସ୍ତ୍ର ବିକ୍ରୟ ଚୁକ୍ତିରେ ତିନୋଟି ଭୂପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଆନୁଷଙ୍ଗିକ ଉପକରଣ ଅନ୍ତର୍ଭୁକ୍ତ, ଯାହାର ମୂଲ୍ୟ ୧.୧୬ ବିଲିୟନ ଡ଼ଲାର ଅଟେ। ଏହି ଚୁକ୍ତିରେ ଆନୁମାନିକ ୮.୨୮ ମିଲିୟନ ଡ଼ଲାର ମୂଲ୍ୟର ରାଡାର ସିଷ୍ଟମ ମଧ୍ୟ ଅନ୍ତର୍ଭୁକ୍ତ। ଆମେରିକାର ସରକାରୀ ସୂତ୍ର କହିଛି ଯେ ତାଇୱାନ ପାଇଁ ନାସାମସ୍ ଏକ ନୂତନ ଅସ୍ତ୍ର। ବର୍ତ୍ତମାନ କେବଳ ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆ ଏହାକୁ ବ୍ୟବହାର କରୁଛନ୍ତି। ତାଇୱାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଘୋଷଣାକୁ ସ୍ୱାଗତ କରିବା ସହ ୟୁକ୍ରେନରେ ନାସାମସ୍‌ର ପ୍ରମାଣିତ ବ୍ୟବହାରକୁ ଉଲ୍ଲେଖ କରି ଚୀନ୍‌ର ବାରମ୍ବାର ସାମରିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏହା ତାଇୱାନର ବାୟୁ ପ୍ରତିରକ୍ଷା କ୍ଷମତାକୁ ବୃଦ୍ଧିରେ ସାହାଯ୍ୟ କରିବ ବୋଲି କହିଛି।

# ୧ ଲକ୍ଷ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଘୋଷଣା




ମୁମ୍ବାଇ, ୨୭।୧୦: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ ହେଉଛନ୍ତି ଦେଶର ସବୁଠାରୁ ଧନୀ ବ୍ୟବସାୟୀ ଏବଂ ତାଙ୍କ ପତ୍ନୀ ନୀତା ଅମ୍ବାନୀ ରିଲାଏନ୍ସ ଫାଉଣ୍ଡେସନର ଚେୟାରମ୍ୟାନ୍ ଭାବରେ ସାମାଜିକ ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି। ଏହି କ୍ରମରେ, ନୀତା ଅମ୍ବାନୀ ଏକ ବଡ ସାମାଜିକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ଘୋଷଣା କରିଛନ୍ତି ଯେ ଶିଶୁ, କିଶୋରୀ ଏବଂ ମହିଳାମାନଙ୍କ ପାଇଁ ମାଗଣା ପରୀକ୍ଷା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ସାର୍ ଏଚ୍ ଏନ୍ ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲର ଦଶମ ବାର୍ଷିକୀ ଅବସରରେ ନୀତା ଅମ୍ବାନୀ ଏକ ଲକ୍ଷରୁ ଅଧିକ ମହିଳାଙ୍କୁ ମାଗଣା ପରୀକ୍ଷା ଏବଂ ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସାର୍ ଏଚ୍ ଏନ୍ ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲର ଦଶମ ବାର୍ଷିକୀ ପାଳନ ପାଇଁ ନୂତନ ସ୍ୱାସ୍ଥ୍ୟସେବା ଯୋଜନାର ଏକ ଅଂଶ ଭାବରେ ଏସବୁ ବାବଦରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଜନ୍ମଗତ ହୃଦ୍ ରୋଗରେ ପୀଡିତ ୫୦୦୦୦ ପିଲାଙ୍କ ମାଗଣା ପରୀକ୍ଷା ଏବଂ ଚିକିତ୍ସା କରାଯିବ। ୫୦୦୦୦ ମହିଳାଙ୍କ ପାଇଁ ସ୍ତନ ଏବଂ ଗର୍ଭାଶୟ କର୍କଟ ରୋଗର ମାଗଣା ସ୍କ୍ରିନିଂ ଏବଂ ଚିକିତ୍ସା କରାଯିବ। ୧୦୦୦୦ ଯୁବତୀଙ୍କୁ ମାଗଣାରେ ଗର୍ଭାଶୟ କର୍କଟ ଟୀକାକରଣ କରାଯିବ।

ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ନୀତା ମୁକେଶ ଅମ୍ବାନୀ ଏକ ନୂତନ ସ୍ୱାସ୍ଥ୍ୟସେବା ଯୋଜନା ଘୋଷଣା କରିଛନ୍ତି ଯେଉଁଥିରେ ବଞ୍ଚିତ ସମ୍ପ୍ରଦାୟର ୧୦୦୦୦୦ରୁ ଅଧିକ ଶିଶୁ ଏବଂ ମହିଳାଙ୍କୁ ସହାୟତା କରାଯିବ।

# ରାସ୍ତାକଡ଼ରେ ନିମ୍ନମାନର ହେଲ୍‌ମେଟ୍ ହଟାଇବାକୁ ଦେଶବ୍ୟାପୀ ଅଭିଯାନ

ନୂଆଦିଲ୍ଲୀ,୨୭।୧୦: ରାସ୍ତାକଡ଼ରେ ବିକ୍ରି ହେଉଥିବା ନିମ୍ନମାନର ହେଲ୍‌ମେଟ୍ ବିରୋଧରେ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି। ବିଆଇଏସ୍ ଓ ଆଇଏସ୍‌ଆଇ ମାର୍କର ଅପବ୍ୟବହାର କରୁଥିବା ହେଲ୍‌ମେଟ୍ ନିର୍ମାତା ଓ ବିକ୍ରେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେନ୍ଦ୍ର ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଚିଠି ଲେଖାଯାଇଛି। ସଡ଼କ ସୁରକ୍ଷା ସଚେତନତା ଅଭିଯାନ ସହ ଏହାକୁ ଯୋଡ଼ିବା ଏବଂ ଆବଶ୍ୟକ ସ୍ଥଳେ ଆରକ୍ଷୀ ଅଧୀକ୍ଷକ ଓ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଫିଲ୍‌ଡ ଅଫିସରମାନଙ୍କ ସାହାଯ୍ୟ ନେବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ପୁଲିସ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ଅଭିଯାନ ପ୍ରତି ସହଯୋଗ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ସମସ୍ତ ଶାଖା କାର୍ଯ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ରେ ନିମ୍ନମାନର ହେଲ୍‌ମେଟ୍ ବିକ୍ରି ହେବା ଏବଂ ବିକ୍ରେତାମାନେ ଗ୍ରାହକମାନଙ୍କୁ ବୁଝାଇସୁଝାଇ ସେଗୁଡ଼ିକୁ ବିକ୍ରି କରିବାରେ ସଫଳ ହେଉଥିବାରୁ କେନ୍ଦ୍ର ଖାଉଟି ବ୍ୟାପାର ସଚିବ ନିଧି ଖାରେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ହେଲ୍‌ମେଟ୍ ଏକ ଜୀବନ ରକ୍ଷାକାରୀ ଉପକରଣ। ଏହାର ଗୁଣାତ୍ମକ ମାନରେ କୌଣସି ପ୍ରକାର ସାଲିସ ହେବା ଅନୁଚିତ। ଦେଶବ୍ୟାପୀ ଅଭିଯାନ ଜରିଆରେ ଅସୁରକ୍ଷିତ ହେଲ୍‌ମେଟ୍‌ଗୁଡ଼ିକୁ ବଜାରରୁ ପ୍ରତ୍ୟାହାର କରିବା ଏବଂ ବିଆଇଏସ୍ ମାର୍କ ଥିବା ଉତ୍ପାଦ ବିଷୟରେ ଲୋକମାନଙ୍କୁ ସଚେତନ କରିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି।

# ପାର୍ବଣରେ ଖାଇବା ତେଲ ଚିନ୍ତା: ମାସକରେ ପାମ୍ ଅଏଲ ୩୭% ମହଙ୍ଗା

ନୂଆଦିଲ୍ଲୀ,୨୭।୧୦: ପାର୍ବଣ ଋତୁରେ ଖାଇବା ତେଲ ଦରର ଅହେତୁକ ବୃଦ୍ଧି ଯୋଗୁ ଖାଉଟି ଏବେ ଚିନ୍ତାରେ। ଗତ ମାସ ତୁଳନାରେ ପାମ୍ ଅଏଲ ଦର ୩୭% ବଢ଼ିଗଲାଣି । ଫଳରେ ଏହା ପାରିବାରିକ ବଜେଟରେ ବଡ଼ ମାତ୍ରାରେ ପ୍ରଭାବ ପକାଇଛି । ସେହିଭଳି ତେଲ ବ୍ୟବହାର କରି ଜଳଖିଆ ପ୍ରସ୍ତୁତ କରୁଥିବା ମିଠା ଦୋକାନ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ଗୁଡିକ ମଧ୍ୟ ଏବେ ଚାପରେ ରହିଛନ୍ତି । କେବଳ ପାମ୍ ଅଏଲ ନୁହେଁ ପରିବାରଗୁଡିକରେ ସାଧାରଣତଃ ବ୍ୟବହାର ହେଉଥିବା ସୋରିଷ ତେଲ ଦର ମଧ୍ୟ ଉପରମୁହାଁ। ଗତ ମାସ ତୁଳନାରେ ସୋରିଷ ତେଲ ଦର ୨୯% ବୃଦ୍ଧି ହୋଇଛି । ପନିପରିବା ଏବଂ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଯୋଗୁ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୯ ମାସର ସର୍ବୋଚ୍ଚ ସ୍ତର ୫.୫% ସ୍ତର ଛୁଇଁଥିଲା । ଏଭଳି ସ୍ଥିତିରେ ଖାଇବା ତେଲ ଦର ବୃଦ୍ଧି ମଧ୍ୟ ଦରଦାମ ଚାପକୁ ବଢ଼ାଉଛି। ଏବେ ଦରଦାମ ଉଚ୍ଚରେ ରହିଥିବାରୁ ରିଜର୍ଭ ବ୍ୟାଙ୍କ ରେପୋରେଟ୍ କମାଇବା ଆଶା କମ୍ ରହିଛି । ଗତ ମାସରେ କେନ୍ଦ୍ର ସରକାର ଅଶୋଧିତ ସୋୟାବିନ, ପାମ ଏବଂ ସୂର୍ଯ୍ୟମୁଖୀ ତେଲର ଆମଦାନି ଟିକସ ବୃଦ୍ଧି କରିଥିଲେ । ଫଳରେ ଏହା ଖୁଚୁରା ଦରକୁ ପ୍ରଭାବିତ କରିଛି । ଅଶୋଧିତ ପାମ, ସୋୟାବିନ ଏବଂ ସୂର୍ଯ୍ୟମୁଖୀ କ୍ଷେତ୍ରରେ ଆମଦାନି ଟିକସ ୫.୫%ରୁ ୨୭.୫%କୁ ବୃଦ୍ଧି ହୋଇଛି। ୧୪ ସେପ୍ଟେମ୍ବରରୁ ଲାଗୁ ହୋଇଛି ଏହି ନିୟମ । ଏହି ସବୁ ବର୍ଗଗୁଡିକ ସାଧାରଣତଃ ଦେଶରେ ଖାଇବା ତେଲ ଲାଗି ବହୁଳ ଭାବେ ଆମଦାନି କରାଯାଇଥାଏ। ଜଣେ ଅଧିକାରୀ କହିଛନ୍ତି, ଭାରତ ଏହାର ମୋଟ ଖାଇବା ତେଲ ଆବଶ୍ୟକତାର ୫୮% ଆମଦାନି ଦ୍ୱାରା ପୂରଣ କରୁଛି । ଦେଶ ପାଲଟିଛି ଖାଇବା ତେଲର ଦ୍ୱିତୀୟ ବୃହତ୍ ଆମଦାନୀକାରୀ । ଗତ ମାସ ତୁଳନାରେ ସାରା ବିଶ୍ୱରେ ଅଶୋଧିତ ପାମ୍, ସୋୟା ଏବଂ ସୂର୍ଯ୍ୟମୁଖୀ ତେଲ ପ୍ରାୟ ୧୦.୬%, ୧୬.୮% ଏବଂ ୧୨.୩% ବୃଦ୍ଧି ହୋଇଛି । ଏବେ ଆମଦାନି ଟିକସ କମିବା ଆଶା କ୍ଷୀଣ । ତେଣୁ ଖାଉଟି ଆଗାମୀ କିଛି ମାସ ଯାଏ ଚଢ଼ା ଦରରେ ଖାଇବା ତେଲ କିଣିବା ଏକ ପ୍ରକାର ଥୟ ବୋଲି କହିଛନ୍ତି ବିଶେଷଜ୍ଞ। ନିକଟରେ ସରକାର କହିଥିଲେ ଘରୋଇ ବଜାରର ତୈଳବୀଜ କୃଷକଙ୍କୁ ଉତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅକ୍ଟୋବର ବେଳକୁ ବାଦାମ ଏବଂ ସୋୟାବିନ ଫସଲ ବଜାରକୁ ଆସିବାର ଢ଼େର ସମ୍ଭାବନା ରହିଛି । କୃଷକ ସେମାନଙ୍କ ତୈଳବୀଜ ଫସଲର ଯେଭଳି ଉଚିତ ଦାମ ପାଇବେ ସେ ଦିଗ ଉପରେ ଏବେ ସରକାରଙ୍କ ନଜରଏହ ପରିପ୍ରେକ୍ଷୀରେ ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏସନ (ଏସ୍‌ଇଏ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭି ମେହେଟ୍ଟା କହିଛନ୍ତି, ଖାଇବା ତେଲ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ହେଲେ ଅଧିକ ସ୍ଥାନରେ ତୈଳବୀଜ ଫସଲ ହେବାର ଆବଶ୍ୟକତା ରହିଛି । ଆମଦାନି ନିର୍ଭରତା କମାଇବା ଏବଂ କୃଷକଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ପ୍ରଦାନ ଦ୍ୱାରା ଏହି କୃଷିକୁ ବେଶି ପ୍ରୋତ୍ସାହନ ମିଳିବ ।

# ଓଡ଼ିଶାରେ କଲ୍ୟାଣ ଜୁଏଲର୍ସର ୨ନୂଆ ସୋ'ରୁମର ଶୁଭାରମ୍ଭ

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ଦେଶର ଅନ୍ୟତମ ଅଗ୍ରଣୀ ଓ ବିଶ୍ୱସ୍ତ ଗହଣା ବ୍ରାଣ୍ଡ କଲ୍ୟାଣ ଜୁଏଲର୍ସ ସୋମବାର (ଅକ୍ଟୋବର ୨୮) ଓଡ଼ିଶାରେ ୨ଟି ନୂଆ ସୋ'ରୁମ୍ ଶୁଭାରମ୍ଭ କରିବ ବୋଲି ଘୋଷଣା କରିଛି। ଝାରସୁଗୁଡ଼ାର ସରବାହାଲ ରୋଡ ଓ ଭୁବନେଶ୍ୱରର ସୌଭାଗ୍ୟ ନଗରରେ ଥିବା ନୂଆ ସୋ'ରୁମକୁ ବଲିଉଡ୍ ଅଭିନେତ୍ରୀ ଶିଲ୍ପା ସେଟ୍ଟୀ ଉଦଘାଟନ କରିବେ। ଏହି ଅଳଙ୍କାର ବ୍ରାଣ୍ଡ ଏହାର ଅଭିବୃଦ୍ଧିକୁ ପୂରଣ କରିବା ଏବଂ ଏହି ଅଞ୍ଚଳର ଗ୍ରାହାକମାନଙ୍କ ପାଇଁ ବ୍ରାଣ୍ଡକୁ ଅଧିକ ଉପଲବ୍ଧ କରାଇବା ପାଇଁ କ୍ରମାଗତ ଭାବରେ ଏହି ଅଞ୍ଚଳରେ ଏହାର ଉପସ୍ଥିତି ଏବଂ କାର୍ଯ୍ୟକୁ ବିସ୍ତାର କରୁଛି। ଝାରସୁଗୁଡ଼ାରେ ପୂର୍ବାହ୍ନ ୧୧ଟାରେ ଉଦଘାଟନ ଉତ୍ସବ ଓ ଅପରାହ୍ନ ୫ଟାରେ ଭୁବନେଶ୍ୱରରେ ଭବ୍ୟ ଉଦଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସୋ'ରୁମରେ କଲ୍ୟାଣ ଜୁଏଲର୍ସର ଅଳଙ୍କାର ସଂଗ୍ରହଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ପରିବେଶରେ ଉପସ୍ଥାପିତ ବିଭିନ୍ନ ଡିଜାଇନ ରହିବ।

ଧନତେରସ ଏବଂ ଦୀପାବଳିର ଆଗାମୀ ପର୍ବ ସହିତ ଏହି ନୂତନ ଶୁଭାରମ୍ଭ ବର୍ଷର ଅନ୍ୟତମ ଶୁଭ ସମୟର ଆରମ୍ଭ ସହିତ ଜଡିତ। ଏହି ଗହଣା ବ୍ରାଣ୍ଡ୍ ଏହାର ସେବା ସମରôଥତ ସପିଂ ଅନୁଭୂତିକୁ ଏହି ଅଞ୍ଚଳର ଗ୍ରାହାକମାନଙ୍କ ପାଇଁ ଉପଲବ୍ଧ କରାଇ ଉତ୍ସବକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ପାର୍ବଣ ଋତୁରେ ସୁନା କିଣିବାର ସାଂସ୍କୃତିକ ମହତ୍ୱକୁ ଦୃଷ୍ଟିରେ ରଖି କଲ୍ୟାଣ ଜୁଏଲର୍ସର ଉତ୍କୃଷ୍ଟ ସଂଗ୍ରହରୁ ଗ୍ରାହକମାନେ ଆକର୍ଷଣୀୟ ଅଳଙ୍କାର ଡିଜାଇନ୍ କ୍ରୟ କରିପାରିବେ। ଉନ୍ମୋଚନ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ସେଥିରେ ଗ୍ରାହକମାନେ ସେମାନଙ୍କ ଗହଣା କ୍ରୟରେ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିବାର ସୁଯୋଗ ପାଇପାରିବେ। ଦୀପାବଳି ବୋନାଞ୍ଜା ଅଫର ଅଧୀନରେ ଗ୍ରାହକମାନେ ସୁନା ଅଳଙ୍କାର ପାଇଁ ଗଢ଼ା ମଜୁରୀ ଉପରେ ୪୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ପ୍ରିମିୟମ ଉତ୍ପାଦ ପାଇଁ ଗଢ଼ା ମଜୁରୀ ଉପରେ ୩୦% ରିହାତି ଲାଗୁ ହେଉଥିବା ବେଳେ ଟେମ୍ପଲ୍ ଓ ଆଣ୍ଟିକ ଗହଣା ପାଇଁ ଗଢ଼ା ମଜୁରୀ ଉପରେ ୩୫% ରିହାତି ଦେଉଛି। ସପିଂ ଅଭିଜ୍ଞତାକୁ ଆହୁରି ବଢ଼ାଇବା ପାଇଁ କଲ୍ୟାଣ ଜୁଏଲର୍ସ ସୋ'ରୁମ୍ ରେ ୩୦ ଗ୍ରାମରୁ କମ୍ ସମସ୍ତ ଗହଣା ସାମଗ୍ରୀରେ ଗଢ଼ା ମଜୁରୀ ଉପରେ ୨୫% ରିହାତି ମିଳିବ। ଏହା ବ୍ୟତୀତ କଲ୍ୟାଣ ସ୍ପେଶାଲ ଗୋଲ୍ଡ ବୋର୍ଡ ରେଟ୍ ଯାହା ବଜାରରେ ସର୍ବନିମ୍ନ ଏବଂ ସମସ୍ତ କମ୍ପାନୀ ସୋ'ରୁମରେ ସମ୍ମାନ ତାହା ମଧ୍ୟ ଲାଗୁ ହେବ। କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ, " ଓଡ଼ିଶାରେ ନୂଆ ସୋ'ରୁମ୍ ଶୁଭାରମ୍ଭ ହେବା ଆମକୁ କମ୍ପାନିର ବଜାର ଉପସ୍ଥିତି ବୃଦ୍ଧି କରିବାରେ ସକ୍ଷମ କରିବ। କଲ୍ୟାଣ ଜୁଏଲର୍ସ ପାଇଁ ଓଡ଼ିଶା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଏହି କ୍ଷେତ୍ରରେ ଆମର ନୂତନ ପୁଞ୍ଜିନିବେଶ ଆମର ଗ୍ରାହକମାନଙ୍କୁ ସର୍ବୋତମ ସପିଂ ଅନୁଭୂତି ପ୍ରଦାନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।" କଲ୍ୟାଣ ଜୁଏଲର୍ସରେ ବିକ୍ରି ହେଉଥିବା ଅଳଙ୍କାରଗୁଡ଼ିକ ସମସ୍ତ ବିଆଇଏସ୍ ହଲମାର୍କ ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତି କରୁଛି। ପୃଷ୍ଠପୋଷକମାନେ କଲ୍ୟାଣ ଜୁଏଲର୍ସ ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ମଧ୍ୟ ପାଇବେ ଯାହା ଶୁଦ୍ଧତା, ଅଳଙ୍କାରର ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ବିସ୍ତୃତ ଉତ୍ପାଦ ଏବଂ ସ୍ୱଚ୍ଛ ବିନିମୟ ଏବଂ ବାଏ-ବ୍ୟାକ୍ ନୀତିର ଗ୍ୟାରେଂଟି ଦେଉଛି। ଏହି ସାର୍ଟିଫିକେଟ୍ ଏହାର ସମର୍ଥକମାନଙ୍କୁ ସର୍ବୋତମ ପ୍ରଦାନ କରିବା ଦିଗରେ ବ୍ରାଣ୍ଡର ପ୍ରତିବଦ୍ଧତାର ଏକ ଅଂଶ ଅଟେ।

ଏହି ସୋ'ରୁମରେ କଲ୍ୟାଣର ଲୋକପ୍ରିୟ ବ୍ରାଣ୍ଡ ଯଥା- ମୁହୁରତ- ବିବାହ ଗହଣା, ମୁଧରା- ହାତତିଆରି ପ୍ରାଚୀନ ଅଳଙ୍କାର, ନିମାହ- ମନ୍ଦିର ଗହଣା, ଗ୍ଲୋ- ନୃତ୍ୟ ହୀରା, ଜିଆ- ସୋଲିଟେୟାର ଯଥା ହୀରା ଗହଣା, ଅନୋଖୀ- ଅନକଟ ହୀରା, ଅପୂର୍ବା- ସ୍ୱତନ୍ତ୍ର ଉପଲକ୍ଷେ ହୀରା, ଅନ୍ତରା - ବିବାହ ହୀରା, ହେରା - ଦୈନିକ ପରିଧାନ ହୀରା, ରଙ୍ଗ - ମୂଲ୍ୟବାନ ଅଳଙ୍କାର ପଥର ଏବଂ ନିକଟରେ ଉନ୍ମୋଚିତ ହୋଇଥିବା ଲୀଲା - ପଥର ଏବଂ ହୀରା ଅଳଙ୍କାର ମହଜୁଦ ରହିବ।

KALYAN JEWELLERS

# ଦୀପାବଳୀରେ ୧ ଲକ୍ଷ ୮୪ ହଜାର ଲୋକଙ୍କୁ ବଣ୍ଟାଯିବ ମାଗଣା ଏଲପିଜି ସିଲିଣ୍ଡର

ନୂଆଦିଲ୍ଲୀ,୨୭।୧୦: ଆଗକୁ ଦୀପାବଳୀ ଆସୁଥିବା ବେଳେ ତା' ପୂର୍ବରୁ ଆସିଛି ଏକ ଖୁସି ଖବର । ଲକ୍ଷାଧିକ ଲୋକଙ୍କୁ ମାଗଣାରେ ଏଲପିଜି ଗ୍ୟାସ୍ ସିଲିଣ୍ଡର ବଣ୍ଟନ କରାଯିବ । ଦୀପାବଳୀ ପୂର୍ବରୁ 'ଫ୍ରି ସିଲିଣ୍ଡର ଯୋଜନା'ର ଶୁଭାରମ୍ଭ କରାଯାଇଛି । ତେବେ ସରକାରଙ୍କ ତରଫରୁ ଏହି ଯୋଜନାର ଆରମ୍ଭ କରାଯିବା ଦ୍ୱାରା ଲକ୍ଷାଧିକ ଲୋକ ଏହାଦ୍ୱାରା ଉପକୃତ ହେବେ । ନିକଟରେ ଉତ୍ତରପ୍ରଦେଶ ସରକାର ଏହି ଯୋଜନାର ଘୋଷଣା କରିଥିବା ବେଳେ ନିଜ ରାଜ୍ୟରେ ମାଗଣାରେ ଗ୍ୟାସ ସିଲିଣ୍ଡର ବାଣ୍ଟିବା ପାଇଁ ପ୍ରସ୍ତୁତି ଚାଲିଛି । ସୂଚନାଯୋଗ୍ୟ ଯେ, ଦୀପାବଳୀରେ ଜନସାଧାରଣଙ୍କୁ ମାଗଣା ସିଲିଣ୍ଡର ବଣ୍ଟନ ନେଇ ନିକଟରେ କିଛି ରାଜ୍ୟ ଘୋଷଣା କରିଛନ୍ତି । ନିକଟରେ ଉତ୍ତର ପ୍ରଦେଶ ସରକାର ଫ୍ରି ଗ୍ୟାସ ସିଲିଣ୍ଡର ଯୋଜନାର ଘୋଷଣା କରିଥିବା ବେଳେ ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ ଏପରି ଘୋଷଣା କରିଛନ୍ତି । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧିନରେ ଗ୍ୟାସ ସଂଯୋଗକାରୀଙ୍କୁ ଦୀପାବଳୀରେ ମାଗଣା ସିଲିଣ୍ଡର ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ହୋଲି ଓ ଦୀପାବଳୀରେ ଲାଭାର୍ଥୀଙ୍କୁ ମାଗଣା ସିଲିଣ୍ଡର ଦେବାକୁ ୟୁପି ସରକାର ଘୋଷଣା କରିଥିଲେ । ୧ ଲକ୍ଷ ୮୪ ହଜାର ୩୯ ଜଣ ଉପଭୋକ୍ତାଙ୍କୁ ମାଗଣାରେ ରୋଷେଇ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ ୟୁପି ସରକାର ଘୋଷଣା କରିଛନ୍ତି । ତେବେ ଏହାର ଫାଇଦା ପାଇବା ପାଇଁ ପୂର୍ବରୁ କନେକ୍ସନ ଥିବା ଲାଭାର୍ଥୀଙ୍କୁ ଗ୍ୟାସ ସିଲିଣ୍ଡରର ପୂରା ରାଶି ନଗଦ ଭାବେ ଭରଣା କରିବାକୁ ପଡ଼ିବ । ରିଫଣ୍ଡ ଭାବେ ଗ୍ରାହକଙ୍କ ବ୍ୟାଙ୍କ ଖାତାରେ ୩-୪ ଦିନ ପରେ ଅର୍ଥରାଶି ଟ୍ରାନ୍ସଫର ହୋଇଯିବ । ୟୁପି ସରକାରଙ୍କ ଘୋଷଣା ପରେ ଆନ୍ଧ୍ର ଓ ଉତ୍ତରାଖଣ୍ଡ ସରକାର ମଧ୍ୟ ଉଜ୍ଜ୍ୱଳା ଯୋଜନା ଅଧିନରେ ଲାଭାର୍ଥୀଙ୍କୁ ଦୀପାବଳୀରେ ଫ୍ରି ସିଲିଣ୍ଡର ଦେବାକୁ ଘୋଷଣା କରିଛନ୍ତି । ଏହାର ବେନିଫିଟ୍ ପାଇବାକୁ ହେଲେ ଆପଣଙ୍କୁ ଉଜ୍ଜ୍ୱଳା ଯୋଜନାରେ ପଞ୍ଜିକୃତ ହେବା ନିହାତି ଜରୁରୀ । ଆପଣ ନିକଟସ୍ଥ କମନ ସର୍ଭିସ ସେଣ୍ଟର ବା ଏଲପିଜି ଡିଷ୍ଟ୍ରିବ୍ୟୁଟରକୁ ଯାଇ ଆବେଦନ କରିପାରିବେ ।

# ବିକାଶ ଗ୍ରୁପ ଅଫ ତରଫରୁ ବିକାଶ ଅନ୍ୱେଷଣ




**ସୁନ୍ଦରଗଡ,୨୭।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜେଡିଆର୍ ହୋଟେଲ ପରିସରରେ ବିକାଶ ଗ୍ରୁପ ଅଫ ଅନୁଷ୍ଠାନ ତରଫରୁ ବିକାଶ ଅନ୍ୱେଷଣ ଓ ବିଦ୍ୟା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ମାନେ ସେମାନଙ୍କ ଅଭିଭାବକ ମାନଙ୍କ ସହ ଯୋଗ ଦେଇ ଥିଲେ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଦଶମ ଶ୍ରେଣୀ ପରେ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ଏଜୁକେସନର ମାର୍ଗ ଦେଖାଇବା । ପୂର୍ବରୁ ଅଭିଭାବକ ମାନେ ତାଙ୍କ ପିଲା ମାନଙ୍କୁ ଭଲ ବିଦ୍ୟାଳୟରେ ପାଠ ପଢ଼ାଇବା ନେଇ ଚିନ୍ତିତ ହେବା ସହ ନିଜେ ବିଭିନ୍ନ ବିଦ୍ୟାଳୟରେ ଉପସ୍ଥିତ ରହି ବିଚାର ବିମର୍ଷ କରୁଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଦ୍ୟା ବିକାଶ ଗ୍ରୁପ ଶିକ୍ଷା ଅନୁଷ୍ଠାନ ଏକ ନିଆରା ପରମ୍ପରା ସୃଷ୍ଟି କରିଛି । ଏହି ଅନୁଷ୍ଠାନ ସୁନ୍ଦରଗଡ଼ରେ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ନିକଟରେ ପହଞ୍ଚିଛି । ଗୋଟିଏ ପଟେ ସବୁ ଅଭିଭାବକଙ୍କ ସମୟକୁ ବଞ୍ଚାଇବା ସହ ଶିକ୍ଷା କ୍ଷେତ୍ରରେ ଆସିଥିବା ଉପାଦେୟ ତଥ୍ୟକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଛି । ଆଗାମୀ ଭବିଷ୍ୟତକୁ ଦେଖି ପାଠ ପଢ଼ାର ଶୈଳୀକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ବିଦ୍ୟା ବିକାଶ ଆଗଉଥିବା କଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ କହିଛନ୍ତି । ବିଦ୍ୟା ବିକାଶ ଗ୍ରୁପ୍ ର ସମସ୍ତ ଅନୁଷ୍ଠାନ ପାଠପଢାର ଏକ ଅନୁଖା ବାତାବରଣ ରଖିଛି । କୌଣସି ଛାତ୍ର ଛାତ୍ରୀ ଯେପରି ନିଜକୁ ଏକୁଟିଆ ବଞ୍ଚିବାର କଥା ଅନୁଭବ ନ କରନ୍ତି ସେ ସମସ୍ତ ଦିଗରେ ଏହି ଗ୍ରୁପ ଅଫ ଅନୁଷ୍ଠାନ ସତର୍କ ଥିବା କଥା ସ୍ପଷ୍ଟ କରିଛି । ସ୍କୁଲ ନିର୍ଘଣ୍ଟ ପରେ ମଧ୍ୟ ସ୍କୁଲର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତ୍ୟେକ ପିଲାଙ୍କ ପାଖରେ ପହଞ୍ଚି ପାଠ ପଢ଼ାରେ ରହୁଥିବା ସମସ୍ୟାର ସମାଧାନ କରିବା ସହ ସେହି ଛାତ୍ର ଛାତ୍ରୀ ମାନେ ଯେପରି ସହଜରେ ପାଠ ପଢାରେ ଅଗ୍ରସର ହେବେ ସେ ନେଇ ସମସ୍ତ ପଦକ୍ଷେପ ନେଇଥାନ୍ତି । ବିଦ୍ୟା ବିକାଶ ଗ୍ରୁପ ଅଫ ଅନୁଷ୍ଠାନ ସମ୍ବଲପୁର ଓ ଝାରସୁଗୁଡ଼ା ତରଫରୁ ବିକାଶ ଅନ୍ୱେଷଣ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ 'ବିଦ୍ୟା ସେତୁ' ସମ୍ମାନରେ ସମ୍ମାନିତ କରିଥିଲେ । ବିକାଶ ସିବିଏସଇର ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟା ବିକାଶ ଗ୍ରୁପର ମାର୍କେଟିଂ ମ୍ୟାନେଜର ସୁବଲ ପ୍ରଧାନ ଓ ଏଜିଏମ ଶ୍ରବଣ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ଗଜେନ୍ଦ୍ର ମାଝୀ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ



**ନୂଆପଡା,୨୭।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ବୋଡ଼େନ ବ୍ଲକ ବୁଢାପଡା ଠାରେ ଆଜି ପ୍ରଥମ ଗଜେନ୍ଦ୍ର ମାଝୀ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ ଦ୍ୱାରା ଖେଳାଳି ମାନେ ଆଗକୁ ଯାଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବିଜେଡିର ବରିଷ୍ଠ ନେତା ଲମ୍ବୋଦର ନିଆଲ, ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ସରପଞ୍ଚ ଚାତୁରୀ ବେହେରା,ପୂର୍ବତନ ସରପଞ୍ଚ କୃଷ୍ଣ ବେହେରା,ଭଞ୍ଜ କିଶୋର ମାଝୀ ଯୋଗଦେଇ ଖେଳାଳି ମାନେ ରାଜ୍ୟ ଓ ଦେଶ ପାଇଁ ଖେଳିବାକୁ ଏହି ଟୁର୍ଣ୍ଣାମେଣ୍ଟ ଭିତ୍ତିଭୂମି ଯୋଗାଇବ ବୋଲି କହିଥିଲେ। ଏହି ଫୁଟବଲ ମ୍ୟାଚ ଦୁଇ ଦିନ ଧରି ହଉଥିବା ବେଳେ ଏଥିରେ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି ଓ ଆସନ୍ତା କାଲି ଫାଇନାଲ ହେବ । ସ୍ୱର୍ଗତ ଗଜେନ୍ଦ୍ର ମାଝୀ ଙ୍କ ପୁଅ ଅମ୍ବିକା ପ୍ରସାଦ ମାଝୀ ଓ ସଂଯୁକ୍ତା ମାଝୀ ଆୟୋଜନ କରିଥିବା ବେଳେ ଗ୍ରାମ ବାସି ମାନେ ମଧ୍ୟ ସହଯୋଗ କରିଥିଲେ।ନୂଆପଡା ଜିଲ୍ଲା ରୁ ପରମେଶ୍ୱର ମେହେର ରିପୋର୍ଟ।

# ଆନ୍ଦୋଳନ ଚେତାବନୀ ଦେଲା ସଂଘ



**କଳାହାଣ୍ଡି,୨୭।୧୦(ସଂଚାର ବ୍ୟୁରୋ):** କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ପିପଲଝାପର ନିକଟ ପେନସାଲ ଠାରେ ରବିବାର ସାହାଜଖୋଲ ବନ ସୁରକ୍ଷା ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବେଣୁଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବେହେରା ଓ ଆମପାଣି ଫରେଷ୍ଟ ସେକ୍ସନ ଅଧିନ ୫୨ ଗୋଟି ବନ ସୁରକ୍ଷା ସମିତିର ସଭାପତି ଓ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଏହି କ୍ରମରେ ସାହାଖୋଲ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦିଗରେ ଆଲୋଚନା ହୋଇଥିଲା। ଜଙ୍ଗଲ ସୁରକ୍ଷା ନିମନ୍ତେ ବିଗତ ବର୍ଷ ମାନଙ୍କରେ ବନ ସୁରକ୍ଷା ମହାସଂଘ ପକ୍ଷରୁ ବିଭାଗୀୟ ଉଚ୍ଚ ଅଧିକାରୀ ମାନଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ଆଖି ଦୃସିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ଗତ ମାସରେ କୋକସରା ବ୍ଲକ କାର୍ଯ୍ୟଳୟ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ବନ ସୁରକ୍ଷା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏବଂ ଅଭିଯୋଗର ସମାଧାନ ନହେଲେ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ସଂଘ ଚେତାବନୀ ଦେଇଥିଲା। ହେଲେ ଅଭିଯୋଗର ମାସେ ପରେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ଯାହାକୁ ଆଜି ବେହେରା ଓ ଆମପାଣି ଫରେଷ୍ଟ ସେକ୍ସନ ଅଧିନ ଧର୍ମପୁର ଠାରୁ ଆମପାଣି ପର୍ଯ୍ୟନ୍ତ ସମସ୍ତ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ମାନେ ଏକଜୁଟ ହୋଇଥିଲେ। ଏବଂ ଆଗାମୀ ନଭେମ୍ବର ୭ ତାରିଖରେ ବେହେରା ଓ ଆମପାଣି ଫରେଷ୍ଟ ସେକ୍ସନ ଅଫିସକୁ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଆନ୍ଦୋଳନକୁ ତିବ୍ରତର କରିବା ଓ ବନ ବିଭାଗକୁ ବାଟକୁ ଆଣିବା ପାଇଁ କମିଟି ପୁନଃ ଗଠିତ ହେଇଥିଲା। ଏଥିରେ ସଭାପତି ଭାବେ ହେମନ୍ତ ମାଝୀ, ଉପସଭାପତି ତ୍ରିନାଥ ପୋଟା, ସମ୍ପାଦକ ଭଜମନ ନାଏକ, ସହ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୁଝାରୀ, କାର୍ଯ୍ୟକାରୀ ସଭାପତି ଭବେଶ ଗଇନ୍ତା, ସାଂଗଠନିକ ସମ୍ପାଦକ ନିରଞ୍ଜନ ବାଗ, ସାଂଗଠନିକ ସମ୍ପାଦିକା ହେମାଙ୍ଗିନୀ ହଂସ, କୋଷାଧ୍ୟକ୍ଷ ଭୁଜବଳ ସୋରୀ ପ୍ରମୁଖ ରହିଛନ୍ତି। ପୋଡାଗୁଡା ସରପଞ୍ଚ ଜୟରାମ ନାଏକ, ଭଜଶ୍ୟାମ ଜୁଏଡ, ନକୁଳ ନାଏକ, ସୁଧୀର ବାଗ, ସୁଭାଷ ଖର୍ସେଲ, ହିମାଚଳ ପୁଝାରୀ, ଭରତ ମାଝୀ ସମେତ ୫୨ ଖଣ୍ଡ ବନ ସୁରକ୍ଷା ସମିତିର ସଭାପତି ଓ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ପିଶାଚ ସ୍ୱାମୀର ବର୍ବରକାଣ୍ଡ

### ଟଙ୍କା ନଦେବାରୁ ସ୍ତ୍ରୀ ଗଳକାଟ



**କନ୍ଧମାଳ,୨୭।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ତୁମୁଡ଼ିବନ୍ଧ ଥାନା ନୂଆମୁଣ୍ଡା ଗାଁରେ ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାଁ ମଧୁବତି ବେହେରା ଦଳାଇ। ଅଭିଯୁକ୍ତ ତଥା ତାଙ୍କ ସ୍ୱାମୀଙ୍କ ନାଁ ଚନ୍ଦ୍ରକାନ୍ତ ବେହେରା ଦଳାଇ। ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ ତାଙ୍କ ପତ୍ନୀ ମଧୁବତିଙ୍କୁ ଟଙ୍କା ମାଗିଥିଲେ। ହେଲେ ମଧୁବତି ଟଙ୍କା ଦେଇ ନଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଉତ୍ୟକ୍ତ ଚନ୍ଦ୍ରକାନ୍ତ ଏକ ଧାରୁଆ ଛୁରୀ ଆଣି ତାଙ୍କ ପତ୍ନୀଙ୍କ ତଣ୍ଟିକୁ କାଟି ଦେଇଥିଲେ। ପୁଅ ସିପୁନ ବେହେରା ଦଳାଇ ଘରକୁ ଫେରିବା ପରେ ମା' ମଧୁବତିଙ୍କ ଗଳାକଟା ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ଘଟଣା ସଂପର୍କରେ ତୁମୁଡ଼ିବନ୍ଧ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହିତ ମୃତଦେହକୁ ଜବତ କରିଥିଲା। ଏହା ସହିତ ଅଭିଯୁକ୍ତ ଚନ୍ଦ୍ରକାନ୍ତ ବେହେରା ଦଳେଇଙ୍କୁ ଥାନାକୁ ନେଇ ଅଟକ ରଖିଛି ଏବଂ ପଚରାଉଚରା କରୁଛି।

## ଅମଲା ସଙ୍ଘର କାର୍ଯ୍ୟକାରୀ କମିଟି ବୈଠକ



**ବରଗଡ଼,୨୭।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ମିଳନ ମଣ୍ଡପ ଠାରେ ଆଜି (ଶନିବାର) ବରଗଡ଼ ଜିଲ୍ଲା ଅମଲା ସଙ୍ଘ ର କାର୍ଯ୍ୟକାରୀ କମିଟି ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ବରିଷ୍ଠ ଅଧିକାରୀ ଭୁବନାନନ୍ଦ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଘ ର ସଦସ୍ୟ ସମୀର ଭୋଇ ଓଡ଼ିଶା ପ୍ରଶାସନିକ ସେବା ରେ କୃତକାର୍ଯ୍ୟ ହୋଇଥିବାରୁ ତାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସଂଘର ଅବସର ଗ୍ରହଣ କରିଥିବା ସଦସ୍ୟ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିର୍ସାମୁଣ୍ଡା ଜୟନ୍ତୀ ପାଳନ ଓ ଦାବିପତ୍ର ପ୍ରଦାନ



**ପାଟଣାଗଡ, ୨୭।୧୦ (ସଂଚାର ବ୍ୟୁରୋ):** ସଙ୍କଟରେ ଡଙ୍ଗରଦେବତା ଗନ୍ଧମାର୍ଦନ ସୁରକ୍ଷା ଓ ସୁପରିଚାଳନ ନିମନ୍ତେ ସଂଘ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତି ଗ୍ରହଣ କରାଯିବା ସହିତ ଆସନ୍ତା ମାସ ନଭେମ୍ବର ୧୫ ତାରିଖ ଶୁକ୍ରବାର ଦିନ ୧୧ ଘଣ୍ଟା ସମୟରେ ଖପ୍ରାଖୋଲ ହାଇସ୍କୁଲ ପଡିଆ ଠାରୁ ବ୍ଲକ କାର୍ଯାଳୟ ପର୍ଯ୍ୟନ୍ତ ଏକ ଶୋଭଯାତ୍ରାରେ ବାହାରି ଦାବିପତ୍ର ପ୍ରଦାନ କରାଯିବ । ଭବିଷ୍ୟତରେ ସରକାର ଗନ୍ଧମାର୍ଦ୍ଦନ ରେ ଖଣି ଖନନ ର ନିଷ୍ପତ୍ତି ଗ୍ରହଣ କରନ୍ତି ତାହାହେଲେ ଜୋରଦାର ଆନ୍ଦୋଳନ କରାଯାଇ ଖୋଲା ଖୋଲି ବିରୋଧ କରାଯିବ ବୋଲି ସରକାର ଙ୍କୁ ଚେତାବନି ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯିବ ବୋଲି ଦୃଢ ସଂକଳ୍ପ ନିଆଯାଇଥିଲା । ଉକ୍ତ କାର୍ଯକ୍ରମରେ ଆବାହକ ଜୟ ସିଂ ପୂଝାରୀ ଙ୍କ ଆହ୍ୱାନକ୍ରମେ ଏବଂ ରାଜକୁମାର ସେଠ ଙ୍କ ସଭାପତିତ୍ୱରେ ଖପ୍ରାଖୋଲ ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ଆବାହକ ରବିନାରାୟଣ ସାହୁ, ସୁଶୀଲ ନାୟକ, ନୀଳମାଧବ ପାଣିଗ୍ରାହୀ, ମୋହନ ଜଗତ, ପ୍ରଶାନ୍ତ କୁମାର ମାଝୀ, ସଞ୍ଜୀବ ବରିହା, ଟେକେନ୍ଦ୍ର ଜାଲ, ଅଭିଳାଷ ଭୋଇ, କ୍ଷମାନିଧି ଭୋଇ, ସୁଫଳ କରୁଆଁ, ଶଶୀରେଖା ଧରୁଆ, କ୍ଷେମାଦ୍ରୀ ଶା ପ୍ରମୁଖ ନିଜସ୍ୱ ମତବ୍ୟକ୍ତ କରି ଗନ୍ଧମାର୍ଦନ ର ପରିବେଶ ଯେପରି ଅକ୍ଷୁନ୍ନ ରହିବ ତାର ସୁରକ୍ଷା ପ୍ରତି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ ବରଗଡର ଦ୍ୱିବାର୍ଷିକ ନିର୍ବାଚନ



**ଭେଡେନ ୨୭।୧୦ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ବରପାଲି ସ୍ଥିତ ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଓଡିଶା ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡର ଦ୍ୱିବାର୍ଷିକ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରପାଲି ଶାଖା ପକ୍ଷରୁ ଆୟୋଜିତ ବୈଠକ ସଂଘ ସଭାପତି ରବି ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ବୈଠକରେ ସଂଘ ସାଂଗଠାନିକ ସହ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ସଂଘ ପକ୍ଷରୁ ସଦସ୍ୟ ମାନଙ୍କର ୱେଲଫେୟାର ପାଇଁ ଗୁରୁତ୍ୱ ଦେବା ସହ ବରଗଡ ସଦର ମହକୁମା ଠାରେ ସଂଘର ଏକ ଅଫିସ ଗୃହ ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପ୍ରାରମ୍ଭରେ ବରପାଲି ୟୁନିଟ ସଂଯୋଜକ ସୁବ୍ରତ ସାହୁ ସ୍ୱାଗତ ଜଣାଇଥିବା ବେଳେ ପ୍ରଦ୍ୟୁମ୍ନ ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ସଂଘର ବିବରଣୀ ଉପସ୍ଥାପନା କଲାପରେ ଦ୍ୱିବାର୍ଷିକ ନିର୍ବାଚନ ଆରମ୍ଭ ହୋଇଥିଲା। ନିର୍ବାଚନୀ ଅଧିକାରୀ ଭାବରେ ସୁରେଶ ଦାଶ ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ହେମନ୍ତ ପ୍ରଧାନ ଦାୟିତ୍ୱଭାର ତୁଲାଇଥିଲେ। ଏହି ଅବସରରେ ଓୟୁଜେ ପକ୍ଷରୁ ସଂଗଠନ ସମ୍ପାଦକ ଋତୁରାଜ ସିଂ ଓ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ବଦ୍ରି ନାରାୟଣ ମିଶ୍ର ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ । ନିର୍ବାଚନରେ ରବି ନାରାୟଣ ପଣ୍ଡା ପୁନଃ ସପ୍ତମ ଥର ପାଇଁ ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ବଦ୍ରି ପ୍ରସାଦ ସାହୁ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ସେହିପରି ପ୍ରଭୁଚରଣ ମହାନ୍ତି ଓ ବ୍ୟୋମକେଶ କର ଉପ ସଭାପତି, ଜ୍ୟୋତି ରଞ୍ଜନ ମହାପାତ୍ର ଓ ନୀଳକଣ୍ଠ ଦୀପ ସମ୍ପାଦକ, ହେମନ୍ତ ନାୟକ କୋଷାଧ୍ୟକ୍ଷ , ରମଣୀ ରଂଜନ ବେହେରା ଅଫିସ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ରଞ୍ଜନ ଦେବତା ଜିଲ୍ଲା ସଂଯୋଜକ, ନରେନ୍ଦ୍ର କୁମାର ଦାଶ ଜିଲ୍ଲା ମିଡ଼ିଆ ସେଲ ସଂଯୋଜକ, କ୍ଷମାନିଧି ନାୟକ ଟ୍ରିବ୍ୟୁନାଲ ଅଧ୍ୟକ୍ଷ, ଯୁଧିଷ୍ଠିର ମହାପାତ୍ର ସାମ୍ବାଦିକ କଲ୍ୟାଣ ବିଭାଗ ଅଧ୍ୟକ୍ଷ ଭାବରେ ମନୋନିତ ହୋଇଥିଲେ । ସେହିପରି ବ୍ଲକ୍ ସଂଯୋଜକ ଭାବରେ ଅତାବିରା ବ୍ଲକ ପାଇଁ କୀର୍ତ୍ତନ ବିଶ୍ୱାଳ,ଅମ୍ବାଭୋନା ବ୍ଲକ ପାଇଁ ରଞ୍ଜିତ ଦାଶ, ବରଗଡ ବ୍ଲକ ପାଇଁ ନେପାଳ ପ୍ରଧାନ, ବରପାଲି ବ୍ଲକ ପାଇଁ ସୁବ୍ରତ ସାହୁ, ବିଜେପୁର ବ୍ଲକ ପାଇଁ ପାଣ୍ଡବ ପ୍ରଧାନ, ଭଟଲି ବ୍ଲକ ପାଇଁ ରାଜେଶ ମିଶ୍ର, ଝାରବନ୍ଧ ବ୍ଲକ ପାଇଁ ଦେବେନ୍ଦ୍ର ସାହୁ, ଭେଡେନ ବ୍ଲକ ପାଇଁ ବଳରାମ ବାଗ , ଗାଇସିଲେଟ ବ୍ଲକ ପାଇଁ ରଙ୍ଗମଣି ସାହୁ, ପାଇକମାଳ ପାଇଁ ଧିରେନ ମହାନ୍ତି, ପଦ୍ମପୁର ବ୍ଲକ ପାଇଁ ସୁଦାମ ପ୍ରଧାନ ଓ ସୋହେଲା ବ୍ଲକ ପାଇଁ ଅଶ୍ୱିନୀ ପାତ୍ର ମନୋନୀତ ହୋଇଛନ୍ତି । ଜାବର ବରିଷ୍ଠ ସଦସ୍ୟ ସିଂହନାଦ ପ୍ରଧାନ ମଞ୍ଚାସୀନ ଥିବା ବେଳେ ଏହି ବୈଠକରେ ସଂଘର ଜିଲ୍ଲାର ସମସ୍ତ ୧୨ ଟି ବ୍ଲକ ୟୁନିଟ ରୁ ପ୍ରାୟ ୭୦ ଜଣ ସଦସ୍ୟ ଯୋଗଦାନ କରିଥିଲେ । ବରିଷ୍ଠ ସଦସ୍ୟ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବ୍ୟବସ୍ଥା ମଧ୍ୟରେ ଲଘୁଚାପ ଜନିତ ବାତ୍ୟା ମୁକାବିଲା

**ବେତନଟୀ,୨୭।୧୦(ସଂଚାର ବ୍ୟୁରୋ):** ପାଣିପାଗ ବିଶେଷଜ୍ଞ ମାନଙ୍କର ସତର୍କତା ଅନୁଯାୟୀ ବାତ୍ୟା ଦାନା କୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାରଙ୍କ ରିଲିଫ କମିଶନର ଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।ଓଡ୍ରାଫ ଟିମ ଠାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ପୁରା ଦମରେ ଦାନା କୁ ମୁକାବିଲା କରିବା ପାଇଁ ପଦକ୍ଷେପ ନେଇଥିଲେ ହେଁ ବେତନଟୀ ବ୍ଲକ ଅଧିନସ୍ଥ ୪୫ ଟି ଅସ୍ଥାୟୀ ବନ୍ୟା ଆଶ୍ରୟ ସ୍ଥଳୀ ଛଅ ହଜାର ଲୋକଙ୍କର ଥଇଥାନ କରା ଯାଇଥିଲେ ହେଁ ୩୯ ଟି ଆଶ୍ରୟ ସ୍ଥଳୀରେ ପାଞ୍ଚ ହଜାର ଲୋକ ରହିବାର ବ୍ୟବସ୍ଥା କରାଯାଇଥିଲା । ଯେଉଁ ଅନୁପାତରେ ଅବପାତ ନେଇ ବର୍ଷା ଓ ପବନ ବୋହିବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା ସେହି ଅନୁପାତ ରେ ବର୍ଷା ବା ପବନ ଉଗ୍ରରୂପ ଧାରଣ କରି ନ ଥିଲା । ଏଣୁ ଗଣମାଧ୍ୟମ ରେ ପ୍ରସାରିତ ଖବର ଅନୁଯାୟୀ ଲୋକେ ଅଧିକ ଭୟଭୀତ ହୋଇ ନିଜ ଘର ଦ୍ୱାର ଓ ଗୃହ ପାଳିତ ପଶୁ ତଥା ନିଜ ଘରର ଆସବା ପତ୍ର ଛାଡି ଆଶ୍ରୟ ସ୍ଥଳୀକୁ ଆସିଥିଲେ ହେଁ ଅନେକାଂଶ ରେ ଏହି ଲୋକ ମାନେ ବ୍ଲକ ପ୍ରଶାସନର ଅବହେଳା ଓ ପରିଚାଳନା ଗତ ତୃଟି ପାଇଁ ଖାଇବାକୁ ପାଇ ନ ଥିବାର ଅଭିଯୋଗ ହୋଇଛି। ଏପରିକି ଛୋଟ ପିଲା ମାନଙ୍କୁ ମଧ୍ୟ ୨୫ ତାରିଖ ସକାଳ ଦଶଟା ସୁଦ୍ଧା ଜଳଖିଆ ଦିଆଯାଇ ପାରି ନ ଥିବା ଅନେକ ବାପା ମା ଓ ପରିବାର ଲୋକ ଅଭିଯୋଗ କରିଛନ୍ତି । ଯେଉଁ ଆଶ୍ରୟ ସ୍ଥଳୀ ମାନଙ୍କରେ ଲୋକଙ୍କୁ ଥଇଥାନ କରାଯାଇଥିଲା ଶୌଚାଳୟ ରେ ପାଣି ର ଅଭାବ ଦେଖା ଯିବା ସାଙ୍ଗକୁ ଟାଟା ପାୱାର ର ଦିନ ଯାକ ଲାଇନ କାଟ ଯୋଗୁଁ ପିଇବା ପାଣି ସମସ୍ୟା ବି ଗୁରୁତ୍ୱ ର ହୋଇଥିବା ଅଭିଯୋଗ ହୋଇଛି । କେତେକ ଲୋକ ଆଶ୍ରମ ସ୍ଥଳୀ ମାନଙ୍କରେ ଖାଇବାକୁ ନ ପାଇ ଘରକୁ ଫେରି ଯାଇଥିବାର ଖବର ମିଳିଥିଲେ ସୁଦ୍ଧା ପ୍ରଶାସନ ଦୃଷ୍ଟି ଦେଇ ନ ଥିଲା । ରାତିରେ ଆଶ୍ରୟ ସ୍ଥଳୀ ମାନଙ୍କରେ ଆଲୋକର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଅସହାୟ ଅବସ୍ଥାରେ ରାତ୍ରି ଯାପନ କରିଥିବା କହିଛନ୍ତି। ବର୍ଷା ଦିନ ତମାମ ଓ ରାତି ତମାମ ଲାଗି ରହିଥିଲେ ହେଁ ବେତନଟୀ ବ୍ଲକର କୌଣସି ନଦୀର ଜଳସ୍ତର ବିପଦ ସଂକେତ ଛୁଇଁ ନ ଥିଲା କି କୌଣସି ଗ୍ରାମ ର ଲୋକ ଜଳବନ୍ଦୀ ହୋଇ ନ ଥିଲେ ।

# ରାଇଘରରୁ ଗଡ଼ିଲା ରାଉରକେଲା ଭଲବୋ ବସ




**ରାଇଘର, ୨୭।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଦୁର୍ଗମ ରାଇଘର ବ୍ଲକ ଏହି ଉପାନୁ ରାଇଘର ବ୍ଲକ ରୁ ଆଜି ଗଡିଲା ସରକାରୀ ଭୋଲଭୋ ବସ ଏବଂ ଲୋକଙ୍କ ବହୁ ଦିନର ଆଶା ହେଲା ପୂରଣ, ରାଜ୍ୟ ସରକାର ଙ୍କ ଜଗନ୍ନାଥ ଏକ୍ସପ୍ରେସ ଭାବେ ଏହି ବସ ଉଭୟ ଆଡୁ ପ୍ରତିଦିନ ଯାତାୟାତ କରିବ, ଏହି ଅବସରରେ ରାଇଘର ବିଜେପି ପକ୍ଷରୁ ହନୁମାନ ମନ୍ଦିର ନିକଟରେ "କଥା ଦେଇ କଥା ରଖିଲେ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥୁଲା, ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥୁ ରୂପେ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଏହି ବସ କୁ ଶୁଭାରମ୍ଭ କରିଥିବା ବେଳେ ନବରଙ୍ଗପୁର ପରିବହନ ବିଭାଗର ମ୍ୟାନେଜର ସନ୍ତୋଷ ନାୟକ ସଭାପତିତ୍ୱ କରିଥିଲେ ମଞ୍ଚ ପରିଚାଳନା କରିଥିଲେ ପ୍ରୀତିସ୍ମିତ୍ମା ମହାପାତ୍ର,ବହୁତ ଦିନ ଧରି ଲୋକଙ୍କ ଆଶା ରହିଥୁଲା ରାଇଘର ରୁ ସିଧାସଳଖ ରାଉରକେଲା ଯିବାର ତାହା ଆଜି ସ୍ୱପ୍ନୟ ପୂରଣ କଲେ ମୋହନ ସରକାର ଙ୍କ ପରିବହନ ମନ୍ତ୍ରୀ ବିଭୁତି ଜେନା ଙ୍କୁ ଗଣଶିକ୍ଷା ମନ୍ତ୍ରୀ ଧନ୍ୟବାଦ ଜଣେଇଥିଲେ, ରାଇଘର ରୁ ସନ୍ଧ୍ୟା ୬ ଟାରୁ ବାହାରି ଏହି ବସ ନବରଙ୍ଗପୁର, ଭବାନୀପାଟଣା, ଜୁନାଗଡ଼, ବଲାଙ୍ଗୀର, ବରପାଲି, ବରଗଡ଼, ଝାରସୁଗୁଡା, ସମ୍ବଲପୁରୀ ଏବଂ ରାଜଗାଙ୍ଗପୁର ଦେଇ ସକାଳ ସାଢେ ୬ ଟା ବେଳେ ପହଂଚିବ ରାଉରକେଲା,ପ୍ରାୟ ସାଢେ ୧୨ ଘଣ୍ଟା ସମୟ ଧରି ଏହି ବସ ଯାତ୍ରୀଙ୍କ ବିଳାସପୂର୍ଣ୍ଣ ଯାତ୍ରା ଯୋଗେଇ ଦେବାର ବ୍ୟବସ୍ଥା ରହିଛି ବୋଲି ନବରଙ୍ଗପୁର ଜିଲ୍ଲା ପରିବହନ ମ୍ୟାନେଜର ସନ୍ତୋଷ ନାୟକ ପ୍ରକାଶ କରିଛନ୍ତି,ପୁରୁଷ ଯାତ୍ରୀ ଙ୍କ ପାଇଁ ଟିକଟ ମୂଲ୍ୟ ୧୨୭୦ ଟଙ୍କା ଥିବାବେଳେ ମହିଳା ଯାତ୍ରୀ ଙ୍କ ପାଇଁ ଟିକଟ ମୂଲ୍ୟ ଥିଲେ ୬୩୫ ଟଙ୍କା,ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଥମେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନଡ଼ିଆ ବାଡେଇ ବସକୁ ପୂଜାର୍ଚ୍ଚନା କରି ପତାକା ଦେଖେଇ ବସ ର ଶୁଭାରମ୍ଭ କରିଥିଲେ ଆଜିର ଏହି କାର୍ଯ୍ୟକ୍ରମ ରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ରାଜ୍ୟ ସମ୍ପାଦକ ରମେଶ ସାହୁ,ମନ୍ତ୍ରୀ ଙ୍କ ପ୍ରତିନିଧ୍ ପ୍ରୀତିସ୍ମିତ୍ମା ମହାପାତ୍ର,ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ମାଝୀ, ଗଞ୍ଜାପାରା ସରପଞ୍ଚ ମୋତିରାମ ନାୟକ, ରାଇଘର ମଣ୍ଡଳ ସଭାପତି ମନୋହର ଦଣ୍ଡସେନା, ଯୋଡିଙ୍ଗା ମଣ୍ଡଳ ସଭାପତି ଶରତ ଜେନା,ବିଧାୟକ ପ୍ରତିନିଧୁ ଶିବନାଥ ବାନାର୍ଜୀ ଙ୍କ ସମେତ ସମସ୍ତ ବିଜେପି କର୍ମୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## ଦିଲ୍ଲୀରୁ ଦୁଇକୋଟି ଟଙ୍କା, ଓ ସୁନାଗହଣା ଚୋରି

**ନୀଳଗିରି,୨୭।୧୦(ସଂଚାର ବ୍ୟୁରୋ):** ବାହାର ରାଜ୍ୟରେ ଅର୍ଥ ଉପାର୍ଜନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ କିଛି ଅସାଧୁ ଲୋକଙ୍କ ପାଇଁ ନୀଳଗିରି ଅଞ୍ଚଳ ଦିନକୁଦିନ ନିନ୍ଦିତ ହେଉଛି। ଏହିପରି ଘଟଣା ବିଭିନ୍ନ ସମୟରେ ଘଟୁଥିବା ବେଳେ କିଛିଦିନ ତଳେ ଦିଲ୍ଲୀର ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ଘରେ ରହି ରୋଷେୟା କାମ କରୁଥିବା ଔପଦା ବ୍ଲକ୍ ଇଶ୍ୱରପୁର ପଞ୍ଚାୟତ ଭିମେଇ ଗ୍ରାମର ରମେଶ ନାୟକ (୩୫)ଙ୍କ ସମେତ ଅନ୍ୟ ସହଯୋଗୀ ପାଖାପାଖି ଦୁଇକୋଟି ମୂଲ୍ୟର ସୁନାଗହଣା ଏବଂ ନଗଦ ଟଙ୍କା ଚୋରିକରି ଖସି ପଳାଇଆସିଥିଲେ। ଏନେଇ ନୂଆଦିଲ୍ଲୀ ସ୍ଥିତ ଚିତ୍ତରଞ୍ଜନ ପାର୍କ ପୋଲିସଷ୍ଟେସନରେ ଗତ ୧୫/୧୦ ରେ ଅଭିଯୋଗ ପରେ ୨୪୩/୨୪ନଂ କେସ ରୁଜୁ ପରେ ୫ଜଣିଆ ଦିଲ୍ଲୀପୋଲିସ ଘଟଣାର ଖୋଳତାଡ କରିବା ପାଇଁ ଓଡ଼ିଶା ଆସିଥିଲା। ଗତ ୨୨/୧୦ରେ ନୀଳଗିରି ପହଞ୍ଚି ନୀଳଗିରି ପୋଲିସ ସହାୟତାରେ ଭୀମେଇ ଗ୍ରାମରେ ଅତର୍କିତ ଚଢ଼ାଉ କରିଥିଲେ। ମାତ୍ର ସେଭଳି ସଫଳତା ମିଳିପାରିନଥିବା ଜଣକୁ ଅଟକ ରଖି ପଚରାଉଚରା ଜାରିରଖିଥିଲା। ଦିଲ୍ଲୀ ବିମାନବନ୍ଦର ସିସି ଟିଭି ଫୁଟେଜ ଅନୁଯାୟୀ ରମେଶକୁ ଗିରଫ କରି ତାଙ୍କ ନିକଟରୁ ନଗଦ ୮୫ହଜାର ଟଙ୍କା ଜବତ କରିଥିଲା। ତେବେ ଦିଲ୍ଲୀ ପୋଲିସ ୨୬ତାରିଖ ରମେଶକୁ ନୀଳଗିରିର ମାନ୍ୟବର କୋର୍ଟରେ ହାଜର କରିବା ସହିତ ତାଙ୍କୁ ନିଜ ହେପାଜାତକୁ ନେଇ ଦିଲ୍ଲୀ ଫେରିଯାଇଥିବା ସୂଚନା ମିଳିଛି।

## କେନାଲ ଜବରଦଖଲ, ଘଟଣା ସ୍ଥଳରେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୨୭।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ସିଂଘିଯୁପା ପଞ୍ଚାୟତ କମିରାରୁ ଖଇରମାଲ ଜୋର(ନାଳ)କୁ ସଂଯୋଗ କରିଥିବା କେନାଲ ଉପରେ ଜଣେ ବ୍ୟକ୍ତି ଜବର ଦଖଲ କରି ସଲଭେଣ୍ଟ ପ୍ଲାଣ୍ଟ ନିର୍ମାଣ କରିଛନ୍ତି। ଫଳରେ ବହୁ ଚାଷ ଜମିରେ ପାଣି ମାଡି ପାରୁନାହିଁ। ଏ ନେଇ ଜଣେ ଚାଷୀଙ୍କ ଅଭିଯୋଗ ପରେ ଜିଲ୍ଲାପାଳ ଅନ୍ୟା ଦାସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାପଡିଛି। ସୂଚନା ଅନୁସାରେ ଜଣେ ପ୍ରଭାବ ଶାଳୀ ବ୍ୟକ୍ତି ଉକ୍ତ କେନାଲକୁ ଜବର ଦଖଲ କରି ସଲଭେଣ୍ଟ ପ୍ଲାଣ୍ଟ ନିର୍ମାଣ କରିଥିବା ଚାଷୀ ମାନେ ଅଭିଯୋଗ କରି ଆସୁଥିଲେ। ଫଳରେ ବହୁ ଚାଷ ଜମି ଚାଷ ହୋଇ ନ ପାରି ପଡିଆ ପଡିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଚାଷୀ ବଳିଷ୍ଠ ମହାକୁର ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ହେଲେ କୌଣସି ସୁଫଳ ମିଳି ନ ଥିଲା। ପରେ ଚାଷୀ ଜଣକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲାପାଳ ଅନ୍ୟା ଦାସ, ତହସିଲଦାର ସୀତାରାମ ଭୋଇ , କେନାଲ ଡିଭିଜନର ଅଧିକାରୀ ମାନେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

## ବଦଳିଲେ ୫ ବିଡିଓ

**ଯାଜପୁର,୨୭।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆଜି ବିଡିଓ ଅଦଳବଦଳ କରାଯାଇଛି। ଏହି ତାଲିକାରେ ଯାଜପୁରର ୫ ଜଣ ବିଡିଓ ବଦଳି ହୋଇଛନ୍ତି। ସୁକିନ୍ଦା ବିଡିଓ ଅଭିଷେକ ସ୍ୱାଇଁଙ୍କୁ କେନ୍ଦ୍ରାପଡା ବଦଳି କରାଯାଇଥିବା ବେଳେ,ବିଂଝାରପୁର ବିଡିଓ ଦ୍ୱିବେନ୍ଦୁ ଦାଶଙ୍କୁ କଟକ ନିଶ୍ଚିତକୋଇଲି ବିଡିଓ ଭାବେ ବଦଳି କରାଯାଇଛି ଓ ନୂଆପଡା କୋମନା ବିଡିଓ ଥିବା ହିତାଂଶୁ ଶେଖର ସାମଲଙ୍କୁ ବିଂଝାରପୁର ବିଡିଓ ଭାବେ ନିଯୁକ୍ତି ମିଳିଛି। ବରୀ ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ କେନ୍ଦ୍ରାପଡା ମାର୍ଶାଘାଇ ବିଡିଓ ଭାବେ ବଦଳି ହୋଇଛି। ଯାଜପୁର ବିଡିଓ ସ୍ୱାଗତ ଦାସଙ୍କୁ କଟକ ବାରଙ୍ଗ ବିଡିଓ ଭାବେ ବଦଳି କରାଯାଇଛି। ବାରଙ୍ଗ ବିଡିଓ ଥିବା ଧର୍ମ ରଂଜନ ପଣ୍ଡାଙ୍କୁ ଯାଜପୁର ବିଡିଓ ଭାବେ ନିଯୁକ୍ତି କରାଯାଇଛି।ଦାନଗଦିର ସାରଦା ପ୍ରସନ ପଣ୍ଡାଙ୍କୁ ନୟାଗଡ଼ ଜିଲ୍ଲା ଭାପୁର ବିଡିଓ ଭାବେ ବଦଳି କରାଯାଇଛି ।

## ପ୍ରକାଶଙ୍କ ପାଇଁ ଆବାସ ସାତ ସପନ

**କେନ୍ଦ୍ରାପଡ଼ା,୨୭।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ କେହି କଚ୍ଚା ଘରେ ରହିବେନି। ସମସ୍ତଙ୍କ ପାଇଁ ସରକାର ପକ୍କା ଗୃହ ଯୋଗାଇ ଦେବାକୁ ପ୍ରୟାସ କରୁଛନ୍ତି। ହେଲେ ଏହି ସରକାରୀ ଆବାସ ପ୍ରକାଶଙ୍କ ପାଇଁ ପାଲଟିଛି ସାତ ସପନ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ମହାକାଳପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେୟାରବାଙ୍କ ଗ୍ରାମ ଖମାର ସାହିର ପ୍ରକାଶ ସୂତାରଙ୍କ ଦୁର୍ଦ୍ଦଶା କହିଲେ ନସରେ । ପ୍ରକାଶ ଜଣେ ଦିନ ମଜୁରୀଆ ନିଜର ସ୍ତ୍ରୀ ଓ ଦୁଇଟି ଝିଅକୁ ନେଇ ତାଙ୍କ ଘର ସଂସାର। ଖଣ୍ଡିଏ ଚାଳ ଛପର ଘରେ ପରିବାରକୁ ନେଇ ବହୁ କଷ୍ଟରେ ପରିବାର ସହ ରହି ଆସୁଛନ୍ତି। ସେହି ଘରେ ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି ଯାହା ଫଳରେ ବହୁ କଷ୍ଟରେ ତାଙ୍କ ପରିବାର ରହୁଛନ୍ତି। ଏଯାଏଁ ତାଙ୍କୁ ସରକାରଙ୍କ ଆବାସ ଯୋଜନା ରେ ଘର ଖଣ୍ଡିଏ ମିଳି ପାରି ନାହିଁ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ପ୍ରକାଶଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଯେମିତି ସ୍ୱପ୍ନ ପାଲଟିଛି। ଯେଉଁଥି ପାଇଁ ସେ ଏମିତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ସେହି ଛପର ଘରେ ରହୁଛନ୍ତି। ନିକଟରେ ହୋଇଥିବା ବାତ୍ୟା "ଦାନା" ରେ ଘରର କାନ୍ଥ ଏବେ ଭିଜି ଯାଇଛି ।ଛପରରୁ ପାଣି ଗଳୁଛି ସରକାରଙ୍କ ନିୟମ କାନୁନ ବିଷୟରେ ଅବଗତ ନଥିବା ପ୍ରକାଶ ଘର ଖଣ୍ଡିଏ ପାଇଁ ଏବେ "ମହାକାଳପଡ଼ା ୟୁଥ୍ ଗ୍ରୁପ୍" ମାଧ୍ୟମରେ ସରକାରଙ୍କୁ ଗୁହାରି କରିଛନ୍ତି। ସରକାର ଏ ଘଟଣାରେ ଦୃଷ୍ଟି ଦେଇ ପ୍ରକାଶଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ମାନେ ଦାବି କରିଛନ୍ତି।